# ନିତିଦିନ
NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
18 APRIL 2026
ଶନିବାର
୧୮ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 330 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୩୦ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର



### ଲେବାନନ୍-ଇସ୍ରାଏଲ୍ ଅସ୍ତ୍ରବିରତି ପରେ ବିଶ୍ୱକୁ ବଡ଼ ଆଶ୍ୱସ୍ତି

## ହର୍ମୁଜ୍ ଖୋଲିଲା ଇରାନ୍



**ସ୍ୱାଭାବିକ ହେବ ବାଣିଜ୍ୟିକ ଜାହାଜ ଚଳାଚଳ**

**ଖୁବଶୀଘ୍ର ହ୍ରାସ ପାଇବ ତୈଳ, ଗ୍ୟାସ୍ ମୂଲ୍ୟ**



**ତେହେରାନ,ବେରୁତ,୧୭।୪/ଏଜେନ୍ସି:**

ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଏକ ବଡ଼ ଧରଣର କୂଟନୈତିକ ସଫଳତା ମିଳିଛି । ଇସ୍ରାଏଲ ଓ ଲେବାନନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହେବା ପରେ ଇରାନ୍ ଶୁକ୍ରବାର ଏହାର ଗୁରୁତ୍ୱପୂର୍ଣ୍ଣ ଜଳପଥ 'ହର୍ମୁଜ ପ୍ରଣାଳୀ' କୁ ବାଣିଜ୍ୟିକ କାରବାର ପାଇଁ ସମ୍ପୂର୍ଣ୍ଣ ଖୋଲି ଦେଇଛି । ଇରାନର ଏହି ପଦକ୍ଷେପ କେବଳ ଏକ ସାମରିକ ବିରତି ନୁହେଁ ବରଂ ବିଶ୍ୱ ଅର୍ଥନୀତି ପାଇଁ ବଡ଼ ଆଶ୍ୱସ୍ତିର କାରଣ ହୋଇଛି । ଇରାନ୍‌ର ଏହି ନିଷ୍ପତ୍ତି ପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦରରେ ହ୍ରାସ ଘଟିବା ସହ ଅର୍ଥନୈତିକ ଅନିଶ୍ଚିତତା ଦୂର ହେବାର ଆଶା କରାଯାଉଛି । ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତୈଳ ପରିବହନ ଏହି ପଥ ଦେଇ ହେଉଥିବାରୁ, ଇରାନର ଏହି ଆଭିମୁଖ୍ୟ ପଛରେ ଉଭୟ ରଣନୈତିକ ଚାପ ଏବଂ କୂଟନୈତିକ ବୁଝାମଣା ରହିଥିବା ବିଶ୍ଳେଷକମାନେ କହିଛନ୍ତି ।

ଇରାନ୍ ବୈଦେଶିକ ମନ୍ତ୍ରୀ ସୟଦ ଅବ୍ବାସ୍ ଅରାଘାଚି ଏକ୍ସ' ରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି ଯେ, ଇରାନ୍ କେବେ ବି ଚାହିଁନଥିଲା ବିଶ୍ୱ ବାଣିଜ୍ୟ ପ୍ରଭାବିତ ହେଉ । କିନ୍ତୁ ଇରାନ୍ ପକ୍ଷେ ଏପରି କରିବା ସମୟର ଆବଶ୍ୟକତା ସାଜିଥିଲା । ଏବେ ଯେତେବେଳେ ଯୁଦ୍ଧ ବିରତି ଜାରି ରହିଛି ଏବଂ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ସେତେବେଳେ ଇରାନ୍ ବିଶ୍ୱ ବାଣିଜ୍ୟକୁ ସ୍ୱାଭାବିକ କରିବା ଉଦ୍ଦେଶ୍ୟରେ ହର୍ମୁଜ୍ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଭାବେ ଉନ୍ମୁକ୍ତ କରିବାକୁ ନିଷ୍ପତ୍ତି ନେଇଛି । ତେବେ ଏହି ସମୟ ମଧ୍ୟରେ କେବଳ ସମସ୍ତ ବାଣିଜ୍ୟିକ ଜାହାଜ ଚଳାଚଳ ପାଇଁ ଅନୁମତି ଦିଆଯିବ । ▶▶ ୬

## ଜୀବନ ହାରିଲେ ପ୍ରେମୀଯୁଗଳ

**ଠାକୁରମୁଣ୍ଡା,୧୭।୪/ଏନ୍ଏନ୍ଏସ୍:**

ଜୀବନ ହାରିଲେ ପ୍ରେମୀ ଯୁଗଳ । ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ତାଳପଦା ଗ୍ରାମପଞ୍ଚାୟତ କାଳିଆପୋଶି ଗ୍ରାମରେ ଶୁକ୍ରବାର ଏକ ଗଛରୁ ଜଣେ ନାବାଳିକା ଓ ଜଣେ ୧୯ ବର୍ଷୀୟ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି । ନାବାଳିକା ସ୍ଥାନୀୟ ଅଞ୍ଚଳର ହୋଇଥିଲା ବେଳେ ପ୍ରେମିକ କରଞ୍ଜିଆ ଥାନା କୁଳିପସ ଗ୍ରାମପଞ୍ଚାୟତ ସୁନିପଶି ଗ୍ରାମର ପଞ୍ଚୁ ମାରାଣ୍ଡି (୧୯ ବର୍ଷ) ବୋଲି ଜଣାପଡ଼ିଛି । ପଞ୍ଚୁ ଭଦ୍ରକରେ ଏକ କଲେଜରେ ପଢୁଥିଲେ ବୋଲି ଜଣାପଡ଼ିଛି । ସେ ଗତକାଲି ଭଦ୍ରକରୁ ଗାଁକୁ ଆସିଥିଲେ । ନାବାଳିକା ଜଣଙ୍କ ଗତକାଲି ରାତିରେ ଖାଇବା ପରେ ତାଙ୍କ ବଡ଼ ବାପାଙ୍କ ଘରକୁ ଶୋଇବାକୁ ଯାଇଥିଲେ । ଆଜି ସକାଳେ ଗ୍ରାମବାସୀ ଏକ କରଞ୍ଜ ଗଛରେ ସେମାନଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ । ଗୋଟିଏ ଶାଢ଼ୀରେ ସେମାନେ ଝୁଲି ରହିଥିଲେ । ଗାଁର ୱାର୍ଡ ମେମ୍ବର ପୁଲିସକୁ ସୂଚନା ଦେବା ପରେ ଉପଖଣ୍ଡ ପୁଲିସ ଅଧିକାରୀ, ▶▶ ୬

**ଏନ୍‌ଡିଏକୁ ଝଟ୍‌କା**

# ସମ୍ବିଧାନ ସଂଶୋଧନ ବିଲ୍ ଫେଲ୍

**ନୂଆଦିଲ୍ଲୀ, ୧୭।୪/ଏଜେନ୍ସି:**

ଲୋକସଭାରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ବଡ଼ ଝଟକା ଲାଗିଛି । ମହିଳା ସଂରକ୍ଷଣ ସହ ଜଡ଼ିତ ସମ୍ବିଧାନ (୧୩୧ତମ) ସଂଶୋଧନ ବିଲ୍‌କୁ ସମସ୍ତ ଚେଷ୍ଟା ସତ୍ତ୍ୱେ ମୋଦୀ ସରକାର ଲୋକସଭାରେ ପାସ୍ କରାଇପାରିନାହାନ୍ତି । ୫୪ ଭୋଟ୍‌ରେ ଫେଲ୍ ମାରିଛି ଏହି ବିଲ୍ । ସମ୍ବିଧାନ (୧୩୧ତମ) ସଂଶୋଧନ ବିଲ୍‌କୁ ପାରିତ କରାଇବା ପାଇଁ ଶୁକ୍ରବାର କରାଯାଇଥିବା ଭୋଟିଂ ପ୍ରକ୍ରିୟାରେ ଲୋକସଭାର ୫୨୮ ସାଂସଦ ଭୋଟ୍ ଦେଇଥିଲେ । ତେବେ ଗଣତି ସମୟରେ ବିଲ୍ ସପକ୍ଷରେ ୨୯୮ଟି ଭୋଟ୍ ପଡ଼ିଥିବା ବେଳେ ବିପକ୍ଷରେ ୨୩୦ଟି ଭୋଟ୍ ପଡିଥିବା ସ୍ପଷ୍ଟ ହୋଇଥିଲା । ପ୍ରକାଶ, ଏହି ବିଲ୍‌ରେ ସଂସଦର ଆସନ ସଂଖ୍ୟା ୫୪୩ରୁ ବୃଦ୍ଧି କରି ୮୫୦ (୮୧୫ଟି ଆସନ ରାଜ୍ୟଗୁଡ଼ିକ ପାଇଁ ଏବଂ ୩୫ଟି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ) କରିବା ସହ ମହିଳାଙ୍କ ପାଇଁ ୩୩% ସଂରକ୍ଷଣର ବ୍ୟବସ୍ଥା କରାଯିବାର ମଧ୍ୟ ପ୍ରାବଧାନ ରହିଥିଲା । କିନ୍ତୁ ବିରୋଧୀଙ୍କ ଅସହଯୋଗ ଯୋଗୁ ଏହି ବିଲ୍ କାଟ୍ ଖାଇଛି । ସମ୍ବିଧାନ ସଂଶୋଧନ ବିଲ୍ କାଟ୍ ଖାଇବା ଯୋଗୁ ମହିଳା ସଂରକ୍ଷଣ ବିଲ୍ ମଧ୍ୟ ସ୍ୱତଃ ପ୍ରବୃତ୍ତ ଭାବେ ଫେଲ୍ ମାରିଛି । ଦୀର୍ଘ ୨୧ ଘଣ୍ଟାର ଆଲୋଚନା ପରେ ଏହି ବିଲ୍ ଉପରେ ଆଜି ଭୋଟିଂ ହୋଇଥିଲା । ଅନ୍ୟପକ୍ଷେ ଭୋଟିଂ ଫଳାଫଳ ସାମ୍ନାକୁ ଆସିବା ପରେ ହତୋତ୍ସାହ ହୋଇପଡ଼ିଥିବା କେନ୍ଦ୍ର ସରକାର ବାକି ଦୁଇଟି ବିଲ୍ ଯେପରିକି ସୀମା ନିର୍ଦ୍ଧାରଣ (ପରିସୀମନ) ସଂଶୋଧନ ସମ୍ବିଧାନ ବିଲ୍-୨୦୨୬ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଆଇନ (ସଂଶୋଧନ) ବିଲ୍-୨୦୨୬କୁ ପ୍ରତ୍ୟାହାର କରିନେଇଛନ୍ତି । ସରକାର ଏହି ବିଲ୍‌ଗୁଡ଼ିକ ଉପରେ ଭୋଟିଂ କରାଇବାକୁ ମନା କରିଦେଇଛନ୍ତି । ସରକାରଙ୍କ କହିବା କଥା ଯେ ଏହି ବିଲ୍‌ଗୁଡ଼ିକ ପରସ୍ପର ସହ ଜଡ଼ିତ, ତେଣୁ ଭୋଟିଂର ଆବଶ୍ୟକତା ନାହିଁ ।

ସଂସଦରେ କୌଣସି ବିଲ୍ ପାସ୍ କରାଇବାରେ ମୋଦୀ ସରକାର ଦୀର୍ଘ ୧୧ ବର୍ଷ ପରେ ପ୍ରଥମ ଥର ପାଇଁ ବିଫଳ ହୋଇଥିବା ଦେଖିବାକୁ ମିଳିଛି ।





ଏହାପୂର୍ବରୁ ମୋଦୀ ସରକାର ଆଗତ କରିଥିବା ବିଲ୍‌ଗୁଡ଼ିକୁ ପରବର୍ତ୍ତୀ ସମୟରେ ନିଜ ସଂଖ୍ୟା ବଳ ଆଧାରରେ ପାରିତ କରାଇନେଇଆସୁଥିଲେ । କିନ୍ତୁ ଏଥର ଏହା ସମ୍ଭବ ହୋଇପାରିନାହିଁ । କାରଣ ଏହି ବିଲ୍‌କୁ ପାରିତ କରିବା ପାଇଁ କ୍ଷମତାସୀନ ମେଣ୍ଟ ସରକାରଙ୍କୁ ଭୋଟ୍ ଦେଉଥିବା ସାଂସଦ ସଂଖ୍ୟାର ଦୁଇ ତୃତୀୟାଂଶ ସଂଖ୍ୟକ ସାଂସଦଙ୍କ ସମର୍ଥନ ବା ବହୁମତର ଆବଶ୍ୟକତା ରହିଥିଲା । ଅର୍ଥାତ୍ ଭୋଟ୍ କରିଥିବା ମୋଟ୍ ୫୨୮ ସାଂସଦଙ୍କ ଦୁଇ-ତୃତୀୟାଂଶ ୩୫୨ ହେଉଥିବା ବେଳେ ସରକାରଙ୍କୁ ଏହି ବିଲ୍ ପାରିତ କରାଇବା ପାଇଁ ୩୫୨ ସାଂସଦଙ୍କ ସମର୍ଥନର ଆବଶ୍ୟକତା ଥିଲା । କିନ୍ତୁ କ୍ଷମତାସୀନ ଏନ୍‌ଡିଏ ପାଖରେ ସମ୍ପ୍ରତି ୨୯୨ ସାଂସଦ ରହିଥିବାରୁ ଏହି ବିଲ୍‌କୁ ପାରିତ କରାଇବା ପାଇଁ ଅତିକମ୍‌ରେ ଆହୁରି ୬୦ ସାଂସଦଙ୍କ ସମର୍ଥନର ଆବଶ୍ୟକତା ରହିଥିଲା । ତେବେ ଫଳାଫଳରୁ ସ୍ପଷ୍ଟ ହୋଇଛି ଯେ, ଏନ୍‌ଡିଏ ସରକାରଙ୍କ ଏହି ପ୍ରସ୍ତାବିତ ବିଲ୍ ସପକ୍ଷରେ ଅନ୍ୟାନ୍ୟଙ୍କ ଖାତାରୁ ପ୍ରାୟ ୬ଟି ଭୋଟ୍ ମିଳିଥିଲା । ଏହି ଅତିରିକ୍ତ ୬ଟି ଭୋଟ୍‌କୁ ମିଶାଇ ବିଲ୍ ସପକ୍ଷରେ ମୋଟ୍ ୨୯୮ଟି ଭୋଟ୍ ପଡ଼ିଥିଲା । ଅନ୍ୟପକ୍ଷେ ବିରୋଧୀ ଦଳର ସାଂସଦମାନେ ଯଦିଓ ମହିଳା ସଂରକ୍ଷଣ ପ୍ରସ୍ତାବକୁ ସମର୍ଥନ କରିବା ନେଇ ଦର୍ଶାଉଛନ୍ତି କିନ୍ତୁ ଏହାସହ ଜଡିତ ଲୋକସଭା ଆସନ ସଂଖ୍ୟା ବୃଦ୍ଧି କରିବା ପ୍ରସ୍ତାବ ଏବଂ ତତ୍‌ସହିତ ଜଡିତ ସୀମା ନିର୍ଦ୍ଧାରଣ (ପରିସୀମନ) ସଂଶୋଧନ ସମ୍ବିଧାନ ବିଲ୍-୨୦୨୬କୁ ସେମାନେ ବିରୋଧ କରୁଛନ୍ତି । ସୁତରାଂ ଆଜିର ଏହି ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ବିପକ୍ଷରେ ହିଁ ସେମାନେ ଭୋଟ୍ ଦେଇଛନ୍ତି । ବିଲ୍ ବିପକ୍ଷରେ ୨୩୦ଟି ଭୋଟ୍ ପଡ଼ିଥିଲା । ଯାହାଫଳରେ ୫୪ ଭୋଟ୍ ପଛରେ ରହିବା କାରଣରୁ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ସହ ମହିଳା ସଂରକ୍ଷଣ ବିଲ୍ ମଧ୍ୟ କାଟ୍ ଖାଇଛି ।

୨୦୨୩ରେ ପାରିତ ହୋଇଥିବା 'ନାରୀ ଶକ୍ତି ବନ୍ଦନ ଅଧିନିୟମ' (୩୩% ମହିଳା ସଂରକ୍ଷଣ)କୁ ଶୀଘ୍ର ଲାଗୁ କରିବା ପାଇଁ ଏହି ବିଲ୍ ଅଣାଯାଇଥିଲା । ପୂର୍ବ ନିୟମ ଅନୁଯାୟୀ, ଜନଗଣନା ପରେ ସୀମା ନିର୍ଦ୍ଧାରଣ ହେଲେ ହିଁ ଏହା ଲାଗୁ ହୋଇପାରିଥାନ୍ତା । କିନ୍ତୁ ଏହି ୧୩୧ତମ ସଂଶୋଧନ ଦ୍ୱାରା ୨୦୧୧ ଜନଗଣନା ଆଧାରରେ ସୀମା ନିର୍ଦ୍ଧାରଣ କରି ୨୦୨୯ ନିର୍ବାଚନ ପୂର୍ବରୁ ମହିଳା ସଂରକ୍ଷଣ ଲାଗୁ କରିବାକୁ ସରକାର ଲକ୍ଷ୍ୟ ରଖିଥିଲେ । ସେହିପରି ୧୯୭୬ ମସିହାରୁ ଲୋକସଭା ଆସନ ସଂଖ୍ୟା ଉପରେ ଏକ ପ୍ରକାର ରୋକ ଲାଗିଥିଲା, ଯାହାକି ୨୦୨୬ ପର୍ଯ୍ୟନ୍ତ ବଳବତ୍ତର ରହିଆସିଛି । କିନ୍ତୁ ଏବେ ଏହି ବିଲ୍ ସେହି କଟକଣାକୁ ହଟାଇବାକୁ ପ୍ରସ୍ତାବ ଦେଇଥିଲା ଯାହାଫଳରେ ଜନସଂଖ୍ୟା ଅନୁଯାୟୀ ଆସନ ସଂଖ୍ୟା ପୁନଃ ନିର୍ଦ୍ଧାରଣ କରାଯାଇପାରିଥାଆନ୍ତା । ଲୋକସଭାରେ ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବାକୁ ▶▶ ୬

**ସୀମା ନିର୍ଦ୍ଧାରଣ ପ୍ରସ୍ତାବ ପାଇଁ ଅଟକିଲା ମହିଳା ସଂରକ୍ଷଣ ବିଲ୍**

**ସାମିଲ ହୋଇଥିଲେ ୫୨୮ ସାଂସଦ, ୫୪ ଭୋଟ୍‌ରେ କାଟ୍ ଖାଇଲା**

**ଆବଶ୍ୟକ ଥିଲା ଦୁଇ ତୃତୀୟାଂଶ (୩୫୨ ସାଂସଦ) ସମର୍ଥନ**

**ସପକ୍ଷରେ ପଡ଼ିଲା ୨୯୮ ଭୋଟ୍, ବିପକ୍ଷରେ ୨୩୦**

**୨୧ ଘଣ୍ଟାର ଆଲୋଚନା ପରେ ହୋଇଥିଲା ଭୋଟିଂ**

**ଅନ୍ୟ ଦୁଇ ବିଲ୍‌କୁ ପ୍ରତ୍ୟାହାର କରିନେଲେ କେନ୍ଦ୍ର ସରକାର**

**ବିରୋଧୀଙ୍କ ବିରୋଧରେ ଏନ୍‌ଡିଏ ମହିଳା ସାଂସଦଙ୍କ ନାରାବାଜି**

### ଏଣିକି ଡାକ୍ତରଙ୍କର ରହିବନି ନିଜ ସୁରକ୍ଷା ଟେନ୍‌ସନ୍

## ଜଗିବେ ସିକ୍ୟୁରିଟି ଅଫିସର୍

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:**

ଏଣିକି ଆଉ ଭୟର ସହିତ ଡାକ୍ତର ରୋଗୀ ସେବା କରିବେ ନାହିଁ । ନା ରହିବ ସୁରକ୍ଷାର ଟେନସନ୍ ନା ରହିବ ଆକ୍ରମଣର ଭୟ । କାରଣ ଏଣିକି ୨୪ ଘଣ୍ଟା ରୋଗୀ ସେବାରେ ନିୟୋଜିତ ରହୁଥିବା ଡାକ୍ତରଙ୍କୁ ସୁରକ୍ଷା ଯୋଗାଇବେ ରାଜ୍ୟ ସରକାର । ଡାକ୍ତରଙ୍କ ସୁରକ୍ଷା ପାଇଁ ରହିବେ ସିକ୍ୟୁରିଟି ଅଫିସର । ରାଜ୍ୟର ୧୪ଟି ମେଡିକାଲ କଲେଜରେ ନିଯୁକ୍ତ ହେବେ ସିକ୍ୟୁରିଟି ଅଫିସର । ଅତିରିକ୍ତ ଏସପି, ଡିଏସପି କିମ୍ବା ଡେପୁଟି କମାଣ୍ଡାଣ୍ଟ ରାଙ୍କର ଅଫିସରଙ୍କୁ ନିଯୁକ୍ତି ମିଳିବ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ଇନ୍ସପେକ୍ଟର ରାଙ୍କର ଅଫିସରଙ୍କୁ ଦାୟିତ୍ୱ ମିଳିବ । ସମସ୍ତ ମେଡିକାଲ କଲେଜ କ୍ୟାମ୍ପସ ସ୍ୱତନ୍ତ୍ର ପୁଲିସ ଫାଣ୍ଡି ରହିବ । ପ୍ରକାଶ ଯେ ଅନେକ ସମୟରେ ଡାକ୍ତର ଓ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅପ୍ରିତିକାର ପରିସ୍ଥିତି ସୃଷ୍ଟି ହୋଇଥାଏ । ବେଳେବେଳେ ରୋଗୀ ମୃତ୍ୟୁ ତଥା ଚିକିତ୍ସାରେ ଅବହେଳା ▶▶ ୬

## ମାଓମୁକ୍ତ ହେଲା ଓଡ଼ିଶା

**କଟକ,୧୭।୪/ଏନ୍ଏନ୍ଏସ୍:**

ଓଡ଼ିଶା ଏବେ ସଂପୂର୍ଣ୍ଣ ମାଓମୁକ୍ତ ରାଜ୍ୟରେ ପରିଣତ ହୋଇଛି । ପୁଲିସ ଡିଜି ୱାଇବି ଖୁରାନିଆ ଏହି ସୂଚନା ଦେଇଛନ୍ତି । ଆଜି କଟକ ପୁଲିସ ମୁଖ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗଣମାଧ୍ୟମକୁ ସେ ଏହି ସୂଚନା ଦେଇଛନ୍ତି । ଏହାଛଡ଼ା ସେ କହିଛନ୍ତି ଯେ ସୀମାବର୍ତ୍ତୀ ରାଜ୍ୟଗୁଡ଼ିକର କାର୍ଯ୍ୟକଳାପ ଉପରେ ଓଡ଼ିଶା ପୁଲିସ ନଜର ରଖିଛି । ପଡ଼ୋଶୀ ରାଜ୍ୟରେ ମାଓ କାର୍ଯ୍ୟକଳାପ ଥିବାରୁ ଓଡ଼ିଶା ପୁଲିସ ଆଲର୍ଟରେ ରହିଛି ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି ।

## ୪ ନକ୍ସଲ ନିପାତ

**ରାଞ୍ଚି,୧୭।୪/ଏଜେନ୍ସି:**

ଝାଡ଼ଖଣ୍ଡର ଚତରା ଓ ହଜାରିବାଗ ଜିଲ୍ଲା ସୀମାରେ ବଟୁକାର ଜଙ୍ଗଲରେ ଆଜି ସକାଳେ ସୁରକ୍ଷା ବାହିନୀର ଗୁଳିରେ ୪ ଜଣ ନକ୍ସଲ ନିହତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ସବ୍-ଜୋନାଲ କମାଣ୍ଡର ସହଦେବ ମାହାତୋ ଓ ମହିଳା ନକ୍ସଲ ନତାଶା । ସହଦେବ ମାହାତୋ ଉପରେ ୧୫ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା । ସେ ଦୀର୍ଘ ବର୍ଷ ଧରି ଚତରା, ହଜାରୀବାଗ ଏବଂ ଲାଟେହାର ସୀମାନ୍ତ ଅଞ୍ଚଳରେ ସକ୍ରିୟ ଥିଲା । ଘଟଣାସ୍ଥଳରୁ ସୁରକ୍ଷା ବାହିନୀ ଦୁଇଟି ଏକେ-୪୭ ସହିତ ବହୁ ସଂଖ୍ୟକ କ୍ୟାଟ୍ରିଜ୍ ଓ ନକ୍ସଲଙ୍କ ଦ୍ୱାରା ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛନ୍ତି । ଏହା ସହିତ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରହିଛି । ବଟୁକାର ଜଙ୍ଗଲରେ ନକ୍ସଲମାନଙ୍କର ଏକ ବଡ଼ ଦଳ ଏକ ବଡ଼ ଅଘଟଣ ଘଟାଇବା ପାଇଁ ଷଡ଼ଯନ୍ତ୍ର କରିବାକୁ ଏକତ୍ରିତ ହୋଇଥିବା ପୁଲିସ ଖବର ପାଇଥିଲା । ଏହି ସୂଚନା ଆଧାରରେ, ▶▶ ୬

### ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

## ସାର କଳାବଜାରୀ ରୋକ



**କଳାବଜାରୀ ପ୍ରମାଣ ମିଳିଲେ ଏତଲା ସହ ଲାଇସେନ୍‌ସ ବାତିଲ୍**

**ଲାଷ୍ଟ୍ ମାଇଲ୍ ଡେଲିଭରୀ' ଉପରେ ଫୋକସ୍ କର**

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:**

କଳାବଜାରୀ ଓ ସାର ମହଜୁଦକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର । ସାର କଳାବଜାରୀକୁ ରୋକ । ପାଇକାରୀ ଓ ଖୁଚୁରା ବିକ୍ରେତାଙ୍କ ଗୋଦାମକୁ ସମୟ ସମୟରେ ଯାଞ୍ଚ କର । ଜିଲ୍ଲାପାଳମାନେ ହଠାତ ପରିଦର୍ଶନରେ ଯାଇ ଯାଞ୍ଚ କରନ୍ତୁ । ବେନିୟମ ସାର ମହଜୁଦକାରୀଙ୍କ ବିରୋଧରେ ଏଫଆଇଆର କରି ସେମାନଙ୍କ ଲାଇସେନ୍ସ ବାତିଲ କର । ଶୁକ୍ରବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଖରିଫ ଋତୁ ପାଇଁ ସାର ଉପଲବ୍ଧତା ଓ ସୁଷମ ବଣ୍ଟନ ଉପରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାପାଳମାନଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି । ଛୋଟ ଚାଷୀ ହେଉ ବା ନାମମାତ୍ର, ବର୍ତ୍ତମାନ ସମୟରେ ପ୍ରତ୍ୟେକ ଚାଷୀ ଯେପରି ଆବଶ୍ୟକତା ଅନୁରୂପ ସାର ପାଇବେ ତାହାକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ମୋଟ ୭ଟି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧ ଜନିତ ପରିସ୍ଥିତି ଯୋଗୁ ସାର ପ୍ରସ୍ତୁତି ବାଧାପ୍ରାପ୍ତ ହୋଇଛି । ତେଣୁ ଖରିଫ ଋତୁରେ ଯେପରି ଚାଷୀ ଉଚିତ୍ ମୂଲ୍ୟରେ ଆବଶ୍ୟକତା ଅନୁଯାୟୀ ସାର ପାଇବେ, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଜି ଜିଲ୍ଲାପାଳମାନଙ୍କ ସହିତ ଭିଡିଓ କନ୍‌ଫରେନ୍‌ସିଙ୍ଗ ଜରିଆରେ ଆଲୋଚନା କରି ନିର୍ଦ୍ଦେଶ ଦେଇଛନ୍ତି ।

ଏହି ଅବସରରେ କୃଷି ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାରର ଉପଲବ୍ଧତା ସମ୍ପର୍କରେ ଉପସ୍ଥାପନା ରଖି କହିଥିଲେ ଚଳିତ ▶▶ ୬




## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ

# 'ବିଜୁବାବୁଙ୍କ ହୃଦୟ ଥିଲା ବିଶାଳ, ବ୍ୟକ୍ତିତ୍ୱ ଥିଲା ମହାନ୍'




**ଆସିକା,୧୭।୪/ଏନ୍ଏନ୍ଏସ୍:** ଯାହାଙ୍କ ନାଁ ନେଲେ ସ୍ୱତଃ ମନରେ ଆବେଗ ଚାଲିଆସେ ଓ ବ୍ୟଗ୍ରତା ବଢିଯାଏ, ସେଭଳି ଏକ ବ୍ୟକ୍ତିତ୍ୱ ଥିଲେ ଓଡିଶାର ମୁକୁଟ ବିହୀନ ସମ୍ରାଟ ବିଜୁ ପଟ୍ଟନାୟକ । ତାଙ୍କ ହୃଦୟ ଥିଲା ବିଶାଳ ଓ ବ୍ୟକ୍ତିତ୍ୱ ଥିଲା ମହାନ୍। ଓଡିଆ ଜାତିକୁ ଶୀର୍ଷ ସୋପାନରେ ପହଞ୍ଚାଇବା ପାଇଁ ସାଲିସ୍ ବିହୀନ ସଂଗ୍ରାମ ଜାରି ରଖିବା ସହ ଶିଳ୍ପର ବିକାଶ ଲାଗି ପାରଦ୍ୱୀପ ବନ୍ଦର ସ୍ଥାପନ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ, ମହିଳାଙ୍କୁ ଅଗ୍ରାଧିକାର ଦେବା ଭଳି ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ ବୋଲି ବହୁ ଦଳୀୟ ନେତା ପ୍ରକାଶ କରିଛନ୍ତି। ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଜିଲ୍ଲା ପରିଷଦ ସଦସ୍ୟ ତଥା ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ବି.ମନୋଜ କୁମାର ଦୋରାଙ୍କ ସଂଯୋଜନା ଓ ନଗର ବିଜେଡି ସଭାପତି ଏମ୍.ତାରିଣୀ ସେନାପତିଙ୍କ ଅଧ୍ୟକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆସିକାର ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜିଲ୍ଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଆସିକା ବ୍ଲକର ପୂର୍ବତନ ଅଧ୍ୟକ୍ଷ ହରେକୃଷ୍ଣ ମଲିକ, ବରିଷ୍ଠ ବିଜେଡି ନେତା ପ୍ରସନ୍ନ କୁମାର ତ୍ରିପାଠୀ, ସୁଧାଂଶୁ କୁମାର ପଣ୍ଡା, ଇଂ ସଚ୍ଚିଦାନନ୍ଦ ରାଉତ, ଦିଲୀପ କୁମାର ପାଣିଗ୍ରାହୀ, ଆସିକା ବ୍ଲକ ବିଜେଡି ସଭାପତି ବିଦ୍ୟାନ୍ତ କୁମାର ଚର୍ଚ୍ଚି, ବିଜେଡି ନେତ୍ରୀ ଏମ୍.ରଶ୍ମିତା ସେନାପତି ପ୍ରମୁଖ ଯୋଗଦେଇ ପ୍ରବାଦ ପୁରୁଷ, ମୋ ସ୍ୱପ୍ନର ଓଡିଶା ଗଠନର କର୍ଣ୍ଣଧାର, ମହାନ୍ ଜନନାୟକ ଓଡିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକ ସଂଗ୍ରାମମୟ ଜୀବନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ନେତାମାନେ କହିଥିଲେ ଯେ, କୋଟି ଓଡିଆଙ୍କ ହୃଦୟ ଜିଣିଥିବା ସ୍ୱପ୍ନଦ୍ରଷ୍ଟା ମଣିଷ ଥିଲେ ବିଜୁ ବାବୁ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆସିକାର ପୂର୍ବତନ ସାଂସଦ ଶ୍ରୀମତୀ ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜିଲ୍ଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ବି.ମନୋଜ କୁମାର ଦୋରା, ବରିଷ୍ଠ ବିଜେଡି ନେତା ପ୍ରସନ୍ନ କୁମାର ତ୍ରିପାଠୀ, ହରେକୃଷ୍ଣ ମଲିକ, ଦିଲୀପ କୁମାର ପାଣିଗ୍ରାହୀ, ଆସିକା ବ୍ଲକ ବିଜେଡି ସଭାପତି ବିଦ୍ୟାନ୍ତ କୁମାର ଚର୍ଚ୍ଚି, ନଗର ବିଜେଡି ସଭାପତି ଏମ୍.ତାରିଣୀ ସେନାପତି, ବିଜେଡି ନେତା କୈଳାଶ ଚନ୍ଦ୍ର ପ୍ରଧାନ, ଶିବପ୍ରସାଦ ଶତପଥୀ, ସନାତନ ବିଶ୍ୱାଳ, ସନ୍ତୋଷ କୁମାର ନାୟକ, ମାନସ ରଂଜନ ଗୌଡ, ଅରୁଣ ଦଳେଇ, ରବିନ୍ଦ୍ର କୁମାର ସାମଲ, ଜିତେନ୍ଦ୍ର କୁମାର ବିଷୋୟୀ, ରଂଜନ କୁମାର ବିଷୋୟୀ, ଏମ୍.ତାରିଣୀ ସେନାପତି, ଜୟସେନ ସ୍ୱାଇଁ, କାମରାଜୁ ଭୋଲ, ଜୟନ୍ତୀ ବିଷୋୟୀ, ତ୍ରିନାଥ ବେହେରା, ଅକ୍ଷୟ କୁମାର ଗୌଡ, ରବିନ୍ଦ୍ର ସାହୁ, ନିଗମାନନ୍ଦ ରାଉତ, ଜିତେନ୍ଦ୍ର କୁମାର ମହାରଣା, ବିମଳ ପ୍ରଧାନ, ଆକାଶ ସ୍ୱାଇଁ, ବାପିନା ଜେନା, ପୂର୍ଣ୍ଣଚନ୍ଦ୍ର ଗୌଡ, ସିମାଞ୍ଚଳ ସ୍ୱାଇଁ, ଭଗବାନ ବିଶ୍ୱାଳ, ମଣ୍ଟୁ ସ୍ୱାଇଁ, ବୁଲୁ ଗୌଡ, ଲିପୁ ଡାକୁଆ, ବି.ମୋହନ ରାଓ ଦୋରା, ସତ୍ୟନାରାୟଣ ସାମନ୍ତରା, ସିମାଞ୍ଚଳ ସ୍ୱାଇଁ, ଶିବରାମ ପାଣିଗ୍ରାହୀ, ପ୍ରଣବ କୁମାର ପାଢୀଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଯୋଗ ଦେଇଥିଲେ। ପବିତ୍ର ଋଷିକୁଲ୍ୟା ଓ ବଡନଦୀର ସଙ୍ଗମସ୍ଥଳରେ ପୁରୋହିତଙ୍କ ମନ୍ତ୍ରୋଚାରଣ ମଧ୍ୟରେ ତିଳତର୍ପଣ ସାଙ୍ଗକୁ ବିଜୁ ପଟ୍ଟନାୟକ ଛକରେ ଥିବା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ୱର୍ଗତ ବିଜୁ ବାବୁଙ୍କ ବିଚାରଧାରା, ତ୍ୟାଗ, ସେବା, ସଂଗ୍ରାମ, ସ୍ୱାଭିମାନରେ ବ୍ରତୀ ହେବାକୁ ଆଜିର ଦିନରେ ସଂକଳ୍ପ ନେବାକୁ ଅତିଥିମାନେ ଆହ୍ୱାନ କରିଥିଲେ।

### ଛତ୍ରପୁର

ଛତ୍ରପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ମହାନ ଜନନାୟକ ବିଜୁ ବାବୁଙ୍କ ୨୯ତମ ତିରୋଧାନ ଦିବସ ପୂର୍ବତନ ବିଧାୟକ ସୁଭାଷ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଗୌରୀ ଶଙ୍କର ମନ୍ଦିର ନିକଟସ୍ଥ ଲାଇନ୍ ବନ୍ଧ ଠାରେ ତିଳ ତର୍ପଣ କରିବା ସହ ଛତ୍ରପୁର ଲୋୟର ବସ୍ ଷ୍ଟାଣ୍ଡ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ଫୁଲମାଲ୍ୟ ଅର୍ପଣ କରାଯାଇଥିଲା। ସ୍ମୃତି ଚାରଣ କାର୍ଯ୍ୟକ୍ରମରେ ଶ୍ରମିକ ନେତା ଶଙ୍କର ଦାଶ, ପ୍ରଶାନ୍ତ କର, ମୁନା ଦାସ, ବାନମ୍ବର ପଲେଇ, ରାଜୁ ପାତ୍ର, ଗଗନ ସ୍ୱାଇଁ, ବିଜେଡି ବ୍ଲକ ସଭାପତି ଏସ. ଚକ୍ରପାଣି ରେଡ୍ଡୀ, ଏନ୍ଏସି ସଭାପତି ବି. ରାଜି ବାବୁ, ସରପଞ୍ଚ ରଞ୍ଜନ ପଲେଇ, ଛାତ୍ରନେତା ପ୍ରଶାନ୍ତ କୁମାର ପଣ୍ଡା, ଛତ୍ରପୁର ବାର ଆସୋସିଏସନ୍ ସଭାପତି ଏଲ. ଗୋପାଳ ରାଓ, ଆଇନଜୀବୀ ମନୋଜ ପାଢ଼ୀ, ଭୈରବୀ ପଟ୍ଟ ନାୟକ, ଯୁବନେତା ବିମଳ ପଣ୍ଡା, ରାଜେଶ ସାହୁ, ଟି. ଚନ୍ଦ୍ର ଶେଖର ରାଓ, ନାଗେଶ୍ୱର ରାଓ, ଅଟଳ ବିହାରୀ ପଟ୍ଟନାୟକ, ଛାତ୍ରନେତା କାହ୍ନୁ ଚରଣ ବେହେରା, ଟିକିନା ଗୌଡଙ୍କ ସମେତ ବହୁ ସଂଖ୍ୟକ ବିଜୁପ୍ରେମୀ, ଯୁବ ଓ ଛାତ୍ରନେତା ଯୋଗ ଦେଇଥିଲେ।



### ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ରୋଗୀଙ୍କୁ ଫଳ ବଣ୍ଟନ

**ବ୍ରହ୍ମପୁର:** ବ୍ରହ୍ମପୁର ବିଜୁ ଜନତା ଦଳ ତରଫରୁ ଓଡିଶା ମାଟିର ବୀର ସନ୍ତାନ, ମହାନ ସ୍ୱାଧିନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟ ନାୟକଙ୍କ ୨୯ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଜିପୁର କାଳୀ ମନ୍ଦିର ନିକଟସ୍ଥ ପୋଖରୀରେ ତିଳ ତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ସେଠାରୁ ଦେଶୀ ବେହେରା ସାହି ସ୍ଥିତ ପ୍ରତିମୂର୍ତ୍ତି ଏବଂ ତାଲୁକା ଛକ ସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବିଜୁ ପଟ୍ଟନାୟକ ପାର୍କ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ତାଙ୍କ ସ୍ମୃତି ଚାରଣ କରାଯାଇଥିଲା । ସେଠାରୁ ସିଟି ହସ୍ପିଟାଲରେ ମହିଳା ମାନଙ୍କ ଦ୍ୱାରା ଫଳ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ପୁର୍ବତନ ବିଧାୟକ ଡକ୍ଟର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡି, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାଷ ମହାରଣା, ଭଗବାନ ଗନ୍ତାୟତ, ଆରବାନ୍ ବ୍ୟାଙ୍କ ସଭାପତି ଆର୍ ମୁରଲୀ ମୋହନ, ସୋନାଲି ଗନ୍ତାୟତ, ଜଗନ୍ନାଥ ସାବତ, ମମତା ବିଷୋୟୀ, ଭିଷ୍ମାଚାର୍ଯ୍ୟ ଚୌଧୁରୀ, ପ୍ରଦୀପ ବେହେରା, ସୁରେନ୍ଦ୍ର ପଟ୍ଟ ନାୟକ, ଏମ୍ ସୁଜାତା ପାତ୍ର, ପି ଜାନକୀ, ମୁକୁନ୍ଦ ଗୌଡ, ଟି. ତିରୁପତି ପାତ୍ର, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ଦୁର୍ଗାପ୍ରସାଦ ଲାୟକ, ଉମା ନାୟକ, ଜ୍ୟୋସ୍ନା ନାୟକ, ଭାଗରତି ମହାରଣା, ରାକେଶ କୁମାର ସାହୁ, ନିରଞ୍ଜନ ଜେନା, କୋମଳ ପାତ୍ର, ଉମା ମିଶ୍ର, ମାମିନି ତ୍ରିପାଠୀ, ରଞ୍ଜନ ପଲେଇ, ମନୋଜ ମହାପାତ୍ର, ବିଜୁ ଜନତା ଦଳର ସମସ୍ତ କର୍ପୋରେଟର ମହିଳା, ଯୁବ ଛାତ୍ର ର କର୍ମକର୍ତ୍ତା ଉପସ୍ଥିତ ଥିଲେ।



### ପୁରୁଷୋତ୍ତମପୁର



ପୁରୁଷୋତ୍ତମପୁର ଏନ୍ଏସି ଏବଂ ବ୍ଲକ ବିଜୁ ଜନତା ଦଳ ତରଫରୁ ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ବାବୁଙ୍କ ୨୯ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଆଜି ସକାଳ ୧୦ ଘଣ୍ଟିକା ସମୟରେ ଦଳୀୟ ନେତା ଓ କର୍ମୀ ପାଣ୍ଡିଆ ଛକ ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୁରୁଷୋତ୍ତମପୁର ଏନଏସି କାଉନସିଲର ଅଶୋକ କୁମାର ମହାଙ୍କୁଡଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏନଏସି ନଗର ବିଜେଡି ସଭାପତି ପ୍ରଭାତ କୁମାର ପଟ୍ଟନାୟକ, ବ୍ଲକ ବିଜେଡି ସଭାପତି ନୀଳମାଧବ ପଣ୍ଡା, ବରିଷ୍ଠ ଓକିଲ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, କୃଷ୍ଣ ଚନ୍ଦ୍ର ଗୌଡ଼, ଉମାଶଙ୍କର ରାଓ, ଭୀମ ନାୟକ, ଦୁର୍ଯ୍ୟୋଧନ ସାହୁ, ଭାଗିରଥି ବେହେରା, ସୁନିଲ କୁମାର ବେହେରା, ମନୋଜ କୁମାର ଗୌଡ଼, ଅଜିତ କୁମାର ବେହେରା, ଅଜିତ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ।

### ବୁଗୁଡ଼ା



ସ୍ଥାନୀୟ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ୨୯ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ବ୍ଲକ କାର୍ଯ୍ୟାଳୟ ଏବଂ ନୂଆଁ ବସଷ୍ଟାଣ୍ଡ ପରିସରସ୍ଥ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସ୍ମୃତିଚାରଣ ସାଙ୍ଗକୁ ତାଙ୍କର ବିଚାରଧାରା , ତ୍ୟାଗ , ସେବା , ସଂଗ୍ରାମ ଓ ସ୍ୱାଭିମାନରେ ବ୍ରତୀ ହେବାକୁ ବିଜେଡି ପକ୍ଷରୁ ଶପଥ ଗ୍ରହଣ କରାଯାଇଥିଲା । ଏଥି ସହ ଅନେକ ଦଳୀୟ ନେତା ଓ କର୍ମୀ ବସଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେଠାରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ବ୍ଲକ ବିଜେଡି ସଭାପତି ଖଦାଳ ଖଟେଇ, କାର୍ଯ୍ୟକାରୀ ସଭାପତି କବିରାଜ ଗୌଡ, ସମ୍ପାଦକ ହରିହର ବିଷୋୟୀ, ଏନଏସି ସଭାପତି କେ.ତ୍ରିଲୋଚନ ଦୋରା, କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ଦାଶ, ସମ୍ପାଦକ ଅମରେନ୍ଦ୍ର ସେନାପତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ବେହେରା, ପ୍ରାକ୍ତନ କାଉନସିଲର ସୁଧାଂଶୁ ଶେଖର ପାଢୀ ଓ ସୂର୍ଯ୍ୟ ନାରାୟଣ ମହାନ୍ତି, କାଉନସିଲର ବବୁ ପ୍ରଧାନ, ସରପଞ୍ଚ ରବି ନାୟକ, ସୁଶାନ୍ତ ପ୍ରଧାନ, ବାଳକୃଷ୍ଣ ଆଚାରୀ, ସଞ୍ଜୟ ବିଶ୍ୱାଳ, ଜୟଦେବ ବେହେରା, ବସନ୍ତ ଶତପଥୀ ଓ ପ୍ରଦୀପ କୁମାର ଜେନା, ସମିତି ସଭ୍ୟ ଟିକୁ ବାରିକ, ଅଲେଖ ନାୟକ, ଜିତେନ୍ଦ୍ର ସ୍ୱାଇଁଙ୍କ ସମେତ ଦଳୀୟ କର୍ମକର୍ତ୍ତା ଓ କର୍ମୀ ସାମିଲ୍ ରହିଥିଲେ ।

### ଅନ୍ଧ ବିଶ୍ୱାସର କରୁଣ ପରିଣତି

## ଗୁଣି ଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା: ୨ ଗିରଫ

**ରଙ୍ଗେଇଲୁଣ୍ଡା,୧୭।୪/ଏନ୍ଏନ୍ଏସ୍:** ଗୁଣି ଗାରେଡି ଅନ୍ଧ ବିଶ୍ୱାସ ଦୂରୀକରଣ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ମଧ ଆଜି ବି କିଛି ଗ୍ରାମାଞ୍ଚଳର ଲୋକେ ଏଥିରୁ ବର୍ତ୍ତି ପାରିନାହାଁନ୍ତି। ଅନ୍ଧ ବିଶ୍ୱାସରେ ବଶୀଭୂତ ହୋଇ ହତ୍ୟା କରିବାକୁ ମଧ ପଛାଉନାହାନ୍ତି । ଗତ ୧୨ ତାରିଖରେ ଗୋଳନ୍ଥରା ଥାନା ଅନ୍ତର୍ଗତ ପଞ୍ଚମା ଗ୍ରାମ ନିକଟସ୍ଥ ପାନ ବାଡ଼ ରାସ୍ତାରେ ଗାଁର ସାଧକ ଏକାଦଶୀ ନାହାକଙ୍କୁ ଗୁଣିଗାରେଡି ସନ୍ଦେହରେ ଅତି ବିଭତ୍ସ ଭାବେ ହାଣି ହତ୍ୟା କରାଯାଇଥିବା ନେଇ ପୁଲିସ ପ୍ରକାଶ କରିଛି। ଏହି ମାମଲାରେ ପୁଲିସ ଦେଢଶୁର ଭାଇବୋହୂକୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ କାତି ଜବତ କରିଥିବା ନେଇ ପ୍ରେସ ରିଲିଜରେ ସୂଚନା ଦେଇଛି । ଅନ୍ୟ ପଟେ ପୋଲିସ ଶୁକ୍ରବାର ସକାଳେ ଅଭିଯୁକ୍ତଙ୍କୁ ଆଣି ସାଧକ ଏକାଦଶୀଙ୍କୁ କିଭଳି ହତ୍ୟା କରିଥିଲେ ସେନେଇ ସିନ ରିକ୍ରିଏସନ ଅଭିଯୁକ୍ତ ଦେଖାଇଥିଲେ । ଗିରଫ ଅଭିଯୁକ୍ତ ପଞ୍ଚାମା ଗ୍ରାମର ଘନ ପ୍ରଧାନ (୪୫) ଓ ଭାଇ ବୋଉ ପଙ୍କଜା ପ୍ରଧାନ (୩୨) ବୋଲି ଥାନା ଆଇଆଇସି ଟୁନା ସାସମଲ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟ, ଅଭିଯୁକ୍ତ ଘନ କିଛି ବର୍ଷ ତଳେ ଗୁଜୁରାଟ ରାଜ୍ୟରେ ଏକ କମ୍ପାନୀରେ ହୀରା କାମ କରୁଥିବା ବେଳେ ଗାଁକୁ ବେଳେବେଳେ ଯିବା ଆସିବା କରେ। ଗତ ୭ ବର୍ଷ ପୂର୍ବେ ଘନର ପତ୍ନୀଙ୍କ ଦେହ ଅସୁସ୍ଥ ହେବାରୁ ଗାଁରେ ଥିବା ସାଧକ ଏକାଦଶୀଙ୍କ ନିକଟକୁ ଯାଇ ଝଡାଫୁଙ୍କା କରିଥିଲେ । ଏଥି ସହ ପୂଜା ପାଠ ପାଇଁ ମୋଟା ଅଙ୍କର ଟଙ୍କା ମଧ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପତ୍ନୀଙ୍କ ମୃତ୍ୟୁ ଘଟିଥିଲା । ସେହିପରି କିଛି ଦିନ ପରେ ଘନଙ୍କ ମା ଏବଂ ନାତି ଅସୁସ୍ଥ ହେବାରୁ ଏକାଦଶୀ ନିକଟକୁ ଯାଇ ଟଙ୍କା ଦେଇ ପୂଜାପାଠ କରିଥିଲେ। ଶେଷରେ ମା ଓ ନାତି ମଧ ମୃତ୍ୟୁବରଣ କରିଥିଲେ । ଘନ ମାନସିକ ଅବସାଦରେ ରହୁଥିବା ବେଳେ ଏହାର କିଛି ଦିନ ତଳେ ଏକାଦଶୀ ଘନ ପାଳିଥିବା କିଛି ଗାଇ ମଧ୍ୟରୁ ଗୋଟାଏ ମାଗିଥିଲେ। ଏଥିରେ ଘନ ରାଜି ହୋଇ ନଥିଲେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା । ଏକ ମାସ ମଧ୍ୟରେ ଘନ ରଖିଥିବା ପାଞ୍ଚଟି ଗାଇ ମଧ ମରି ଯାଇଥିଲେ । ଏଥିରେ ଏକାଦଶୀ ଗୁଣି କରି ମାରିଥିବା ସନ୍ଦେହ କରି ପ୍ରତିଶୋଧ ନେବା ପାଇଁ ସ୍ଥିର କରି ଗତ ୬ ମାସ ପୂର୍ବେ ଗ୍ରାମ ଦେବତୀ ପୀଠରେ ପ୍ରତିଜ୍ଞା କରିଥିଲେ। ଘନ ଏକାଦଶୀଙ୍କୁ କିପରି ହତ୍ୟା କରାଯିବ ସେ ନେଇ ଯୋଜନା କରିବା ସହ ସୁଯୋଗ ଅପେକ୍ଷାରେ ରହିଥିଲା। ଗତ ୧୨ ତାରିଖରେ ଏକାଦଶୀଙ୍କ ପାନ ବଗିଚା ନିକଟରେ କାମ କରୁଥିବା ଶ୍ରମିକ ମାନେ ରଣ୍ଡା ଛକରେ ବୁଲୁଥିବା ଦେଖି ଘନ ହତ୍ୟା ପାଇଁ ଉତ୍ତମ ସମୟ ଭାବିଥିଲା । ଘରକୁ ଆସି ନିଜ ଭାଇ ବୋହୂ ପଙ୍କଜକୁ ଡ଼ାକି ଏକ କାତି ଧରି ପାନ ବଗିଚା ନିକଟରେ ଉଭୟେ ଛକି ରହିଥିଲେ । ଏକାଦଶୀ ଘରେ ଖାଇ ଦିନ ସାଢେ ୨ଟା ବେଳେ ସେଠାରେ ପହଞ୍ଚିବା ମାତ୍ରେ ତାଙ୍କୁ କାତିରେ ହାଣି ହତ୍ୟା କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ମୃତ ଏକାଦଶୀଙ୍କ ପୁଅ ଶଙ୍କର ନାହାକଙ୍କ ଲିଖିତ ଅଭିଯୋଗ କରିବା ପରେ ଥାନା କେସ୍ ନଂ ୧୪୪/୨୬ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା।

ପୁଲିସ ତଦନ୍ତରେ ଘନର ସମ୍ପୃକ୍ତ ସମ୍ପର୍କରେ ଜାଣିବାକୁ ପାଇଥିଲା। ପଞ୍ଚମା ଗ୍ରାମରୁ ପୁଲିସ ଉଠେଇ ନେଇ ଥାନା ଅଟକ ରଖି ପଚରା ଉଚରା କରିଥିଲା ବେଳେ ଘନ ଏକାଦଶୀଙ୍କୁ ହତ୍ୟା କରିଥିବା ପ୍ରକାଶ କରିଥିଲେ । ଆଜି ଅଭିଯୁକ୍ତ ଘନ ଓ ପଙ୍କଜାକୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂଚନା ଦେଇଛି।




## ଏମ୍କେସିଜିରେ ଶିଶୁ ମସ୍ତିଷ୍କର ବିରଳ ଅସ୍ତ୍ରୋପଚାର

**ବ୍ରହ୍ମପୁର,୧୭।୪/ଏନ୍ଏନ୍ଏସ୍:** ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜର ସ୍ନାୟୁ ଶଲ୍ୟ ବିଭାଗରୁ ଆଉ ଏକ ବିରଳ ତଥା ସଫଳ ଅସ୍ତ୍ରୋପଚାର ଘଟଣା ପଦାକୁ ଆସିଛି। ଗଜପତି ଜିଲ୍ଲା ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ ରାଉଳପଡା ଗ୍ରାମର ଜଣେ ଷଷ୍ଠ ଶ୍ରେଣୀର ଶିଶୁର ମସ୍ତିଷ୍କରେ ଏଭଳି ଅସ୍ତ୍ରୋପଚାର ସଫଳତା ପୂର୍ବକ ସମ୍ପନ୍ନ ହେବାପରେ ଶୁକ୍ରବାର ଦିନ ଶିଶୁଟିକୁ ଡାକ୍ତରଖାନାରୁ ଘରକୁ ଛାଡି ଦିଆଯାଇଛି। ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ପୁଅ ବାଙ୍କେଶ୍ୱରୀ ଗତ ମାସ ୨୬ ତାରିଖ ଦିନ ସ୍କୁଲକୁ ଯାଉଥିବା ସମୟରେ ସାଇକେଲରୁ ପଡି ତାଙ୍କର ମସ୍ତିଷ୍କ ବାହାରକୁ ବାହାରି ଯାଇଥିଲା। ଆମ୍ବୁଲାନ୍ସ ଯୋଗେ ଶିଶୁକୁ ମେଡିକାଲ ଅଣାଯିବା ପରେ ସମସ୍ତ ପ୍ରକାର ଚିକିତ୍ସା ଆରମ୍ଭ କରାଯାଇଥିଲା। ଡାକ୍ତରୀ ଦଳଙ୍କ ଅସ୍ତ୍ରୋପଚାର ପରେ ଶିଶୁଟିକୁ ଦୀର୍ଘ ୧୩ ଦିନ ଧରି ଆଇସିୟୁରେ ରଖାଯାଇଥିଲା। ଅସ୍ତ୍ରୋପଚାର ଓ ଚିକିତ୍ସା ଦିଗରେ ସ୍ନାୟୁଶଲ୍ୟ ବିଭାଗୀୟ ମୁଖ୍ୟ ଡା. ରବିନାରାୟଣ ପଣ୍ଡାଙ୍କ ସମେତ ଡା. ଦେବଦତ୍ତ ସେନାପତି, ଡା. ଦେବଶ୍ରୀ ମହାପାତ୍ର, ଡା. ତୁଷାର କାନ୍ତ ରଥ, ଡା. ପି. ହରିପ୍ରସାଦ ସାମିଲ ଥିବା ବେଳେ ଶିଶୁଟିର ପିତାମାତା ଡାକ୍ତରୀ ଦଳଙ୍କୁ ସେମାନଙ୍କ କୃତଜ୍ଞତା ଜଣାଇଛନ୍ତି। ପୂର୍ବରୁ ଦିଗପହଣ୍ଡି ଅଞ୍ଚଳର ସାମ୍ବାଦିକ ହରପ୍ରସାଦ ରଥଙ୍କ କ୍ଷେତ୍ରରେ ବିରଳ ଅସ୍ତ୍ରୋପଚାର କରି ବିଭାଗୀୟ ଡାକ୍ତରୀ ଦଳ ଚର୍ଚ୍ଚାକୁ ଆସିଥିଲେ।



## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

**ପୁରୁଷୋତ୍ତମପୁର,୧୭।୪/ଏନ୍ଏନ୍ଏସ୍ :** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶକ୍ତି ପୀଠ ମା' ତାରାତାରିଣୀଙ୍କ ପାଦଦେଶସ୍ଥିତ କୈବର୍ତ୍ତ ଭବନରେ ଆଜି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପୁରୁଷୋତ୍ତମପୁରର ନୂତନ କର୍ମକର୍ତ୍ତା ଚୟନ ସହ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ସେଠୀ, ମୁଖ୍ୟ ବକ୍ତା ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା, ଏବିଇଓ ବିଜୟ ଚନ୍ଦ୍ର ବେହେରା, ଏବିଇଓ ଭକ୍ତ ବତ୍ସଳ ଜାନୀ, ଏବିଇଓ ଦେବରାଜ ବେହେରା, ଗଞ୍ଜାମ ଜିଲ୍ଲା ଏୟୁପିଟିଏଫ୍ ସଭାପତି ସାରଥୀ ପାତ୍ରଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ତଥା ରାଜ୍ୟସ୍ତରୀୟ ନେତୃମଣ୍ଡଳୀ, ବ୍ଲକ ସଂଘ ସଭାପତି ବିଜୟ ବେହେରା, ସମ୍ପାଦକ ନିରଞ୍ଜନ ତ୍ରିପାଠୀ, ଉପସଭାପତି ବିଜୟ କୁମାର ସେଠୀ ଓ ସୁନୀତା ଦେବୀ ଯୋଗ ଦେଇଥିଲେ। ଶେଷରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଂଘର ନୂତନ ସଭାପତି ଭାବେ ନିରଞ୍ଜନ ତ୍ରିପାଠୀ, ଉପସଭାପତି ସୁନୀତା ଦେବୀ ଓ ପ୍ରଦୀପ କୁମାର ବେହେରା, ସମ୍ପାଦକ ଭଗବାନ ପାତ୍ର, ତିନି ସହ ସମ୍ପାଦକ ସୁଧୀର କୁମାର ଚୌଧୁରୀ, ନିତ୍ୟାନନ୍ଦ ବେହେରା, ଅକ୍ଷୟ କୁମାର ଦାସ, କୋଷାଧ୍ୟକ୍ଷ ଏସ୍. ଲକ୍ଷ୍ମୀ ନାରାୟଣ ପାତ୍ର, ସଂଯୋଜକ ରବୀନ୍ଦ୍ର ବେହେରା, ଜିଲ୍ଲା ସଭ୍ୟ ରୂପେ ବିଜୟ କୁମାର ବେହେରା, ଅନୁପ କୁମାର ଦାସ, କୈଳାସ ଚନ୍ଦ୍ର ସ୍ୱାଇଁଙ୍କୁ ଚୟନ କରାଯାଇ ଶପଥ ପାଠ କରାଯାଇଥିଲା।



‘ନାରୀଶକ୍ତି ବନ୍ଦନ’ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

# ନାରୀ ସଶକ୍ତିକରଣ ସମୃଦ୍ଧ ଓଡ଼ିଶାର ମୂଳ ଆଧାର

**ଭୁବନେଶ୍ୱର,ଅନୁଗୁଳ, ୧୭।୪/ଏନ୍ଏନ୍ଏସ୍:** ନାରୀଙ୍କ ଉନ୍ନତି ବିନା ଦେଶର ସମ୍ପୂର୍ଣ୍ଣ ବିକାଶ ସମ୍ଭବ ନୁହେଁ। ନାରୀ ସଶକ୍ତିକରଣ ହେଉଛି ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତର ମୂଳ ଆଧାର। ନାରୀ କେବଳ ପରିବାରର ନୁହେଁ, ସମାଜ ଓ ଜାତିର ମୂଳ ଶକ୍ତି ଭାବେ ପରିଚିତ। ନାରୀଶକ୍ତିର ବିଶାଳ

**ନାରୀ ଶକ୍ତି ବନ୍ଦନ ବିଲ୍‌କୁ ବିରୋଧ ଅର୍ଥ ନାରୀ ଶକ୍ତିର ଅସମ୍ମାନ**

**ଏହାକୁ ନାରୀ ସମାଜ କେବେ କ୍ଷମା ଦେବ ନାହିଁ: ସିଏମ୍**

ସମାଗମ ଭବିଷ୍ୟତ ଓଡ଼ିଶାର ଉନ୍ନତି ପାଇଁ ଏକ ସକାରାତ୍ମକ ସଙ୍କେତ ବୋଲି ଅନୁଗୁଳରେ ଆୟୋଜିତ ‘ନାରୀଶକ୍ତି ବନ୍ଦନ’ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ପଞ୍ଚାୟତରୁ ସଂସଦ ପର୍ଯ୍ୟନ୍ତ ନେତୃତ୍ୱ ନେବାକୁ ଆହ୍ୱାନ କରି କହିଥିଲେ ଯେ ନାରୀ ଶକ୍ତି ବନ୍ଦନ ବିଲ୍‌କୁ ବିରୋଧ ଅର୍ଥ ନାରୀ ଶକ୍ତିର ଅସମ୍ମାନ। ଏହାର ବିରୋଧ ହେଉଛି ନାରୀ ସଶକ୍ତିକରଣର ବିରୋଧ। ଏହାକୁ ନାରୀ ସମାଜ କେବେ କ୍ଷମା ଦେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଭାରତୀୟ ସଂସ୍କୃତିରେ ନାରୀଙ୍କ ସମ୍ମାନ ଓ ପୂଜାର ପରମ୍ପରାକୁ ଉଲ୍ଲେଖ କରି କହିଥିଲେ ଯେ “ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ” ବାକ୍ୟ ଆମ ସମାଜର ମୂଲ୍ୟବୋଧକୁ ପ୍ରକାଶ କରେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ‘ମହିଳାଙ୍କ ନେତୃତ୍ୱରେ ବିକାଶ’ ଆଜି ଦେଶର ମହିଳାମାନଙ୍କୁ ନୂଆ ଦିଗ ଦେଉଛି। ମହିଳାମାନେ ଆଜି ଶିକ୍ଷା, ସୁରକ୍ଷା, ବିଜ୍ଞାନ, କ୍ରୀଡ଼ା ଓ ପ୍ରଶାସନ ସମେତ ପ୍ରତ୍ୟେକ କ୍ଷେତ୍ରରେ ନିଜ ସାମର୍ଥ୍ୟ ପ୍ରମାଣ କରୁଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସେ ନାରୀଶକ୍ତିର ପ୍ରେରଣାଦାୟୀ ପ୍ରତୀକ ବୋଲି କହିଥିଲେ।

ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ମହିଳା ସଶକ୍ତିକରଣ ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକ ପାତ କରି କହିଥିଲେ ଯେ “ସୁଭଦ୍ରା” ଯୋଜନା ମାଧ୍ୟମରେ ମହିଳାଙ୍କୁ ଆର୍ଥିକ ସ୍ୱାଧୀନତା ଦେବା, “ଲକ୍ଷପତି ଦିଦି” ପରି ଉଦ୍ୟମ ମାଧ୍ୟମରେ ଆତ୍ମନିର୍ଭରତା ବୃଦ୍ଧି କରିବା ଓ “ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା” ମାଧ୍ୟମରେ ଅଭାବୀ ପରିବାରଙ୍କୁ ସହାୟତା ଯୋଗାଇ ଦିଆଯାଉଛି ବୋଲି କହିଥିଲେ। ସୁଭଦ୍ରା ହିତାଧିକାରୀ ବଁଅରପାଳ ବ୍ଲକ୍‌ର ଅଧିବାସୀ ତିଳୋତ୍ତମା ସାମନ୍ତଙ୍କ ସହ ବାର୍ତ୍ତାଳାପ କରି ସୁଭଦ୍ରା ଯୋଜନାରୁ ଗୋପାଳନ କରି କିପରି ଆତ୍ମନିର୍ଭର ହୋଇପାରିଛନ୍ତି ସେ ବିଷୟରେ ଆଲୋଚନା କରିଥିଲେ।

ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଅନୁଗୁଳ ଜିଲ୍ଲାରେ ୯୦ ହଜାରରୁ ଅଧିକ ଲକ୍ଷପତି ଦିଦି ଥିବାବେଳେ ସମଗ୍ର ରାଜ୍ୟରେ ୧୭ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ଅଛନ୍ତି ବୋଲି ପ୍ରକାଶ କରିଥିଲେ। ଏହାଛଡ଼ା “ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା”ରେ ୩୮୮ ଜଣ କନ୍ୟାଙ୍କ ବିବାହ ପାଇଁ ୧.୭୧ କୋଟି ଟଙ୍କାରୁ ଅଧିକ ସହାୟତା ଦିଆଯାଇଛି ଏବଂ ଆଗାମୀ ବର୍ଷ ପାଇଁ ୧୧.୮୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ ଚଳିତ ବଜେଟରେ ମହିଳାଙ୍କ ପାଇଁ ୧.୨୨ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ଓ ଗତ ବର୍ଷ ତୁଳନାରେ ଜେଣ୍ଡର ବଜେଟିଂରେ ୩୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏହା ମହିଳାଙ୍କ ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟୋଗିତାକୁ ଆହୁରି ଶକ୍ତିଶାଳୀ କରିବ।ଏହି ଅବସରରେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜୋନ ୨୮ ଜିଲ୍ଲା ପରିଷଦ ମୀରା ଗଡ଼ନାୟକ, ଏନଏସି ଭାଇସ୍ ଚେୟାରମ୍ୟାନ୍ ଅନୁପମା ସାହୁ, ଅନୁଗୋଳ ଜିଲାପାଳ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍ତର ପ୍ରମୁଖ ଉପସ୍ଥିତ ଥିଲେ।



# ଆମେ ବିଜୁଙ୍କ ସ୍ୱପ୍ନକୁ ପୂରଣ କରିବୁ: ମୁଖ୍ୟମନ୍ତ୍ରୀ

ବିଧାନସଭା ପରିସରରେ ଦେଲେ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ବିଜୁ ପଟ୍ଟନାୟକଙ୍କ ଅଧୁରା ସ୍ୱପ୍ନକୁ ଆମ ସରକାର ପୂରଣ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଶା ମାଟିର ଗୌରବ ଓ ଦେଶର ସମ୍ମାନ ପାଇଁ ବିଜୁବାବୁ ସର୍ବଦା ଲଢୁଥିଲେ। ସେ ଓଡ଼ିଶା ଓ ଓଡ଼ିଆ ଜାତିକୁ ବହୁତ ଭଲ ପାଉଥିଲେ। ବିଜୁଙ୍କ ଶ୍ରାଦ୍ଧ ଦିବସରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ସ୍ୱାଭିମାନ ଏବଂ ସମ୍ମାନ ପାଇଁ ବିଜୁ ବାବୁ କେବେ ସାଲିସ କରିନଥିଲେ। ଓଡ଼ିଶାକୁ ସମୃଦ୍ଧ କରିବାକୁ ସ୍ୱପ୍ନ ଦେଖିଥିଲେ ବିଜୁ ପଟ୍ଟନାୟକ। ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ପରିଚିତ କରାଇବା ପାଇଁ ତାଙ୍କ ସ୍ୱପ୍ନ ଅଧୁରା ରହିଯାଇଛି। ତେଣୁ ସେହି ସପ୍ନକୁ ପୂରା କରିବାକୁ ଆମ ସରକାର ସଂକଳ୍ପ ନେଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରକାଶ ଯେ ଆଜି ବିଧାନସଭା ପରିସରରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଲୋକସମ୍ପର୍କ ଅଧିକାରୀ ଅଂଶୁମାନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଭାଙ୍ଗିଲା ୧୮୭ ଘର, ୮ ଏକର ଜମି ଜବରଦଖଲମୁକ୍ତ

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଶୁକ୍ରବାର ଏକ ବଡ଼ ଧରଣର ଜବରଦଖଲ ଉଚ୍ଛେଦ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭରତପୁର ଥାନା ଅଞ୍ଚଳରେ ଥିବା ଶ୍ୟାମପୁର ମୌଜାର ଉଭୟ ନିର୍ମାଣ ସରିଥିବା ଓ ନିର୍ମାଣାଧୀନ ୧୮୭ଟି ଘରକୁ ଭାଙ୍ଗି ପ୍ରାୟ ୮ ଏକର ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଏହି ଅଭିଯାନ ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶକ୍ରମେ ଏବଂ ଯୁଗ୍ମ କମିଶନର ରଞ୍ଜନ କୁମାର ଜେନାଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ପ୍ରଥମ ଦିନରେ ଛଅଟି ଜେସିବି ମେସିନ୍ ବ୍ୟବହାର କରାଯାଇ ୧୮୭ଟି ଘର ଭଙ୍ଗାଯାଇଛି, ଯେଉଁଥିରେ ୩୧ଟି ନିର୍ମାଣାଧୀନ ଘର ମଧ୍ୟ ସାମିଲ୍ ଅଛି। ଏହା ଦ୍ୱାରା ପାଖାପାଖି ୮ ଏକର ଜମି ଉଚ୍ଛେଦ ମୁକ୍ତ ହୋଇଛି। ଅଭିଯାନ ସମୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରାୟ ୧୦ ପ୍ଲାଟୁନ୍ ପୁଲିସ ବଳ ଏବଂ ୫୦ ଜଣ ପୁଲିସ୍ ଅଧିକାରୀଙ୍କୁ ମୁତୟନ କରାଯାଇଥିଲା। ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି ଯେ ସମସ୍ତ ଅନଧିକୃତ ଦଖଲ ହଟାଯିବା ପର୍ଯ୍ୟନ୍ତ ଉଚ୍ଛେଦ ଅଭିଯାନ ଜାରି ରହିବ। ଉଚ୍ଛେଦ ସମୟରେ ଅଧିକାରୀମାନେ ଏକ ଅନଧିକୃତ ଘରରୁ ମୋଟ ୭୨ଟି ଏଲ୍‌ପିଜି ସିଲିଣ୍ଡର (ଯେଉଁଥିରେ ୨୧ଟି ଛୋଟ ସିଲିଣ୍ଡର ଅଛି) ଜବତ କରିଛନ୍ତି। ବିଡିଏ ଏହି ଜବତ ସିଲିଣ୍ଡରଗୁଡ଼ିକୁ ନାଗରିକ ଯୋଗାଣ ବିଭାଗକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ହସ୍ତାନ୍ତର କରିଛି।

# ଡିଲିମିଟେସନ ପ୍ରକ୍ରିୟାରେ ଓଡ଼ିଶାର ପ୍ରତିନିଧିତ୍ୱ କମିବନି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ଓଡ଼ିଶାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗତକାଲି ରାଜ୍ୟର ସାଂସଦମାନଙ୍କୁ ପତ୍ର ଲେଖି ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ନେଇ ଯେଉଁ ଆଶଙ୍କା ପ୍ରକଟ କରିଛନ୍ତି, ତାହା କେବଳ ଭୟ ସୃଷ୍ଟି କଲା ଭଳି ମନେହେଉଛି। ନୂତନ ସୀମା ନିର୍ଦ୍ଧାରଣ ବା ଡିଲିମିଟେସନ ପ୍ରକ୍ରିୟା ପରେ ଲୋକସଭାରେ ଓଡ଼ିଶାର ପ୍ରତିନିଧିତ୍ୱ ୩.୯% ରୁ ହ୍ରାସ ପାଇ ୩.୪% ହୋଇଯିବ ବୋଲି ନବୀନ ଚିଠିରେ ଯେଉଁ ତଥ୍ୟ ରଖିଛନ୍ତି, ସେଥିରେ କୌଣସି ସତ୍ୟତା ନାହିଁ। ଓଡ଼ିଶାର ପ୍ରତିନିଧିତ୍ୱ ବଢ଼ିବା ନିଶ୍ଚିତ, କମିଯିବାର କୌଣସି ପ୍ରଶ୍ନ ଉଠୁନାହିଁ। ଏଭଳି ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ଦେଇ ରାଜ୍ୟର ଜନସାଧାରଣଙ୍କୁ ଭୟଭୀତ କରିବା ଉଚିତ୍ ହେଉନାହିଁ । ସମୟ ଆସିଲେ ସବୁକିଛି ସ୍ୱଷ୍ଟ ହୋଇଯିବ, କେବଳ ଧୈର୍ଯ୍ୟର ସହ ଅପେକ୍ଷା କରିବା ଆବଶ୍ୟକ। ନବୀଙ୍କ ଭଳି ଜଣେ ଅଭିଜ୍ଞ ରାଜନେତାଙ୍କ ପାଖରୁ ଏଭଳି ପ୍ରତିକ୍ରିୟା ଶୋଭା ପାଉନାହିଁ ବୋଲି ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ ମାଧ୍ୟମରେ ନିଜର ପ୍ରତିକ୍ରିୟା ରଖି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଏହି ବିଲ୍ ପାରିତ ହେଲେ ଓଡ଼ିଶାର ରାଜନୈତିକ ଏବଂ ଅର୍ଥନୈତିକ ସ୍ୱାର୍ଥ କ୍ଷୁଣ୍ଣ ହେବ ବୋଲି ଯେଉଁ ଦାବି କରାଯାଉଛି, ତାହା ସମ୍ପୂର୍ଣ୍ଣ ଭାବେ ଭ୍ରମାତ୍ମକ। ଭାରତର ସମ୍ବିଧାନ ଏବଂ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ଉପରେ ବିଶ୍ୱାସ ରଖିବା ଉଚିତ୍। ଦେଶର କୌଣସି ରାଜ୍ୟର ଅଧିକାରକୁ କ୍ଷୁର୍ଣ୍ଣ କରାଯିବ ନାହିଁ ବୋଲି ଗୃହମନ୍ତ୍ରୀ ସଂସଦରେ ସ୍ୱଷ୍ଟ ଭାବେ କହିଛନ୍ତି ଏବଂ ଓଡ଼ିଶାର ହକ୍ ମଧ୍ୟ ଏଥିରୁ ବାଦ୍ ପଡ଼ିବ ନାହିଁ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଏବଂ ତାଙ୍କର ଦଳ ବିଜେଡି ‘ନାରୀ ଶକ୍ତି ବନ୍ଦନ ଅଧିନିୟମ’କୁ ସମର୍ଥନ କରିବା ସ୍ୱାଗତଯୋଗ୍ୟ, କିନ୍ତୁ ଏହାକୁ ଖୋଲା ହୃଦୟରେ ଆମେ ସମସ୍ତେ ସମର୍ଥନ କରିବା ଉଚିତ୍ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନରେ ଓଡ଼ିଶା ସବୁବେଳେ ଅଗ୍ରାଧିକାରରେ ରହିଆସିଛି। ଏହି ସଂଶୋଧନ ବିଲ୍ କେବଳ ଓଡ଼ିଶା ପାଇଁ ନୁହେଁ, ବରଂ ସମଗ୍ର ଭାରତବର୍ଷର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଏକ ଐତିହାସିକ ପଦକ୍ଷେପ। ଏହି ପ୍ରସଙ୍ଗକୁ ବିବାଦର ରୂପ ନଦେଇ, ଦେଶର ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେବା ଆବଶ୍ୟକ। ସମ୍ବିଧାନର ମର୍ଯ୍ୟାଦା ରକ୍ଷା କରି ରାଜନୈତିକ ଫାଇଦା ଅପେକ୍ଷା ଦେଶର ସ୍ୱାର୍ଥକୁ ଆମେ ସମସ୍ତେ ପ୍ରାଥମିକତା ଦେବା ଉଚିତ୍ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।



**ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ଦେଇ ରାଜ୍ୟବାସୀଙ୍କୁ ଭୟଭୀତ କରିବା ଉଚିତ ନୁହେଁ**

## ୨୧ରେ ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ

# ପ୍ରସ୍ତୁତି ତ୍ରୁଟିଶୂନ୍ୟ କରିବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୭।୪ /ଏନ୍ଏନ୍ଏସ୍:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆସନ୍ତା ଏପ୍ରିଲ ୨୧ ତାରିଖରେ ରାଉରକେଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମର ପ୍ରସ୍ତୁତି ଯେପରି ତ୍ରୁଟି ଶୂନ୍ୟ ହେବ, ସେଥିପାଇଁ ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ଏବଂ ତଦାରଖ ଉପରେ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭାଗର ସଚିବ ତଥା ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ଗୃହ,ଶିଳ୍ପ,ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା , ବିଜ୍ଞାନ ଓ କାରିଗରୀ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କରେ ରାଜ୍ୟ ଗୃହ(ସ୍ୱରାଷ୍ଟ୍ର) ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଆର.କେ ଶର୍ମା ସୂଚନା ପ୍ରଦାନ କରିଥିଲେ। ବୈଠକରେ ଆଲୋଚନା ଅନୁସାରେ ରାଷ୍ଟ୍ରପତି ଏପ୍ରିଲ ୨୧ ତାରିଖ ସକାଳୁ ନୂଆ ଦିଲ୍ଲୀରୁ ବାୟୁସେନା ବିମାନରେ ବାହାରି ପୂର୍ବାହ୍ନ ୧୦.୨୫ ରେ ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚିବେ ଓ ସେଠାରୁ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ସକାଳ ୧୧.୧୦ ମି ସମୟରେ ରାଉରକେଲା ବିମାନ ବନ୍ଦରରେ ପହଞ୍ଚି ସଡ଼କ ପଥରେ ସେକ୍ଟର ୧୩ ଠାରେ ଆୟୋଜିତ ସାଧାରଣ ସଭାରେ ଯୋଗଦେବା ସହ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଉଦଘାଟନ କରିବେ। ରାଷ୍ଟ୍ରପତି ରାଉରକେଲା ଠାରେ ସମନ୍ୱିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ଭବନ, ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ, କୋଏଲ ନଗର ସ୍ଥିତ ପ୍ରମୋଦ ଉଦ୍ୟାନ ଭଳି ଜନ କଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକର ଶୁଭ ଉଦଘାଟନ କରିବେ। ସାଧାରଣ ସଭାପରେ ରାଷ୍ଟ୍ରପତି ଜନ ଜାତି ସଂଗ୍ରହାଳୟ ଓ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର, ରାଉରକେଲାର ପରିଦର୍ଶନ କରିବେ। କାର୍ଯ୍ୟକ୍ରମ ସରିବା ପରେ ରାଷ୍ଟ୍ରପତି ରାଉରକେଲାରୁ ପ୍ରତ୍ୟାବର୍ତ୍ତନ କରି ଝାରସୁଗୁଡ଼ା ଦେଇ ଅପରାହ୍ନ ୪.୫୦ ରେ ନୂଆଦିଲ୍ଲୀ ଅଭିମୁଖେ ଗସ୍ତ କରିବେ ବୋଲି ବୈଠକରୁ ଜଣାପଡ଼ିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ସଂପର୍କରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡଃ. ଶୁଭଙ୍କର ମହାପାତ୍ର ସୂଚନା ଦେଇଥିଲେ। ଉଭୟ ରାଉରକେଲା ଓ ଝାରସୁଗୁଡ଼ା ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ (ସର୍କିଟ ହାଉସ୍) କୁ ପୂର୍ଣ୍ଣ ପ୍ରସ୍ତୁତ ରଖିବାକୁ ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ପରିପ୍ରେକ୍ଷୀରେ ମାଗ ଦର୍ଶିକା ଅନୁସାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ଗୁରୁତ୍ୱ ଦିଆଯାଇଛି। ବିମାନ ବନ୍ଦର ଠାରୁ ଆରମ୍ଭ କରି ସର୍କିଟ ହାଉସ୍, ସଭାସ୍ଥଳ ଓ କାର୍ଯ୍ୟକ୍ରମ ସ୍ଥଳ ଗୁଡ଼ିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ନେଇ ଆଲୋଚନା କରାଯାଇଛି। ବୈଠକରେ ଆଭାସୀ ମାଧ୍ୟମରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସମେତ ପଶ୍ଚିମାଞ୍ଚଳ ଡିଆଇଜି, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଏସ୍ପି ପ୍ରମୁଖ ଯୋଗଦେଇ ପ୍ରସ୍ତୁତି ସଂପର୍କରେ ଆଲୋଚନା କରିଥିଲେ।

ବିଭିନ୍ନ କାର୍ଯ୍ୟକ୍ରମ ସମନ୍ୱୟ ପାଇଁ ରାଜ୍ୟସ୍ତରରେ ଗୃହ ଓ ନଗର ଉନ୍ନୟନ ବିଭାଗ ପୌର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଅରିନ୍ଦମ ଡାକୁଆଙ୍କୁ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ପ୍ରସ୍ତୁତିକୁ କୌଣସି ମତେ ହାଲୁକା ଭାବେ ନ ନେଇ ତ୍ରୁଟି ଶୂନ୍ୟ ପ୍ରସ୍ତୁତି ଉପରେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ଭଳି ରାଷ୍ଟ୍ରପତିଙ୍କ ଗସ୍ତ ପରିପ୍ରେକ୍ଷୀରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ ମଧ୍ୟ କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଛି।

# ଓଡ଼ିଶା କ୍ୟାଡର୍ ଆଇଏଏସ ପ୍ରଶିକ୍ଷାର୍ଥୀଙ୍କ ଏସ୍ଏସ୍ଇପିଡି ବିଭାଗ ପରିଦର୍ଶନ

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ୨୦୨୪ ବ୍ୟାଚ୍ ଓଡ଼ିଶା କ୍ୟାଡର୍‌ର ୯ ଜଣ ଆଇଏଏସ ପ୍ରଶିକ୍ଷାର୍ଥୀ ଆଜି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣର ଅଂଶସ୍ୱରୂପ ଭବିଷ୍ୟତର ଏହି ପ୍ରଶାସକମାନଙ୍କୁ ଅନ୍ତର୍ଭୁକ୍ତିମୂଳକ ଶାସନ ଏବଂ ସାମାଜିକ କଲ୍ୟାଣ କ୍ଷେତ୍ରରେ ବ୍ୟବହାରିକ ଜ୍ଞାନ ପ୍ରଦାନ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ନିର୍ଦ୍ଦେଶିକା ପାରୁଲ ପଟାୱାରୀଙ୍କ ନେତୃତ୍ୱରେ ଏହି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭାଗର ପ୍ରମୁଖ ଲକ୍ଷ୍ୟଗୁଡ଼ିକ ବିଷୟରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷାର୍ଥୀମାନେ ଭୁବନେଶ୍ୱରସ୍ଥିତ ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନ ପରିଦର୍ଶନ କରିଥିଲେ। ସେଠାରେ ସେମାନେ ନାଗରିକମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ଏବଂ ସେବା ପ୍ରଦାନ ବ୍ୟବସ୍ଥାକୁ ପ୍ରତ୍ୟକ୍ଷ ଭାବେ ଦେଖିବାର ସୁଯୋଗ ପାଇଥିଲେ। ଏହି ପ୍ରଶିକ୍ଷାର୍ଥୀ ଦଳରେ ଅନିମେଷ ପ୍ରଧାନ, ପ୍ରଜ୍ଞାନନ୍ଦନ ଗିରି, କୁମାରୀ କସ୍ତୁରୀ ସା, କୁମାରୀ ଫାବି ରସିଦ, କୁମାରୀ ମୃଣାଳିକା ରାଠୋର, କୁମାରୀ ଶୁଭ୍ରା ପଣ୍ଡା, ପବନ କୁମାର, କୁମାରୀ ଭଗତ ଶ୍ୟାମଳ କଲ୍ୟାଣରାଓ ଏବଂ ସନ୍ତୋଷ କୁମାର ପାତ୍ର ସାମିଲ ଥିଲେ। ପ୍ରଶିକ୍ଷଣ ସମୟରେ ଅତିରିକ୍ତ ସଚିବ ଦୀପକ ରାଉତରାୟ ଏବଂ ସୋନିଆ ବେହେରାଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ।

# ଏକାଠି ହେଲେ ବିଜୁ ଅନୁଗତ, ଗଢ଼ିଲେ ନାଗରିକ ମଞ୍ଚ

ବିଶ୍ୱାସଘାତକ କହିଲେ ନବୀନ

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ଏକାଠି ହେଲେ ବିଜୁ ଅନୁଗତ। ଗଢ଼ିଲେ ନାଗରିକ ମଞ୍ଚ। ଛିଡୁଛି ବିଜେଡି, ଶକ୍ତିଶାଳୀ ହେବ ନାଗରିକ ମଞ୍ଚ। ବିଜୁ ତିରୋଧାନ ଦିବସରେ ବିଜୁ ଲିଗାସୀକୁ ନେଇ ବଡ଼ ହଲଚଲ ଦେଖିବାକୁ ମିଳିଛି। ଭୁବନେଶ୍ୱରରେ ଆୟୋଜିତ ନାଗରିକ ମଞ୍ଚ ସମାବେଶରେ ବିଜୁଙ୍କ ସମ୍ପତ୍ତିକୁ କିପରି ଟ୍ରଷ୍ଟ ମାଧ୍ୟମରେ ଅକ୍ତିଆର କରିବାକୁ ଚେଷ୍ଟା କରାଯାଉଛି ତାକୁ ମୁଖ୍ୟ ପ୍ରସଙ୍ଗ କରାଯାଇଛି। ସେପଟେ ଖୋଦ୍ ନବୀନ ନାଁ ନନେଇ ଏସବୁ ନେତାଙ୍କୁ ବିଶ୍ୱାସଘାତକ କହିଛନ୍ତି। ତେବେ ଜବାବ ରଖି ବିଜୟ ମହାପାତ୍ର କହିଛନ୍ତି, ଆଗ ନବୀନ ନିଜ ମୁହଁକୁ ଆଇନାରେ ଦେଖନ୍ତୁ। ଶୁକ୍ରବାର ଆତ୍ମପ୍ରକାଶ କରିଛି ଓଡ଼ିଶା ନାଗରିକ ମଞ୍ଚ। ବିଜୁ ଜନତା ଦଳକୁ ଟକ୍କର ଦେବ ବିଜୁ ଲିଗାସୀ। ପଡିଲା ମୁଳଦୁଆ। ରାଜନୈତିକ ଦଳ ଭାବେ ରୂପାନ୍ତରିତ ହୋଇପାରେ ମଞ୍ଚ। ବିଜୁବାବୁଙ୍କ ତିରୋଧାନ ଦିବସରେ ଭୁବନେଶ୍ୱର ଓୟୁଏଟି ସମ୍ମିଳନୀ କକ୍ଷରେ ଆଜି ଓଡିଶା ନାଗରିକ ମଞ୍ଚ ବିଶାଳ ସମାବେଶର ଆୟୋଜନ କରିଥିଲା।

ବରିଷ୍ଠ ନେତା ବିଜୟ ମହାପାତ୍ର ଭାଷଣ ଦେଇ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକଙ୍କୁ କଟାକ୍ଷ କରିବା ସହିତ ପାଣ୍ଡିଆନଙ୍କୁ ପରୋକ୍ଷରେ ଟାର୍ଗେଟ କରିଥିଲେ। ସେ କହିଥିଲେ ବିଜୁ ବାବୁଙ୍କ ଦିଲ୍ଲୀ ବାସଭବନ ଓ ନବୀନ ନିବାସ ଜାତୀୟ ସମ୍ପତ୍ତି। ଆଉ ଏହାକୁ ଜଣେ ଅଣଓଡିଆ ଟ୍ରଷ୍ଟ ନାଁରେ ଅକ୍ତିଆର ପାଇଁ କରୁଥିବା ଚେଷ୍ଟାକୁ ଆମେ ଚୁପ୍ ହୋଇ ଗ୍ରହଣ କରିପାରିବା ନାହିଁ। ଦିଲ୍ଲୀପ ରାୟ ମଧ୍ୟ ନିଜ ଭାଷଣରେ ବିଜୁଙ୍କ ବାବଦରେ ଜାଣି ନଥିବା ଲୋକେ କିପରି ବିଜୁ ଲିଗାସୀ କଥା କହୁଛନ୍ତି ତାକୁ ଉଲ୍ଲେଖ କରି ବର୍ଷିଛନ୍ତି। ବିଜୁ ବାବୁଙ୍କ ସହ ବିତାଇଥିବା ମୁହୂର୍ତ୍ତକୁ ମନେ ପକାଇବା ବେଳେ ବେଶ୍ ଭାବବିହ୍ୱଳ ହୋଇଯାଇଥିଲେ ଦିଲ୍ଲୀପ। ସେହିପରି ଅନ୍ୟତମ ନେତା ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରତି ବ୍ଲକ୍ ଓ ପଞ୍ଚାୟତରେ ନାଗରିକ ମଞ୍ଚ ପହଞ୍ଚିବ କହି ଦଳ ଗଠନ ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଛନ୍ତି। ଏଣେ ବିଜେଡି ଆଜି ବିଜୁ ତିରୋଧାନ ଦିବସକୁ ପ୍ରବାଦ ପୁରୁଷ ଦିବସ ଭାବେ ପାଳନ କରୁଛି । ସେପଟେ ନାଗରିକ ମଞ୍ଚର ଶକ୍ତି ପ୍ରଦର୍ଶନକୁ ଆଜି ପରୋକ୍ଷରେ ସମାଲୋଚନା କରିଛନ୍ତି ଦିଲ୍ଲରେ ଥିବା ନବୀନ। ନାଁ ନନେଇ ସଭା ଆୟୋଜନ କରିଥିବା ନେତାଙ୍କୁ ବିଶ୍ୱାସ ଘାତକ ବୋଲି କହିଛନ୍ତି। ସେ କହିଛନ୍ତି ଯେ ରାଜନୀତିରେ କିଛି ଲୋକ ସବୁବେଳେ ‘ବିଶ୍ୱାସଘାତକତା’ ଭୂମିକାରେ ଖୁସି ହୋଇଥାଆନ୍ତି। କୌଣସି ମୁଖା ଅଧିକ ଦିନ ଧରି ସେମାନଙ୍କ ପାପକୁ ଲୁଚାଇ ପାରିବନି। ଲୋକମାନେ ଜାଣନ୍ତି କିଏ କ’ଣ ।

ବିଜୁ ବାବୁଙ୍କ ୨୯ତମ ତିରୋଧାନ ଦିବସ

# ‘ପ୍ରବାଦ ପୁରୁଷ ଦିବସ’ଭାବେ ପାଳିଲା ବିଜେଡି

ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ସମ୍ମିଳିତ ସ୍ୱର ଉତ୍ତୋଳନ ହେବ ବିଜୁ ବାବୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି: ନବୀନ

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସକୁ ବିଜୁ ଜନତା ଦଳ ତରଫରୁ ଶ୍ରଦ୍ଧା ଓ ଗରିମାମୟ ଭାବରେ “ପ୍ରବାଦ ପୁରୁଷ ଦିବସ” ଭାବେ ପାଳିତ ହୋଇଯାଇଛି। ଦଳର ନେତୃବୃନ୍ଦଙ୍କ ଉପସ୍ଥିତିରେ ଶଙ୍ଖ ଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଦିଲ୍ଲୀରୁ ଥାଇ ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ନିଜର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରୀ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଥିଲେ, ଦେଶରେ ମହିଳା ମାନଙ୍କୁ ସଶକ୍ତିକରଣ କରିବା ଲକ୍ଷ୍ୟରେ ସେମାନଙ୍କୁ ସାମ୍ବିଧାନିକ ପଦରେ ସ୍ଥାପିତ କରିବା ପାଇଁ ୯୦ ଦଶକରେ ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପଦକ୍ଷେପ ନେଇଥିଲେ। ସଂଯୋଗ ବଶତଃ ବିଜୁ ବାବୁଙ୍କ ତିରୋଧାନ ଦିବସରେ ସଂସଦରେ ମହିଳା ସଂରକ୍ଷଣ ବିଲ୍ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଉଛି। ତେଣୁ ବିଜୁ ଜନତା ଦଳ ମହିଳା ସଂରକ୍ଷଣ ବିଲକୁ ସମର୍ଥନ କରୁଛି। ଶ୍ରୀ ପଟ୍ଟନାୟକ ଆହୁରି କହିଥିଲେ, ଇତିହାସ ସାକ୍ଷୀ ଅଛି, ଓଡିଶା ଲଗାତର ଭାବେ କେନ୍ଦ୍ରୀୟ ଅବହେଳାର ଶିକାର ହୋଇଆସୁଛି । ଏବେ ଡିଲିମିଟେସନ ବିଲ୍ ମାଧ୍ୟମରେ ଓଡ଼ିଶାର ରାଜନୈତିକ ପରିଚୟ ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଡ଼ିଆ ସ୍ୱାଭିମାନ ଆଜି ବିପଦରେ। ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ କମିଯାଉଥିବା ଆଶଙ୍କା ଉପୁଜିଥିବାରୁ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖି ବିଧାନସଭାର ଏକ ବିଶେଷ ଅଧିବେଶନ ଡାକି, ଓଡ଼ିଶାର ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଅନୁରୋଧ କରିଥିଲି। କିନ୍ତୁ ଏବେ ଲାଗୁଛି ରାଜ୍ୟ ବିଜେପି ସରକାର ଏହିଭଳି ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନୀରବଦ୍ରଷ୍ଟା ସାଜିବାକୁ ପସନ୍ଦ କରୁଛି। ତେଣୁ ଏଥିରୁ ସ୍ୱଷ୍ଟ ହେଉଛି, ରାଜ୍ୟ ବିଜେପି ସରକାର ଓଡ଼ିଆ କି ଓଡ଼ିଶାର ସ୍ୱାର୍ଥ ନୁହେଁ ବରଂ ବିଜେପିର ସ୍ୱାର୍ଥ ପୂରଣ ପାଇଁ ଗୁରୁତ୍ୱ ଦେଉଛି। ଏହା କ’ଣ ଓଡ଼ିଆ ଅସ୍ମିତା ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ। ସେ ଆହୁରି କହିଥିଲେ, ଆଉ ଏକ ଚିଠି ମାଧ୍ୟମରେ ମୁଁ ଏହି ପ୍ରସଙ୍ଗରେ ରାଜ୍ୟର ସମସ୍ତ ସାଂସଦ ମାନଙ୍କୁ ଅବଗତ କରିବା ସହିତ ରାଜ୍ୟର ହିତ ଦୃଷ୍ଟିରୁ ଦଳଗତ ରାଜନୀତିରୁ ଊର୍ଦ୍ଧ୍ୱରେ ରହି, ଏ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରିବାକୁ ଅନୁରୋଧ କରିଛି। ବିଜୁ ବାବୁ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଥିଲେ। ଆଜି ତାଙ୍କ ତିରୋଧାନ ଦିବସରେ ଓଡ଼ିଆ ସ୍ୱାଭିମାନର ସୁରକ୍ଷା ପାଇଁ ଆମର ସମ୍ମିଳିତ ଉଦ୍ୟମ ହେବ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।



ତିରୋଧାନ ଦିବସ ଅବସରରେ, ସକାଳେ ବିନ୍ଦୁ ସାଗର ଠାରେ ତିଳତର୍ପଣ ଅର୍ପଣ କରାଯାଇଥିଲା । ଏହାପରେ ଫରେଷ୍ଟ ପାର୍କରେ ଓ ଏୟାରପୋର୍ଟ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କ୍ୟାପିଟାଲ ହସ୍ପିଟାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶ୍ରଦ୍ଧାଞ୍ଜଳି ସଭା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତ ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ଜିଲ୍ଲା ସଭାପତିଅଶୋକ ପଣ୍ଡା, ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି ଓ ଡ଼ ପ୍ରିୟବ୍ରତ ମାଝୀ ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶଙ୍ଖ ଭବନରେ ଆୟୋଜିତ “ପ୍ରବାଦ ପୁରୁଷ ଦିବସ” କାର୍ଯ୍ୟକ୍ରମକୁ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସଂଯୋଜନା କରିଥିବା ବେଳେ ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଶଅଶୋକ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବିଧାୟକ କଳିକେଶ ନାରାୟଣ ସିଂଦେଓ, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଇତ୍ୟାଦି ନିଜର ବକ୍ତବ୍ୟ ରଖିବା ସହିତ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ ଧନ୍ୟବାଦ ଦେଇଥିଲେ।

## ବିଶ୍ୱ ହିମୋଫିଲିଆ ଦିବସ

# ଅତ୍ୟାଧୁନିକ ଚିକିତ୍ସା ଓ ଔଷଧର ଶୁଭାରମ୍ଭ

**ଭୁବନେଶ୍ୱର,୧୭।୪ /ଏନ୍ଏନ୍ଏସ୍:** ଆଜି ସ୍ଥାନୀୟ କ୍ୟାପିଟାଲ ହସ୍ପିଟାଲ୍ ଏବଂ ପିଜିଆଇଏମ୍ଇଆର୍, ଭୁବନେଶ୍ୱର ପରିସରରେ ଥିବା ହିମୋଫିଲିଆ ଡେ-କେୟାର ସେଣ୍ଟରଠାରେ 'ବିଶ୍ୱ ହିମୋଫିଲିଆ ଦିବସ' ପାଳନ ହୋଇଛି। ଏହି ଅବସରରେ ରୋଗୀମାନଙ୍କ ପାଇଁ ଉନ୍ନତମାନର ଚିକିତ୍ସା ସୁବିଧା ଏବଂ ନୂତନ ଔଷଧର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ସରକାର ସବୁବେଳେ ହିମୋଫିଲିଆ ରୋଗୀମାନଙ୍କ ସହିତ ଦୃଢ଼ ଭାବେ ରହିଛି। ରାଜ୍ୟରେ ମୁକ୍ତ ଚିକିତ୍ସା ସୁବିଧା, ଫ୍ୟାକ୍ଟର୍ ଉପଲବ୍ଧତା ଏବଂ ସଚେତନତା କାର୍ଯ୍ୟକ୍ରମକୁ ଆଗେଇ ନେଇଛୁ ବୋଲି ସେ କହିଛନ୍ତି।

ପ୍ରତିବର୍ଷ ଏପ୍ରିଲ ୧୭ ତାରିଖରେ ପାଳିତ ହେଉଥିବା 'ବିଶ୍ୱ ହିମୋଫିଲିଆ ଦିବସ' ଅବସରରେ ରାଜ୍ୟରେ ଏହି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ହିମୋଫିଲିଆ ରୋଗୀଙ୍କ ପାଇଁ ରାଜ୍ୟ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ହିମୋଫିଲିଆ ହେଉଛି ଏକ ବିରଳ ରୋଗ, ଯାହା ନା କେବଳ ରୋଗୀଙ୍କୁ ବରଂ ତାଙ୍କ ପରିବାରକୁ ମଧ୍ୟ ଗଭୀର ପ୍ରଭାବିତ କରୁଛି। ହିମୋଫିଲିଆ ହେଉଛି ଏକ ବଂଶାନୁକ୍ରମିକ ରୋଗ, ଯେଉଁଥିରେ ରକ୍ତ ସାଧାରଣ ଭାବେ ଜମାଟ ବାନ୍ଧେ ନାହିଁ। ଏହାର କାରଣ ହେଉଛି ରକ୍ତରେ ଥିବା କ୍ଲଟିଂ ଫ୍ୟାକ୍ଟର୍‌ର ଅଭାବ କିମ୍ବା ଅନୁପସ୍ଥିତି। ଏହି କାରଣରୁ ସାଧାରଣ ଆଘାତ ହେଲେ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ରକ୍ତସ୍ରାବ ହୁଏ ଏବଂ କେବେ କେବେ ଶରୀରର ଭିତରେ ମଧ୍ୟ ରକ୍ତସ୍ରାବ ହୋଇପାରେ। ଆଗାମୀ ଦିନରେ ରାଜ୍ୟରେ ଏନ୍ଏଫ୍‌ଟି ମଧ୍ୟ ଉପଲବ୍ଧ କରାଯିବ। ଏହା ଏକ ଅତ୍ୟାଧୁନିକ ପଦ୍ଧତି ଯାହା ଅଧିକ ପ୍ରଭାବଶାଳୀ ଏବଂ ଏହା ଦ୍ୱାରା ବାରମ୍ବାର ରକ୍ତସ୍ରାବ ହେବାର ଭୟ ରହିବ ନାହିଁ। ଫଳରେ ରୋଗୀମାନେ ଏକ ସୁସ୍ଥ ଓ ସ୍ୱାଭାବିକ ଜୀବନ ଅତିବାହିତ କରିପାରିବେ। ଓଡ଼ିଶାରେ ପ୍ରଥମ ଥର ପାଇଁ ଏକ୍ସଟେଣ୍ଡେଡ୍ ହାପ୍ - ଲାଇଫ୍ ଫ୍ୟାକ୍ଟର୍ ୮ ଏବଂ ଭନ୍ ଉଇଲବ୍ରାଣ୍ଡ୍ ଫ୍ୟାକ୍ଟର୍ ୱିଥ୍ ଫ୍ୟାକ୍ଟର୍‌ର ସୁବିଧା ରାଜ୍ୟ ସରକାରଙ୍କ ତରଫରୁ ଉପଲବ୍ଧ କରାଯାଇଛି। ଏହି ଆଧୁନିକ ଚିକିତ୍ସା ପ୍ରଣାଳୀ ଦ୍ୱାରା ରୋଗୀମାନେ କମ ସଂଖ୍ୟକ ଇଞ୍ଜେକ୍ସନ୍ ନେବେ, ତାଙ୍କର ଜୀବନ ମାନ ଉନ୍ନତ ହେବ ଏବଂ ସେମାନେ ଅଧିକ ସ୍ୱାଧୀନ ଜୀବନ ବ୍ୟତୀତ କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ କ୍ୟାପିଟାଲ୍ ହସ୍ପିଟାଲ ଏବଂ ପିଜିଆଇଏମଇଆର୍‌ର ନିର୍ଦ୍ଦେଶକ, ବ୍ଲଡ୍ ସେଫ୍‌ଟି ବିଭାଗର ନିର୍ଦ୍ଦେଶକ ଓ ଅତିରିକ୍ତ ନିର୍ଦ୍ଦେଶକ, କ୍ୟାପିଟାଲ ହସ୍ପିଟାଲର ଅଧୀକ୍ଷକ ଓ ଉପ-ଅଧୀକ୍ଷକ, ପିଜିଆଇଏମ୍ଇଆର୍‌ର ଅଧକ୍ଷ ଏବଂ ହେମୋଫିଲିଆ ସୋସାଇଟିର ପ୍ରତିନିଧିମାନେ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ସମ୍ମିଳନୀ

# 'ସିଏମ୍-ସମ୍ପଦା' ଓ 'ପ୍ରୟାସ' ଜରିଆରେ ବିକାଶମୂଳକ କାର୍ଯ୍ୟର ସମୀକ୍ଷା




**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହିତ ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଲୋକସେବା ଭବନରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂଙ୍କ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିବା ସମ୍ପୃକ୍ତ ବିଭାଗର ସଚିବମାନେ ଯୋଗଦେଇଥିବା ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ। ବୈଠକରେ ପ୍ରଶିକ୍ଷଣରେ ଥିବା ୨୦୨୪ ଓଡ଼ିଶା କ୍ୟାଡର ଭାରତୀୟ ପ୍ରଶାସନିକ ସେବା ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ବୈଠକରେ 'ସିଏମ-ସମ୍ପଦା' କାର୍ଯ୍ୟକାରିତା ନେଇ ଆଲୋଚନା କରାଯାଇଥିଲା। ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ଉପଯୋଗରେ ଖଣି ପ୍ରଭାବିତ ଅଞ୍ଚଳରେ ଗୁଣାତ୍ମକ ଜୀବନଶୈଳୀ, ସ୍ୱାସ୍ଥ୍ୟ ସେବା, ନିରାପଦ ପାନୀୟଜଳ, ଶିକ୍ଷା, ଭିତ୍ତିଭୂମି ଆଦି କ୍ଷେତ୍ରରେ ବ୍ୟକ୍ତିଗତ ଓ ସାମୂହିକ ମୌଳିକ ସୁବିଧା ଏବଂ ବିକାଶମୂଳକ କାର୍ଯ୍ୟକୁ ସୁନିଶ୍ଚିତ କରିବା ପାଇଁ 'ସିଏମ୍-ସମ୍ପଦା' ତଦାରଖ ଓ ସମୀକ୍ଷା ପ୍ଲାଟଫର୍ମ କାର୍ଯ୍ୟକାରୀ ହୋଇଛି। ଏଥିପାଇଁ ରାଜ୍ୟର ସିଏମ୍-ସମ୍ପଦା ଟିମ୍ ଦ୍ୱାରା ଖଣିଜ ପ୍ରଭାବିତ ଗ୍ରାମଗୁଡ଼ିକର ତାଲିକା ପ୍ରସ୍ତୁତି କରାଯାଇଛି, ଯଦ୍ୱାରା କି ସେସବୁ ଅଞ୍ଚଳରେ ବିକାଶ ତ୍ୱରାନ୍ୱିତ ହୋଇପାରିବ। ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ସିଏମ୍-ସମ୍ପଦାର କାର୍ଯ୍ୟକାରିତା ନେଇ ତଥ୍ୟର ଅନୁଧ୍ୟାନ କରିବା ସମ୍ପର୍କରେ ବୈଠକ କରାଯାଉଥିବା ନେଇ ସୂଚନା ଦିଆଯାଇଥିଲା। ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟରେ କରାଯାଉଥିବା ଜଳସେଚନ ଗଣନା ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା। ୭ମ କ୍ଷୁଦ୍ର ଜଳସେଚନ ଗଣନା, ୨ୟ ଜଳାଶୟ ଗଣନା, ୧ମ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଗଣନା ଏବଂ ପ୍ରଥମ ଝରଣା ଗଣନା ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ପ୍ରଥମ ଥର କରି ରାଜ୍ୟରେ ଝରଣା ଗଣନା କାର୍ଯ୍ୟକ୍ରମ କରାଯାଉଛି, ଯାହାର ତଥ୍ୟ ଭୂତଳ ଜଳ ପରିଚାଳନା ଓ ସମ୍ପୃକ୍ତ ଅଞ୍ଚଳରେ ପରିବେଶୀୟ ସନ୍ତୁଳନରେ ସହାୟକ ହେବ। ଝରଣା ଗଣନା କାର୍ଯ୍ୟକ୍ରମକୁ ମେ' ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜଳସେଚନ ଗଣନା ସମ୍ପର୍କିତ ଜିଲ୍ଲାସ୍ତରୀୟ ଉପ କମିଟି ଗଠନ କରାଯାଇଥିବା ବେଳେ ସମସ୍ତ ଜଳସେଚନ ଗଣନା କାର୍ଯ୍ୟକୁ ଜିଲ୍ଲାପାଳମାନେ ଗୁରୁତ୍ୱ ଦେବା, ଗଣନା କାର୍ଯ୍ୟରେ ଗୁଣାତ୍ମକତା ରହିବା ଓ ଠିକ ସମୟରେ କାର୍ଯ୍ୟ ସାରିବାକୁ ସମୀକ୍ଷା କରିବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ପର୍କିତ ମାତୃ ଓ ଶିଶୁ ମୃତ୍ୟୁ ଜନିତ କାରଣ ଓ ଏହାକୁ ହ୍ରାସ କରିବା ପାଇଁ ତଦାରଖ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା, ଚିକିତ୍ସା ମାର୍ଗଦର୍ଶିକାର ସଠିକ୍ ଅନୁପାଳନ, ବିଭିନ୍ନ ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉନ୍ନତି, ଜିଲ୍ଲା, ବ୍ଲକ ଓ ସେକ୍ଟର ସ୍ତରରେ ନିୟମିତ ସମୀକ୍ଷା ବୈଠକ ହେବା ସମ୍ପର୍କରେ ଜିଲ୍ଲାପାଳମାନଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଥିଲା। 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା' କାର୍ଡ ବଣ୍ଟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ନେଇ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ବଡ଼ ବଡ଼ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ନେଇ ରହୁଥିବା ସମସ୍ୟାର ସମାଧାନ ଦିଗରେ 'ପ୍ରଗତି' ଡିଜିଟାଲ ମନିଟରିଂ ପ୍ଲାଟଫର୍ମର ସଫଳତା ପରେ ସେହିଭଳି ସାମାଜିକ କ୍ଷେତ୍ରରେ ଉତ୍ତମ ଫଳାଫଳ ଅଗ୍ରଗତି ସୁନିଶ୍ଚିତ କରିବା ପାଇଁ ସକ୍ରିୟ ପଦକ୍ଷେପ 'ପ୍ରୟାସ' ବୈଷୟିକ ଜ୍ଞାନ କୌଶଳଭିତ୍ତିକ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହା ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା, ସୁରକ୍ଷିତ ପାନୀୟ ଜଳ, ସ୍ୱଚ୍ଛତା ଅଭ୍ୟାସ ତଥା ପରିମଳ ରକ୍ଷା ଆଦି ବ୍ୟବସ୍ଥାକୁ ତଦାରଖ ଓ ସମୀକ୍ଷା କରି ଉପଯୁକ୍ତ ପଦକ୍ଷେପ ନେବାରେ ସହାୟତା କରିବ। ଏହାର କାର୍ଯ୍ୟକାରିତା ନେଇ ବିଭିନ୍ନ ବିଭାଗ ଓ ଜିଲ୍ଲାସ୍ତରରେ କାର୍ଯ୍ୟ ସମ୍ପର୍କରେ ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର କାର୍ଯ୍ୟକାରିତାକୁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା। ଗ୍ରୀଷ୍ମଛୁଟି ପୂର୍ବରୁ ବିଦ୍ୟାଳୟଗୁଡ଼ିକରେ ସ୍କୁଲ ୟୁନିଫର୍ମ ବଣ୍ଟନ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଅସୁରକ୍ଷିତ ଅବସ୍ଥାରେ ଥିବା ବିଦ୍ୟାଳୟ କ୍ୟାମ୍ପସ୍‌ଗୁଡ଼ିକୁ ଚିହ୍ନଟ କରିବା ଏବଂ ଆବଶ୍ୟକ ମରାମତି କରିବାକୁ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପିଲାମାନଙ୍କର ପୁଷ୍ଟିହୀନତା ତଥ୍ୟକୁ ପୋଷଣ ଟ୍ରାକରରେ ସଠିକ୍ ଭାବେ ଅପଡେଟ୍ କରି ତଦନୁସାରେ ବ୍ୟବସ୍ଥା ଗ୍ରହଣ କରାଯିବା ଏବଂ ଟେକ୍ ହୋମ ରାସନ୍ ପ୍ରକ୍ରିୟା ତଦାରଖ ପାଇଁ ସ୍ୱୟଂ ସହାୟକ ୟୁନିଟ୍ ଗୁଡ଼ିକରେ ସିସିଟିଭି ବ୍ୟବସ୍ଥାକୁ ସୁନିଶ୍ଚିତ ଓ ସୁଦୃଢ଼ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ସୁଭଦ୍ରା ପୋର୍ଟାଲରେ ନୂଆ ହିତାଧିକାରୀଙ୍କ ପାଇଁ ପଞ୍ଜୀକରଣ ଜାରି ରହିଥିବା ବେଳେ ଏହି ଯୋଜନାରେ ପୂର୍ବରୁ ଆବେଦନ କରିଥିବା ଆବେଦନଗୁଡ଼ିକ ସମ୍ପର୍କରେ କ୍ଷେତ୍ର ପରିଦର୍ଶନ ଓ ଯାଞ୍ଚ କରି ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଶକ୍ତି ବିଭାଗର ଗ୍ରୀଷ୍ମକାଳୀନ ପ୍ରସ୍ତୁତି ସମୀକ୍ଷା

# ବ୍ୟାହତ ହେବନି ବିଦ୍ୟୁତ୍ ସମସ୍ୟା: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୭।୪ /ଏନ୍ଏନ୍ଏସ୍:** ଗ୍ରୀଷ୍ମଋତୁରେ ବିଦ୍ୟୁତ ଯୋଗାଣ ନେଇ ଶକ୍ତି ବିଭାଗର ପ୍ରସ୍ତୁତି ନେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସମୀକ୍ଷା କରିଛନ୍ତି। ଗ୍ରୀଷ୍ମ ଋତୁରେ ବିଦ୍ୟୁତ ସେବା ଯେପରି ସ୍ୱାଭାବିକ ରହେ ଏବଂ ଏଥିରେ କୌଣସି ପ୍ରକାରର ବ୍ୟାଘାତ ସୃଷ୍ଟି ନହୁଏ, ତାହା ସୁନିଶ୍ଚିତ କରିବା ପାଇଁ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ଗ୍ରୀଷ୍ମ ଋତୁରେ ପିକ୍ ଡିମାଣ୍ଡକୁ ଆଖିରେ ରଖି ଚାହିଦା ପୂରଣ କରିବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ କରାଯାଇଛି। ଏପ୍ରିଲ ମାସ ପାଇଁ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ଚାହିଦା ୬୦୮୭ ମେଗାୱାଟ ରହିଛି, ଯାହାକୁ ଅତି ସଫଳତାର ସହ ପୂରଣ କରାଯାଉଛି। ମେ ମାସରେ ସର୍ବାଧିକ ଚାହିଦା ୬୨୦୦ ମେଗାୱାଟ ଏବଂ ଜୁନ୍ ମାସରେ ୬୧୦୦ ମେଗାୱାଟ ହେବା ନେଇ ଆଶା କରାଯାଉଛି। ଗତ ବର୍ଷ ତୁଳନାରେ ଚଳିତ ଏପ୍ରିଲରେ ବିଦ୍ୟୁତ ଚାହିଦାରେ ୨ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି। ଆଗାମୀ ଗ୍ରୀଷ୍ମ ମାସଗୁଡ଼ିକରେ ପିକ୍ ଆୱାର ସମୟରେ ରାଜ୍ୟର ହାଇଡ୍ରୋ ପାୱାର ଜେନେରେସନ୍ ସର୍ବାଧିକ କରିବା ପାଇଁ ଆଲୋଚନା କରାଯାଇଛି। ସେହିପରି ତାପଜ ବିଦ୍ୟୁତ କେନ୍ଦ୍ରଗୁଡ଼ିକ ସହ ବିଭାଗ ପକ୍ଷରୁ ସମନ୍ୱୟ ରକ୍ଷା କରାଯାଇଛି। ଏହାସହ ପାୱାର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା କରାଯାଇଛି। ୫୦ରୁ ୧୦୦ ମେଗାୱାଟ ବିଦ୍ୟୁତ କ୍ରୟ ପାଇଁ ଜଏଚ ସହିତ ଆଲୋଚନା ଜାରି ରହିଛି। ଏହାସହ ରାଜ୍ୟର ଚାହିଦା ପୂରଣ କରିବା ପାଇଁ ଆବଶ୍ୟକତା ଅନୁଯାୟୀ ପାୱାର ଏକ୍ସଚେଞ୍ଜରୁ ବିଦ୍ୟୁତ କ୍ରୟ ବ୍ୟବସ୍ଥା କରାଯାଇଛି। ଗ୍ରାହକ ସେବା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। କଲ୍ ସେଣ୍ଟରର କ୍ଷମତା ଦୈନିକ ୧୦୦ରୁ ୧୫୦ ଲଗ୍ଇନ୍‌କୁ ବୃଦ୍ଧି କରାଯାଇଛି। ଗ୍ରାହକମାନେ ଯେପରି ବିଦ୍ୟୁତ ସେବା ବ୍ୟାଘାତ ସମ୍ବନ୍ଧୀୟ ଲାଇଭ୍ ସୂଚନା ତୁରନ୍ତ ପାଇପାରିବେ, ସେଥିପାଇଁ ମିସଡ୍-କଲ୍ ଏବଂ ସିଙ୍ଗଲ୍-କ୍ଲିକ୍ ସୁବିଧା ଆରମ୍ଭ କରାଯାଇଛି। ରାଜ୍ୟର କୌଣସି ସ୍ଥାନରୁ ବିଜୁଳି ବ୍ୟାଘାତ ନେଇ ଅଭିଯୋଗ ଆସିଲେ ଏହାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ। ପ୍ରବଳ ଖରାରେ ବିଜୁଳି ସେବା ଯେପରି ବ୍ୟାଘାତ ନହୁଏ ସେନେଇ ସଜାଗ ରହିବାକୁ କହିଛନ୍ତି। ଏଥିସହିତ ଏହି ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଘରୋଇ ଗ୍ରାହକଙ୍କ ବିଦ୍ୟୁତ ବିଲ୍ ବକେୟା ଥିଲେ ମଧ୍ୟ ସଂଯୋଗ ବିଚ୍ଛିନ୍ନ ନ କରିବାକୁ ବିଭାଗକୁ ପୁଣିଥରେ କହିଛନ୍ତି।ସମୀକ୍ଷା ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, ସିଏମଡି ଓପିଟିସିଏଲ ଭାସ୍କର ଜ୍ୟୋତି ଶର୍ମା, ଏମଡି ଗ୍ରୀଡ୍‌କୋ ସତ୍ୟପ୍ରିୟ ରଥ, ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ, ଡ଼ିସକମ୍ ର ସିଇଓ, ଓଏଚପିସି, ଗ୍ରୀଡ଼କୋ, ଓପିଟିସିଏଲ୍‌ର ବରିଷ୍ଠ ଅଧିକାରୀ ବୃନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

## ତ୍ରୟୋଦଶ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

# ଦେଶୀ ଓ ବିଦେଶୀ ସାମଗ୍ରୀର ଅପୂର୍ବ ସମାହାର



**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ରାଜଧାନୀର ଜନତା ମୈଦାନଠାରେ ଅନୁଷ୍ଠିତ ତ୍ରୟୋଦଶ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଏବେ ରାଜଧାନୀବାସୀଙ୍କ ମୁଖ୍ୟ ଆକର୍ଷଣ ପାଲଟିଛି। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ଼ ଦ୍ୱାରା ଆୟୋଜିତ ଏହି ମେଳାରେ ପ୍ରତ୍ୟେକ ଦିନ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ କିଣାବିକା କରୁଥିବା ବେଳେ ପ୍ରବଳ ଜନସମାଗମ ପରିଲକ୍ଷିତ ହେଉଛି। ଏହି ବାଣିଜ୍ୟ ମେଳାରେ ବିଭିନ୍ନ ଡିଜାଇନର ହସ୍ତତନ୍ତ, ହାଣ୍ଡଲୁମ୍ ଶାଢ଼ି, ଡ୍ରେସ୍ ମ୍ୟାଟେରିଆଲ, ଆକର୍ଷଣୀୟ ଜୁଏଲେରୀ ଓ ଆର୍ଟିକ ସାମଗ୍ରୀର ସମ୍ଭାର ଲାଗିଥିବା ବେଳେ ଅଧିକାଂଶ ଜିନିଷ ଉପରେ ୩୦-୭୦% ପର୍ଯ୍ୟନ୍ତ ରିହାତି ମିଳୁଛି। ମେଳାରେ କାଶ୍ମୀରର ଆସବାବପତ୍ର ଓ ସୋଫାସେଟ୍, ଆଫଗାନିସ୍ତାନର ୧୦୦ ପ୍ରକାରର ଶୁଖିଲା ଫଳ, ବାଂଲାଦେଶର ଜମଦାନୀ ଶାଢ଼ି, ଇରାନର ଖଜୁରୀ ଏବଂ ହର୍ବାଲ ତେଲ, ଦୁବାଇର ଅତର, ଥାଇଲାଣ୍ଡର ଗହଣା ଏବଂ କୋରିଆର ମହିଳା ପ୍ରସାଧନ ସାମଗ୍ରୀ ଭଳି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସାମଗ୍ରୀ ଉପଲବ୍ଧ ହେଉଛି। ଏହା ସହିତ ଉତ୍ତରପ୍ରଦେଶର ଗାଲିଚା, ଆର୍ଟିକ କଂସା ଓ ପିତଳ ପଦାର୍ଥ, ପଶ୍ଚିମବଙ୍ଗର ଚମଡ଼ା ଜିନିଷ, ମାଲେସିଆର ଫାଉଣ୍ଟେନ ଏବଂ ଭାଗଲପୁର ଓ ବନାରସର ପରିଧାନ ମଧ୍ୟ ଗ୍ରାହକଙ୍କୁ ଆକର୍ଷିତ କରୁଛି। ମେଳା ପରିସରରେ ଖାଦ୍ୟ ଜୋନ୍‌ରେ ଉପଲବ୍ଧ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ମଧ୍ୟରେ ବିଶେଷ କରି 'ଚମ୍ପାରଣ ମଟନ' ପାଇଁ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ପ୍ରଦର୍ଶକ ଏବଂ ଗ୍ରାହକଙ୍କ ସୁବିଧା ପାଇଁ ସମ୍ପୂର୍ଣ୍ଣ ମେଳା ପରିସରକୁ ସିସିଟିଭି ସହ ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ମଧ୍ୟରେ ପ୍ରସ୍ତୁତ କରାଯାଇଛି। ଅଟୋମୋବାଇଲ ଏବଂ ବିଲଡର୍ ପାଭିଲିଆନ ମଧ୍ୟ ଗ୍ରାହକଙ୍କୁ ବିଶେଷ ଭାବରେ ଆକର୍ଷଣ କରୁଛି । ଏହି ମେଳା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଦିନ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଜାରି ରହିବ।

# ଜିନ୍ଦଲ ଷ୍ଟେନ୍‌ଲେସ୍ ପକ୍ଷରୁ ଅଗ୍ନିଶମ ସେବା ସପ୍ତାହ



**ଭୁବନେଶ୍ୱର,କଳିଙ୍ଗନଗର,୧୭।୪/ଏନ୍ଏନ୍ଏସ୍:** ଜିନ୍ଦଲ ଷ୍ଟେନଲେସ ଲିମିଟେଡ ପକ୍ଷରୁ ଅଗ୍ନି ସେବା ସପ୍ତାହ-୨୦୨୬ ଅବସରରେ ସ୍ଥାନୀୟ ଅଞ୍ଚଳରେ ଏକ ବ୍ୟାପକ ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜ କଲ୍ୟାଣ ଏବଂ ସାର୍ବଜନୀନ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ କମ୍ପାନୀ ପକ୍ଷରୁ ଦାନଗଦିସ୍ଥିତ ପିଏମ୍‌ଶ୍ରୀ ବୁଦ୍ଧ ରାଜା ସରକାରୀ ବିଦ୍ୟାପୀଠ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଏହି ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଚଳିତ ବର୍ଷର ବିଷୟବସ୍ତୁ 'ନିରାପଦ ସ୍କୁଲ, ନିରାପଦ ହସ୍ପିଟାଲ ଏବଂ ଅଗ୍ନି ନିରାପତ୍ତା ସଚେତନ ସମାଜ - ଅଗ୍ନି ନିବାରଣ ପାଇଁ ଏକାଠି' କୁ ପାଥେୟ କରି ଏହି ପଦକ୍ଷେପ ନିଆଯାଇଥିଲା। ବୁଦ୍ଧ ରାଜା ସରକାରୀ ବିଦ୍ୟାପୀଠର ୪୬୦ ଜଣ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ, ସ୍କୁଲ କର୍ମଚାରୀ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏଥିରେ ଶ୍ରେଣୀଗୃହ ଶିକ୍ଷା ସହିତ ବ୍ୟବହାରିକ ପ୍ରଦର୍ଶନ ମାଧ୍ୟମରେ ଅଗ୍ନିକାଣ୍ଡର ସାଧାରଣ କାରଣ, ନିବାରଣ ପଦ୍ଧତି, ଜରୁରୀକାଳୀନ ସ୍ଥାନାନ୍ତର ପ୍ରକ୍ରିୟା ଏବଂ ଅଗ୍ନି ଦୁର୍ଘଟଣା ସମୟରେ କ'ଣ କରିବା ଉଚିତ ଓ କ'ଣ ନୁହେଁ, ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। ଜିନ୍ଦଲ ଷ୍ଟେନଲେସର ଅଗ୍ନିଶମ ସେବା ଦଳ, ଜରୁରୀକାଳୀନ ସେବା ଦଳ ଏବଂ ସିଏସ୍‌ଆର୍ ଟିମ୍ ଏହି ପ୍ରଶିକ୍ଷଣ ଅଧିବେଶନର ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଜ୍ୟୋତି ରଞ୍ଜନ ମହାପାତ୍ର ଏବଂ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ପ୍ରଦର୍ଶନରେ ସହଭାଗୀ ହୋଇଥିଲେ। ତାଲିମ ଶେଷରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କମ୍ପାନୀର ପ୍ରତିନିଧି ଏହି ଅବସରରେ କହିଛନ୍ତି ଯେ, ସୁରକ୍ଷା କେବଳ ଶିଳ୍ପ ମଧ୍ୟରେ ସୀମିତ ନୁହେଁ, ବରଂ ସମ୍ପ୍ରଦାୟ ମଧ୍ୟରେ ସୁରକ୍ଷା ସଂସ୍କୃତି ସୃଷ୍ଟି କରିବା କମ୍ପାନୀର ମୂଳ ଲକ୍ଷ୍ୟ।

# 'ପୁରୀ ଜୁଏଲସ୍'ର ମିଳନୋତ୍ସବ



**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ରାଜଧାନୀର ସେଣ୍ଟ୍ରାଲ ରେଭିନ୍ୟୁ କଲୋନୀ, ରାଜସ୍ୱ ବିହାରସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ 'ପୁରୀ ଜୁଏଲସ୍' ଗୋଷ୍ଠୀର ୧୬୮ତମ ମିଳନୋତ୍ସବ ଅତ୍ୟନ୍ତ ଉତ୍ସାହର ସହିତ ପାଳିତ ହୋଇଯାଇଛି। କାଲି ସନ୍ଧ୍ୟାରେ ଆୟୋଜିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶତାଧିକ ସଭ୍ୟ ସଭ୍ୟା ଯୋଗଦେଇ ପୁରୁଣା ସ୍ମୃତି ରୋମନ୍ଥନ କରିଥିଲେ। ସୂଚନାଯୋଗ୍ୟ ଯେ, 'ପୁରୀ ଜୁଏଲସ୍' ହେଉଛି ଏକ ସ୍ୱତନ୍ତ୍ର ଅନୌପଚାରିକ ଅନୁଷ୍ଠାନ, ଯେଉଁଥିରେ ପୁରୀ ସହରର ବିଭିନ୍ନ ସ୍କୁଲରୁ ୧୯୭୪ ମସିହାରେ ମାଟ୍ରିକ ପାସ କରିଥିବା ଛାତ୍ରଛାତ୍ରୀମାନେ ସଦସ୍ୟ ରହିଛନ୍ତି। ବର୍ତ୍ତମାନ ଏହି ଗୋଷ୍ଠୀରେ ୪୦୦ରୁ ଅଧିକ ସଭ୍ୟ ସଭ୍ୟା ଅଛନ୍ତି। ପରସ୍ପର ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ଅନୁଷ୍ଠାନ ପକ୍ଷରୁ ପ୍ରତି ମାସରେ ଥରେ ଏଭଳି ମିଳନୋତ୍ସବର ଆୟୋଜନ କରାଯାଇଥାଏ। ଗତକାଲିର ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସଦସ୍ୟ ଯୋଗଦେଇ ଉତ୍ସବକୁ ସଫଳ କରିଥିଲେ।

# ସୁରକ୍ଷିତ ଟ୍ରାକ୍, ଦ୍ରୁତଗାମୀ ଟ୍ରେନ୍: ପୂର୍ବତଟ ରେଳପଥର ରୂପାନ୍ତରମୂଳକ ବର୍ଷ

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥ ୨୦୨୫-୨୬ ଆର୍ଥିକ ବର୍ଷରେ ଭିତ୍ତିଭୂମି ବିକାଶ, ସୁରକ୍ଷା, ଗତି ବୃଦ୍ଧି ଏବଂ ଯାତ୍ରୀ ସୁବିଧା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ରେକର୍ଡ କରିଛି, ଯାହା ଏକ ସୁରକ୍ଷିତ, ଅଧିକ ଦକ୍ଷ ଏବଂ ଯାତ୍ରୀ କୈନ୍ଦ୍ରିକ ରେଳ ନେଟୱାର୍କ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ସମଗ୍ର ଜୋନ୍‌ରେ ଯାତ୍ରୀ ସୁବିଧାରେ ବ୍ୟାପକ ଉନ୍ନତି ହୋଇଛି। ୭୩ଟି ପ୍ଲାଟଫର୍ମରେ କଂକ୍ରିଟ୍ ପୃଷ୍ଠ ପ୍ରସ୍ଥାପିତ ହୋଇଥିବାବେଳେ ୬୯ଟି ଉଚ୍ଚସ୍ତରୀୟ ପ୍ଲାଟଫର୍ମ ନିର୍ମାଣ ହୋଇଛି, ଯାହା ଯାତ୍ରୀଙ୍କ ପାଇଁ ସୁରକ୍ଷିତ ଏବଂ ସହଜ ଚଢ଼ା ଉତରା ସୁବିଧା ଦେଉଛି। ୩୮ଟି ଷ୍ଟେସନରେ ଆଶ୍ରୟସ୍ଥଳୀ ସମ୍ପ୍ରସାରଣ କରାଯାଇଥିବାବେଳେ ୧,୦୭୩ରୁ ଅଧିକ ବେଞ୍ଚ ସ୍ଥାପନ କରାଯାଇଛି। ୨୦ଟି ନୂତନ ଫୁଟ୍ ଓଭର୍ ବ୍ରିଜ୍ ଗତିବିଧିକୁ ଉନ୍ନତ କରିଛି। ବହୁ ଷ୍ଟେସନରେ ସର୍କୁଲେଟିଂ ଏରିଆ ଏବଂ ପ୍ରତୀକ୍ଷାଳୟଗୁଡ଼ିକର ଆଧୁନିକୀକରଣ କରାଯାଇଛି। ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ୪ଟି ଷ୍ଟେସନର ପୁନର୍ବିକାଶ କରାଯାଇଛି, ଯାହା ସାମଗ୍ରିକ ଯାତ୍ରା ପରିବେଶକୁ ଉନ୍ନତ କରିଛି। ସମସ୍ତଙ୍କ ପାଇଁ ସୁବିଧା ନିଶ୍ଚିତ କରିବା ଦିଗରେ ୪୧ଟି ଷ୍ଟେସନକୁ ଦିବ୍ୟାଙ୍ଗ ସ୍ୱାବଲମ୍ବୀ କରାଯାଇଛି। ବିଭିନ୍ନ ଷ୍ଟେସନରେଦିବ୍ୟାଙ୍ଗ ଅନୁକୂଳ ର୍‍ୟାମ୍ପ୍ , ସ୍ପର୍ଶିତ ପଥ ଏବଂ ସୁଗମ ଶୌଚାଳୟ ଭଳି ସୁବିଧା ବ୍ୟବସ୍ଥା କରାଯାଇ, ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ଯାତ୍ରାକୁ ଅଧିକ ସହଜ ଓ ସମ୍ମାନଜନକ କରାଯାଇଛି।

ପରିଚାଳନା ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ସହ ଟ୍ରେନ ପରିଚାଳନାରେ ଲକ୍ଷଣୀୟ ସୁଧାର ହୋଇଛି। ଟ୍ରାକ ଅପଗ୍ରେଡେସନ୍ ଦ୍ୱାରା ୨୩୬ କି.ମି. ରେଳପଥକୁ ୧୩୦ କି.ମି./ଘଣ୍ଟା ଓ ୨୬୬ କି.ମି.କୁ ୧୧୦ କି.ମି./ଘଣ୍ଟା ଗତି ପାଇଁ ଉନ୍ନତ କରାଯାଇଛି। ୯ଟି ଷ୍ଟେସନରେ ଲୁପ୍ ଲାଇନ ଗତି ବୃଦ୍ଧି କରାଯାଇଥିବାବେଳେ ୨୨ଟି ସ୍ଥାୟୀ ଗତି ପ୍ରତିବନ୍ଧକ ହଟାଯାଇଛି, ଯାହା ଟ୍ରେନ ଚଳାଚଳକୁ ଅଧିକ ସୁଚାରୁ କରିଛି। ସୁରକ୍ଷାକୁ ସର୍ବୋଚ୍ଚ ଗୁରୁତ୍ୱ ଦିଆଯାଇଛି। ୨୮,୧୪୬ ଟ୍ରାକ୍ କିଲୋମିଟରରେ ଅଲ୍‌ଟ୍ରାସୋନିକ ଫଲଟ ଡିଟେକ୍ସନ ପରୀକ୍ଷା କରାଯାଇଛି। ୩୯୦ କି.ମି. ରେଳ, ୫୬୭ କି.ମି. ସ୍ଲିପର ଏବଂ ୫୪୪ କି.ମି. ଫାସ୍ଟେନିଂ ପୁନର୍ନବୀକରଣ କରାଯାଇଛି। ୨୩୯ଟି ସେତୁର ମରାମତି/ପୁନର୍ନିର୍ମାଣ ସହ ୬୪ଟି ସେତୁ ଆପ୍ରୋଚ୍ ପ୍ରଣାଳୀକୁ ଶକ୍ତିଶାଳୀ କରାଯାଇଛି। କର୍ମଚାରୀଙ୍କ କଲ୍ୟାଣ ପାଇଁ ୧୦୩ଟି କ୍ୱାର୍ଟର୍ସ ନିର୍ମାଣ ଏବଂ ୧,୩୫୪ କର୍ମଚାରୀଙ୍କ ପାଇଁ ପିରିଅଡିକାଲ ମେଡିକାଲ ପରୀକ୍ଷା କରାଯାଇଛି। ପରିବେଶ ସୁରକ୍ଷା ଦିଗରେ ୬୫ଟି ସ୍ଥାନରେ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା ସ୍ଥାପନ କରାଯାଇଛି। ୩୯,୦୦୦ ମେଟ୍ରିକ ଟନ୍‌ରୁ ଅଧିକ ସ୍କ୍ରାପ ନିଷ୍କାଷଣ କରାଯାଇଥିବାବେଳେ ଜମି ପରିଚାଳନାରୁ ୬୭.୩୦ କୋଟି ଟଙ୍କା ଆୟ ହୋଇଛି, ଯାହା ଲକ୍ଷ୍ୟକୁ ଅତିକ୍ରମ କରିଛି। ସାମଗ୍ରିକ ଭାବେ ୨୦୨୫-୨୬ ମସିହାରେ ପୂର୍ବତଟ ରେଳପଥର ପ୍ରଗତି ଭିତ୍ତିଭୂମି ସୁଦୃଢ଼ୀକରଣ, ସୁରକ୍ଷା ପ୍ରାଥମିକତା ଏବଂ ଯାତ୍ରୀ କେନ୍ଦ୍ରିତ ପଦକ୍ଷେପଗୁଡ଼ିକର ଏକ ଦୃଢ଼ ସମନ୍ୱୟକୁ ପ୍ରତିଫଳିତ କରେ। ପ୍ରମୁଖ କାର୍ଯ୍ୟକ୍ଷମ କ୍ଷେତ୍ରଗୁଡ଼ିକରେ ସ୍ଥିର ଉନ୍ନତି କେବଳ ସେବା ନିର୍ଭରଯୋଗ୍ୟତା ଏବଂ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରେ ନାହିଁ ବରଂ ଭବିଷ୍ୟତର ଅଭିବୃଦ୍ଧି ପାଇଁ ଏକ ଦୃଢ଼ ମୂଳଦୁଆ ମଧ୍ୟ ସ୍ଥାପନ କରେ। ସୁରକ୍ଷା, ଗତି ଏବଂ ଅନ୍ତର୍ଭୁକ୍ତି ଉପରେ ସ୍ପଷ୍ଟ ଧ୍ୟାନ ଦେଇ, ଜୋନ୍ ନୂତନ ଗତି ସହିତ ଆଗକୁ ବଢ଼ି ଚାଲିଛି, ଯାହା ଭାରତୀୟ ରେଳପଥର ସାମଗ୍ରିକ ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି।

# କଥାଶିଳ୍ପୀ ସାରଦା ପ୍ରସାଦ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ସାରଦାପ୍ରସାଦଙ୍କ ଗଳ୍ପରେ ଜୀବନବୋଧ ପାଠକଙ୍କୁ ମୋହଗ୍ରସ୍ତ କରେ। ତାଙ୍କ ଗଳ୍ପ ରଚନାର ଭାଷା ଓ କାରିଗରୀ ଥିଲା ଅସାଧାରଣ। ବିଶିଷ୍ଟ କଥାକାର ସ୍ୱର୍ଗତ ସାରଦା ପ୍ରସାଦ ମିଶ୍ରଙ୍କ ସ୍ମରଣ ସଭାରେ ଅତିଥିମାନେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ନିବେଦନ କରିଛନ୍ତି। 'ସ୍ମୃତି ସାରଦା' ଆନୁକୂଲ୍ୟରେ ସ୍ଥାନୀୟ ରୋଟାରି ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆୟକର ବିଭାଗର ପ୍ରାକ୍ତନ ପ୍ରଶାସକ ତଥା ସ୍ତମ୍ଭକାର ମନୋରଞ୍ଜନ ପାଣିଗ୍ରାହୀ ଅଧ୍ୟକ୍ଷତା କରି ସାରଦାଙ୍କ ସହିତ ତାଙ୍କ ଅନ୍ତରଙ୍ଗ ସମ୍ପର୍କର ସ୍ମୃତିଚାରଣ କରିଛନ୍ତି। ପ୍ରସିଦ୍ଧ କଥାଶିଳ୍ପୀ ଜୟନ୍ତୀ ରଥ, କଥାକାର ପରେଶ ପଟ୍ଟନାୟକ ଓ ସମ୍ପାଦକ ତଥା ଅନୁବାଦକ ଅସିତ ମହାନ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସାରଦାଙ୍କ ଗଳ୍ପକାରିତା, ବନ୍ଧୁବତ୍ସଳତା, ତାଙ୍କ ଗଳ୍ପର ବିଶେଷତ୍ୱ, ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଓ ବୃତ୍ତିଗତ ସଫଳତା ନେଇ ବିସ୍ତୃତ ଆଲୋଚନା କରିଥିଲେ। ଅତିଥିମାନେ ପ୍ରଥମେ ସାରଦାଙ୍କ ଉଦ୍ଦେଶ୍ୟରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ବିଶ୍ୱବନ୍ଦିତା ତିଆଡ଼ି ଓ ରୁପାଲୀ ପ୍ରିୟଦର୍ଶିନୀ ଭଜନ ପରିବେଷଣ କରିଥିଲେ। ସାରଦାଙ୍କ ବନ୍ଧୁ କବି ସୂର୍ଯ୍ୟ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଯୁବଲେଖିକା ରଶ୍ମିତା ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ପ୍ରବୋଧ କୁମାର ମିଶ୍ର, ରବି ସ୍ୱାଇଁ, ଅଭିରାମ ବିଶ୍ୱାଳ, ହରିପଦ ଶତପଥି, ଶୈଳେନ୍ଦ୍ର ଜେନା, ଆଭାସ ବରାଳ, ରମାକାନ୍ତ ସାମନ୍ତରାୟ, ଅମିତାଭ ଖିଲାର, ମୌସୁମୀ ଦାସ, ସୁନନ୍ଦା ପ୍ରଧାନ, ଅଶୋକ ଦାଶ, ସୁଶାନ୍ତ ଦାଶ, ପ୍ରଫୁଲ୍ଲ ରଥ ଜୟନାରାୟଣ ନନ୍ଦ, ସଞ୍ଜୟ ମହାନ୍ତି, ଗିରିଶ ସ୍ୱାଇଁ, ସୁବ୍ରତ ସେନାପତି, ଅକ୍ଷୟ ବେହେରା, ସୂର୍ଯ୍ୟ ମହାନ୍ତି, ସନ୍ତୋଷ ଦାସ ଓ ସୁଧୀର ମଉଡମଣି ପ୍ରମୁଖ ଉପସ୍ଥିତ ଥିଲେ। ସାରଦାଙ୍କ ପତ୍ନୀ ସରସ୍ୱତୀ, ଭାଇ ପବିତ୍ର ଓ ସୌଭାଗ୍ୟ ସମବେତ ଅତିଥିମାନଙ୍କର ପରିଚର୍ଯ୍ୟା କରିଥିଲେ।

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାମ ନିମ୍ନମାନର ଅଭିଯୋଗ



**ରାଜନଗର,୧୭।୪/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ହାତିନା ପଞ୍ଚାୟତ ଜୁଣପାଙ୍ଗରା ଗ୍ରାମରେ ନିର୍ମାଣ ହୋଇଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର(ଉପ ସ୍ୱାସ୍ଥ୍ୟକେନ୍ଦ୍ର) କାମ ନିମ୍ନମାନର

## ମାସେ ନପୁରୁଣୁ ଛାଡ଼ିଗଲା ରଙ୍ଗ

ହୋଇଥିବା ଅଭିଯୋଗ ହୋଇଛି। ପ୍ରାୟ ଅଧ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାସେ ପୂର୍ବରୁ ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତର ହୋଇଥିଲା। ସେଥିରୁ ରଙ୍ଗ ଛାଡିବା ଆରମ୍ଭ କଲାଣି। ଚତୁଃପାର୍ଶ୍ୱର ବିଭିନ୍ନ ସ୍ଥାନରୁ ରଙ୍ଗ ଛାଡି ଯାଉଥିବା ଦେଖିବାକୁ ମିଳିଛି। ଜଳଯୋଗାଣ କାମ ଅଧାପନ୍ତରିଆ ହୋଇ ପଡିରହିଛି। ଟ୍ୟାପ୍‌ଗୁଡିକ ଲାଗିନଥିବା ବେଳେ ରୋଗୀ ଓ ସ୍ୱାସ୍ଥ୍ୟକର୍ମୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଲୋକୀକରଣ ପାଇଁ ବାହାରେ ଲାଇଟ ଲଗାଯାଇନଥିବା ଅଭିଯୋଗ ହୋଇଛି। ଏହି କେନ୍ଦ୍ର ନିର୍ମାଣ ନିମ୍ନମାନର ହେବା ଓ କାମ ଅଧାପନ୍ତରିଆ ହୋଇଥିବା ନେଇ ନାଏବ ସରପଞ୍ଚ ସ୍ୱର୍ଣ୍ଣଲତା ଦାସ ଅଭିଯୋଗ କରିବା ସହ ଏହାର ତଦନ୍ତ କରିବା ପାଇଁ ଦାବି କରିଛନ୍ତି। ଏନେଇ ଏନ୍‌ଏଚ୍‌ଆର୍‌ଏମ୍ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ପ୍ରଚଣ୍ଡ ତାତିରେ ରାସ୍ତା ଜନଶୂନ୍ୟ

**ତାଳଚେର,୧୭।୪/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଉତପ୍ତ ସହରଭାବେ ତାଳଚେର ପରିଗଣିତ ହେଉଥିବା ବେଳେ ଆଜକୁ ଦୁଇଦିନ ହେବ ପାରଦ ଉପରମୁହାଁ ହେବାରେ ଲାଗିଛି। ଗତ ସପ୍ତାହରେ ପାଗ କୋହଳା ରହିଥିବାରୁ ଖରା ପ୍ରକୋପ ଏତେଟା ଜଣାପଡୁ ନଥିଲା। କିନ୍ତୁ ଏହାର ପ୍ରଭାବ ଧିରେଧିରେ ପ୍ରଖର ହେଉଥିବା ଅନୁମାନ କରାଯାଉଥିବା ମଧାହ୍ନ ସମୟରେ ରାସ୍ତା ଓ ବଜାରଘାଟ ଜନଶୂନ୍ୟ ପାଉଛି। ଅପରପକ୍ଷେ ପୂର୍ବବର୍ଷ ସକାଳ ୮ଘଟିକା ଠାରୁ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ଘରୁ ପଦାକୁ ଗୋଡ଼ କାଢ଼ିବା ସମ୍ଭବ ହେଉନଥିଲା। ପୁନଶ୍ଚ ଆଜି ପ୍ରଖର ତାତି ଓ ଗୁଳୁଗୁଳି ଜନିତ ଅସହ୍ୟ ଗମର ଯୋଗୁଁ ଜନଜୀବନ ଦହଗଞ୍ଜ ହୋଇପଡ଼ିଛି। କଳାହୀରା ସହରଭାବେ ତାଳଚେର କୋଇଲା ନଗରୀ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମାତ୍ର ବିକାଶ ଯେତିକି ଆଗେଇଲା



ହୋଇପଡ଼ିଥିବା ଦେଖିବାକୁ ମିଳିଛି। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକେ ଓ ପଥଚାରୀ, ଯାତ୍ରୀ ପ୍ରମୁଖ ମଧାହ୍ନ ୧୨ଟା ପରେ ଆଉ ଦୃଶ୍ୟମାନ ହେଉନାହାନ୍ତି। ଅନୁମାନ କରାଯାଏ ଏପ୍ରିଲ ମାସ ବେଳକୁ ଗ୍ରୀଷ୍ମତାପ ପ୍ରଖର ହୋଇଗଲାଣି। ସର୍ବସାଧାରଣ ଅଂଶୁଘାତରୁ ରକ୍ଷା ପାଇବା ନିମନ୍ତେ ସରକାରଙ୍କ ପକ୍ଷରୁ ଉଚିତ୍ ପଦକ୍ଷେପ ଗ୍ରହଣ କରାଯିବା ଏବଂ ଅଞ୍ଚଳବାସୀ ତାତିରୁ ନିସ୍ତାର ପାଇବା ପାଇଁ ବିଜୁଳି ବିଭ୍ରାଟ ଲୋକେ ଅତିଷ୍ଟ ନହୁନ୍ତୁ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ସେହି ଅନୁପାତରେ ଲୋକଙ୍କ ଦୁର୍ଦ୍ଦଶା ମଧ ସେତିକି ବଢ଼ିବାରେ ଲାଗିଲା। ଖଣିଖାଦାନ ଯୋଗୁଁ ଜଙ୍ଗଲ ନଷ୍ଟ ହେବା ସାଙ୍ଗକୁ ଖରାପ୍ରକୋପ ଧିରେଧିରେ ବଢ଼ିବାକୁ ଲାଗିଲା। ଅଞ୍ଚଳରେ ଅତ୍ୟଧିକ ଖରା ଯୋଗୁଁ ଶରୀର ସାମନ୍ୟ ଆଶ୍ୱସ୍ତି ପାଇବାକୁ ନେଇ ଲୋକେ ଲସି, ସରବତ୍ ଓ ଥଣ୍ଡା ପାନୀୟଜଳ ପିଇବାର ଦୃଶ୍ୟ ପରିଲକ୍ଷିତ ହୋଇଥିଲା। ତେବେ ଖରା ପ୍ରକୋପରୁ ସର୍ବସାଧାରଣ ରକ୍ଷା ପାଇବା ପାଇଁ ଖୁବ୍‌ଶୀଘ୍ର ସୁବ୍ୟବସ୍ଥା କରାଯାଉ ବୋଲି ଅଞ୍ଚଳବାସୀଙ୍କ ମହଲରେ ମତପ୍ରକାଶ ପାଇଛି।

# ଗୃହ ଗଣନା ଓ ତାଲିକା ପ୍ରସ୍ତୁତି ଆରମ୍ଭ



**ଯାଜପୁର,୧୭।୪/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ୨୦୨୭ ଜନଗଣନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି କ୍ରମରେ ଏପ୍ରିଲ ୧୬ ତାରିଖରୁ ସାରା ଦେଶ ସମେତ ଯାଜପୁର ଜିଲ୍ଲାରେ ଗୃହ ଗଣନା ଓ ଗୃହ ତାଲିକା ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଗଣନା ଏପ୍ରିଲ ୧୬ରୁ ଆରମ୍ଭ ହୋଇ ମେ' ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧ ରୁ ୧୫ ତାରିଖ ମଧରାତ୍ର ପର୍ଯ୍ୟନ୍ତ ସ୍ୱ-ଗଣନା ଅବଧି ରହିଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟରେ କ୍ଷେତ୍ରୀୟସ୍ତରରେ ଗୃହ ଗଣନା କରାଯାଉଛି। ପ୍ରତି ତହସିଲ ଏବଂ ସହରାଞ୍ଚଳରେ ଏଥିପାଇଁ ଟିମ୍ ନିୟୋଜିତ ହୋଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସହଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଗଣନା ପାଇଁ ଆସୁଥିବା କର୍ମଚାରୀଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଉଛି। ଏହି ପର୍ଯ୍ୟାୟରେ ଲୋକମାନଙ୍କୁ ମୋଟ୍ ୩୩ଟି ପ୍ରଶ୍ନ ପଚରାଯିବ। ଏଥିରେ ଘରର ଅବସ୍ଥା, ଘରର ମାଲିକାନା, ପରିବାରରେ ରହୁଥିବା ସଦସ୍ୟଙ୍କ ସଂଖ୍ୟା, ପାଣି ଓ ବିଦ୍ୟୁତ ସୁବିଧା, ଶୌଚାଳୟ, ଇଣ୍ଟରନେଟ୍ ସୁବିଧା, ଯାନବାହନ, ମୋବାଇଲ୍ ଓ ଅନ୍ୟାନ୍ୟ ସୁବିଧା ସମ୍ବନ୍ଧୀୟ ୩୩ଟି ପ୍ରଶ୍ନ ଆଧାରରେ ତଥ୍ୟ ସଂଗ୍ରହ ହେବ। ଏହି ଜନଗଣନା ଏବଂ ଗୃହଗଣନା ତଥ୍ୟ ଆଧାରରେ ହିଁ ସରକାର ଆଗାମୀ ଦିନରେ ଲୋକହିତକର ଏବଂ ବିକାଶମୂଳକ ଯୋଜନାର ରୂପରେଖ ପ୍ରସ୍ତୁତ କରିବେ। ଜିଲ୍ଲାର ସୁପରଭାଇଜର ଏବଂ ଏନୁମେରେଟର୍‌ମାନେ ଗୃହଗଣନା କାର୍ଯ୍ୟ କରୁଛନ୍ତି ବୋଲି ଯାଜପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ କହିଛନ୍ତି।

# ବେଡ଼ାରୀ ଗ୍ରାମରେ ରକ୍ତଦାନ ଶିବିର

**ପାଟକୁରା,୧୭।୪/ଏନ୍‌ଏନ୍‌ଏସ୍:** ବେଡ଼ାରୀ ଗ୍ରାମର ସ୍ୱର୍ଗତ ଅଲେଖ ବେହେରାଙ୍କ ଧର୍ମପତ୍ନୀ ମହିୟସୀ ମହିଳା ସାବିତ୍ରୀ ବେହେରାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କଟକ ସେଣ୍ଟ୍ରାଲ୍ ରେଡକ୍ରସ୍ ସେଣ୍ଟର ଟିମ୍ ସହ ଡା. ଆସିଶ କୁମାର ରାଓ, ବିଶ୍ୱଜିତ ସାହାଣୀ, ଦୀପକ କୁମାର ଚୌଧୁରୀ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ସମୁଦାୟ ୪୯ ଜଣ ଆଗ୍ରହର ସହିତ ରକ୍ତଦାନ କରିଥିଲେ। ଶିବିରକୁ ସାମ୍ବାଦିକ ବିଚିତ୍ର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବେଡାରୀ ଗ୍ରାମର ବାତ୍ୟା ଆଶ୍ରୟସ୍ଥଳରେ ଏହି ଶିବିର ସକାଳ ୯ଟା ଠାରୁ ଅପରାହ୍ନ ୨ଟା ଯାଏ ଚାଲିଥିଲା। ସାବିତ୍ରୀ ଦେବୀଙ୍କ ଝିଅ ସିଲ୍‌ସିଲା ବେହେରା ଦୁଇପୁତ୍ର ଇଂ ଦିପ୍ତିରଞ୍ଜନ ବେହେରା, ଇ. ସ୍ମୃତି ରଞ୍ଜନ ବେହେରା, ଦୁଇବୋହୂ ସ୍ୱର୍ଣ୍ଣଲତା ବେହେରା ,ଡାକ୍ତର ସୁଷମା ବେହେରା, ଜ୍ୱାଇଁ ଇ. ବିନାୟକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଷ୍ଣୁୟ ପ୍ରକାଶ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଗ୍ରାମର ୨୦ଯୁବକ ଏହି ରକ୍ତଦାନ ଶିବିରକୁ ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲାପରିଷଦ ସଭ୍ୟା ଡଲି ଶତପଥୀ, ବିଜେପି ନେତା ବିଜୟ ନାୟକ, ଚିତ୍ତରଞ୍ଜନ ଚୌଧୁରୀ, ସରପଞ୍ଚ କୁଞ୍ଜଲତା ମିଶ୍ର, ଗିରିଶ ଜେନା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

### ଜଙ୍ଗଲ ଜମିରେ ଚାଲିଥିଲା କବାଡ଼ିଆ ବେପାର

# ବୁଲିଲା ବୁଲ୍‌ଡୋଜର୍, ହଟିଲା ଜବରଦଖଲ

**ପାରାଦୀପ,୧୭।୪/ଏନ୍‌ଏନ୍‌ଏସ୍:** ବେଆଇନ ଭାବରେ ଝାଟି ଜଙ୍ଗଲ କିସମଯୁକ୍ତ ଜମିରୁ ଜବରଦଖଲ ଉଠାଇବାକୁ ନେଇ ଚାଲିଲା ପ୍ରଶାସନିକ ବୁଲ୍‌ଡୋଜର। ଯେତେ କାକୁତିମିନତୀ ହେଲେ ମଧ ଶୁଣିଲାନି ପ୍ରଶାସନ। ଚଢ଼ାଇଲା ବୁଲ୍‌ଡୋଜର, ଭାଙ୍ଗିଦେଲା ଘର। ଯାହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ଦେଖିବାକୁ ମିଳିଥିଲେ ମଧ ଏହାର କୌଣସି ପ୍ରଭାବ ପଡିନଥିଲା। ଘର ସମେତ ଗଦା ଗଦା ବିଭିନ୍ନ କବାଡିଆ ସାମଗ୍ରୀକୁ ଜେସିବି ସହାୟତାରେ ସଫା କରି ଦିଆଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ପାରାଦୀପ ଭିତରଗଡ଼ ଅଞ୍ଚଳରେ। ଭିତରଗଡ଼ରେ ରହିଥିବା ତିରିଶ ଡିସମିଲ ଜମିକୁ ଦୀର୍ଘବର୍ଷ ହେବ ଗୋବର୍ଦ୍ଧନ ବେହେରା ଜବରଦଖଲ କରି ରହିବା ସହିତ ବିଭିନ୍ନ କବାଡିଆ ସାମଗ୍ରୀ ବେପାର କରୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏ ନେଇ କୋର୍ଟରେ ମାମଲା ରୁଜୁ



ହୋଇଥିଲେ ମଧ କୋର୍ଟ ଏହାକୁ ଏଡାଇ ଦେଇଥିବା ନେଇ କହିଛନ୍ତି କୁଜଙ୍ଗ ତହସିଲଦାର। ଏ ନେଇ ବାରମ୍ୱାର ନୋଟିସ୍ ପରେ ମଧ ଏମାନେ ନ ଶୁଣିବାରୁ ଆମେ ଆଜି ବାଧ ହୋଇ ଲକ୍‌ଥାନା ପୁଲିସ ସହାୟତାରେ ଜବରଦଖଲ ଉଚ୍ଛେଦ କଲୁ। ଆଗାମୀ ଦିନରେ ଏହି ସ୍ଥାନରେ ବାଉଣ୍ଡାରୀ ନିର୍ମାଣ କରାଯାଇ ଜଙ୍ଗଲ କିସମ ଜମି ହୋଇଥିବାରୁ ଜଙ୍ଗଲ ବିଭାଗ ସହାୟତାରେ ଏଠି ବୃକ୍ଷରୋପଣ କରାଯିବ ବୋଲି କହିଛନ୍ତି କୁଜଙ୍ଗ ତହସିଲଦାର୍। ଏହି ଜାଗା ଆମ ପୂର୍ବପୁରୁଷଙ୍କ ଜାଗା, ବର୍ଦ୍ଧମାନ ଅମଳର ପଟା ମଧ ଆମ ପାଖରେ ଅଛି, ଏଠି କିଛି ବଡବଡିଆ ଲୋକ ଏହି ଜମିକୁ ହାତେଇବାକୁ ଟଙ୍କା ଦେଇ ଏହାକୁ ଜଙ୍ଗଲ ଜମିରେ ପରିବର୍ତ୍ତନ କରିଛନ୍ତି। ପ୍ରଶାସନକୁ ବାରମ୍ୱାର ଆମ ନାମରେ ରିପୋର୍ଟ କରିବାରୁ ଆଜି ଏହିଭଳି ଅବସ୍ଥା ହୋଇଛି ବୋଲି କହିଛନ୍ତି ଗୋବର୍ଦ୍ଧନ ବେହେରାଙ୍କ ପରିବାର।

### କାର୍ଯ୍ୟନିର୍ବାହୀ ଅଧିକାରୀ ବିଳମ୍ବରେ ଆସିବାରୁ

# କାର୍ଯ୍ୟାଳୟରେ ତାଲା ପକାଇଲେ ସରପଞ୍ଚ




**ରାଜନଗର,୧୭।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ଚିଠି ନଂ-୧୦୩୯୪, ୧୩ ତାରିଖରେ ସ୍ୱତନ୍ତ୍ର ଶାସନ ସଚିବ ସୂର୍ଯ୍ୟନାରାୟଣ ଦାଶ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚଳିତ ମାସ ୧୭ତାରିଖରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗ୍ରାମସଭାରେ ମହିଳା ଶସକ୍ତିକରଣକୁ ସୁଦୃଢ଼ କରିବା, ଶାସନ ପ୍ରକ୍ରିୟାରେ ମହୀଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି କରିବା, ତୃଣମୂଳସ୍ତରରେ ନେତୃତ୍ୱକୁ ପ୍ରୋତ୍ସାହିତ କରିବା, ନିର୍ଦ୍ଧାରିତ ସମୟସୀମା ମଧରେ ପ୍ରତି ଗ୍ରାମକୁ ପାଇପଯୋଗେ ପାନୀୟଜଳ, ନିର୍ଭରଯୋଗ୍ୟ ବିଦ୍ୟୁତ୍ ଓ ସବୁଦିନିଆ ରାସ୍ତା ସଂଯୋଗୀକରଣ ସୁନିଶ୍ଚିତ କରିବା, ଅନ୍ତ୍ୟୋଦୟ ଗୃହ

## ଗ୍ରାମସଭା ବନ୍ଦ

ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଅନ୍ତର୍ଭୁକ୍ତ କରିବା, ଗୋଷ୍ଠୀଗତ ମତାମତ ଓ ପରାମର୍ଶ ସଂଗ୍ରହ କରିବା ପାଇଁ ଗ୍ରାମସଭାରେ ନିଷ୍ପତି ନେବାକୁ ପରାମର୍ଶ ଦିଆଯାଇଥିଲା। ମାତ୍ର ଏହାର ବ୍ୟତିକ୍ରମ ରାଜନଗର ବ୍ଲକ୍ ବାଲିସାହିପାଟଣା ପଞ୍ଚାୟତରେ ଦେଖିବାକୁ ମିଳିଛି। ସକାଳ ୯ଟା ସମୟରେ ଏହି ଗ୍ରାମସଭା ଆରମ୍ଭ ହେବାକୁ ଥିଲେ ମଧ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭଞ୍ଜନ ପାତ୍ର ଦିବା ୧୦ଟା ପର୍ଯ୍ୟନ୍ତ ନଆସିବାରୁ ସରପଞ୍ଚ ଶୁଚିସ୍ମିତା ପରିଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏହି ଗ୍ରାମସଭାରେ ଭାଗ ନେବାକୁ ଆସିଥିବା ପଞ୍ଚାୟତବାସୀ ଫେରି ଯାଇଥିଲେ। ସ୍ୱତଃ ଗ୍ରାମସଭା ବନ୍ଦ ହୋଇଯାଇଥିଲା। ଏନେଇ ସରପଞ୍ଚ ଶ୍ରୀମତୀ ପରିଡାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗ୍ରାମସଭାରେ ଯଥା ସମୟରେ ଉପସ୍ଥିତ ନହେବାରୁ ଲୋକମାନେ ଫେରି ଯାଇଥିଲେ। ଯାହାଫଳରେ ମୁଁ ତାଲା ପକାଇ ଚାଲି ଯାଇଥିଲି କହିଛନ୍ତି। ଅପରପକ୍ଷରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପାତ୍ରଙ୍କୁ ପଚାରିବାରୁ ମୋ ମାଆଙ୍କ ଦେହ ଖରାପ ଥିଲା। ମୁଁ ବିଳମ୍ବରେ ପହଞ୍ଚିଥିଲି। ତାପରେ କଣ ହୋଇଛି ମୁଁ ଜାଣିନି ବୋଲି କହି କଥାକୁ ଏଡାଇ ଯାଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଯେ, ସରକାରଙ୍କ ନିର୍ଦ୍ଦେଶିତ କାର୍ଯ୍ୟକ୍ରମକୁ ବିଫଳ କରିବା ପାଇଁ ଦାୟୀ କିଏ ? ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଚୋରା ମଦ ଜବତ, ୯ କୋର୍ଟଚାଲାଣ



**କେନ୍ଦ୍ରାପଡ଼ା,୧୭।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଜମ୍ବୁମେରାଇନ, କୁଦାନଗରୀ, କେନ୍ଦ୍ରାପଡ଼ା ଟାଉନ ଓ ନିକିରାଇ ଥାନା ଅଧିନିସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ପ୍ରଭାକରପୁର ଗ୍ରାମର ଦୀପ୍ତି ଖିଲାରଙ୍କ ଠାରୁ ୩୫ ଲିଟର ଦେଶୀ ରନ୍ଧା ମଦ, ରୋହିତ ଖିଲାରଙ୍କ ଠାରୁ ୧୦୦୦ ଲିଟର ଗୁଡ଼ପୋଚ, ରବି ଖିଲାରଙ୍କ ଠାରୁ ୯୦୦ ଲିଟର ଗୁଡପୋଚ, ମାହାଙ୍ଗା ଗ୍ରାମର ରମାକାନ୍ତ ବେହେରାଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ବଡହାଟ ଗ୍ରାମର ମୁନା ମହାରଣାଙ୍କ ଠାରୁ ୨୩ ଲିଟର ବିଦେଶୀ ମଦ, ବଳଗଣ୍ଡି ଗ୍ରାମର କଳ୍ପନା ସାହୁଙ୍କ ଠାରୁ ୨୦ ଲିଟର ଦେଶୀ ରନ୍ଧା ମଦ, କୋର ଗ୍ରାମର ଅଭିମନ୍ୟୁ ବେହେରାଙ୍କ ଠାରୁ ୨୪ ଲିଟର ବିଦେଶୀ ମଦ, ଗୁଲନଗର ଗ୍ରାମର ଅଶୋକ ମଲିକଙ୍କ ଠାରୁ ୩୦ ଲିଟର ଦେଶୀମଦ ଓ ଜଳନ୍ଧରରୁ ୨୫ ଲିଟର ଦେଶୀମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଅଛି। ଏମାନଙ୍କ ପାଖରୁ ସମୁଦାୟ ୨୦୮୯ ଲିଟର ବିଦେଶୀ, ଦେଶୀ, ଦେଶୀ ରନ୍ଧା ମଦ ଓ ଗୁଡ଼ପୋଚ ଜବତ କରାଯାଇ ୯ ଜଣଙ୍କୁ କୋର୍ଟଚାଲାଣ କରାଯାଇଅଛି। ଏହି ଚଢ଼ାଉରେ ଅବକାରୀ ଉପ ନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଋତୁପ୍ରଭା ସ୍ୱାଇଁ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ଗୃହ ତାଲିକା ଓ ଗଣନା ଆରମ୍ଭ



**ପରଜଙ୍ଗ,୧୭।୪/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ୍‌ରେ କେନ୍ଦ୍ର ସରକାରଙ୍କ ଗୃହ ତାଲିକା ଏବଂ ଗୃହ ଗଣନା ଆରମ୍ଭ ହୋଇଯାଇଛି। ଏହା ୧୬ ଏପ୍ରିଲରୁ ୧୫ ମେ' ପର୍ଯ୍ୟନ୍ତ ଏକ ମାସ ଧରି ଚାଲୁ ରହିବ। ପରଜଙ୍ଗ ତହସିଲ୍‌ରେ ୨୧୫ ଜଣ ଗୃହ ସମଷ୍ଟି ବ୍ଲକ୍ ଓ ୩୫ ଜଣ ତଦାରଖକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ପରଜଙ୍ଗ ତହସିଲଦାର୍ ସହଦେବ ପୃଷ୍ଟି ଓ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଦେଶର ପ୍ରଥମ ଡିଜିଟାଲ ଗୃହ ତାଲିକା ଓ ଗୃହ ଗଣନା କାର୍ଯ୍ୟ ଚାଲୁ ରହିବା ସହ ୩୩ ଗୋଟି ପ୍ରଶ୍ନ ପଚାରିବାକୁ ନିର୍ଦ୍ଦେଶ ରହିଥିବା ସୂଚନାରୁ ଜଣାପଡ଼ିଛି।

# ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସରେ ରକ୍ତଦାନ ଶିବିର




**କେନ୍ଦ୍ରାପଡା,୧୭।୪/ଏନ୍‌ଏନ୍‌ଏସ୍:** ଆଜି କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧୋତ୍ସବ ଓ ରକ୍ତଦାନ ଶିବିର ସ୍ଥାନୀୟ ସାନ୍ତସାହି ସ୍ଥିତ ବଳଦେବଜିୟୁ ମଣ୍ଡପ ଠାରେ ପାଳିତ ହୋଇଯାଇଛି। ଶୁକ୍ରବାର ସକାଳୁ ସ୍ଥାନୀୟ ଗୋବରୀ ନଦୀ ଘାଟରେ ତିଳତର୍ପଣ କରାଯାଇ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ପରେ ପରେ ମେଡିକାଲ ଛକଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭୋଳଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥି ସହିତ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ରକ୍ତଦାନ ଶିବିରରେ ୧୫୪ୟୁନିଟ ରକ୍ତ ସଂଗ୍ରହ କରାଯାଇ କେନ୍ଦ୍ରାପଡ଼ା ବ୍ଲଡ୍ ବ୍ୟାଙ୍କକୁ ପ୍ରଦାନ କରାଯାଇଥିଲା। ବିଜୁ ଜନତା ଦଳ କର୍ମୀମାନେ ସ୍ୱତ ପ୍ରଵୃତ ଭାବରେ ରକ୍ତଦାନ କରିଥିଲେ। ଆଧୁନିକ ଓଡ଼ିଶା ନିର୍ମାଣରେ ବିଜୁଙ୍କ ଅବଦାନ ଓ ତାଙ୍କ ଆଦର୍ଶରେ ଓଡ଼ିଶାର ସମୃଦ୍ଧି ଏବଂ ଆଗାମୀର ଆହ୍ୱାନ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ପୌରାଧକ୍ଷା ସରିତା ସାହୁ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ପଞ୍ଚାୟତ ସମିତି ଅଧକ୍ଷା ରଶ୍ମିତା ସେଠୀ, ସୁମିତ୍ରା ପାଢୀ, ସ୍ୱୟଂପ୍ରଭା କର, ମିନତି ପରିଡା, ରଶ୍ମିରଞ୍ଜନ ରାଉତ, ପ୍ରଦୀପ୍ତ ମହାନ୍ତି, ଦୁର୍ଗାଶିଷ ମହାନ୍ତି, ଜିଲ୍ଲାପରିଷଦ ସଦସ୍ୟ ମଧୁଛନ୍ଦା ମହାନ୍ତି, ମହନି ଆଚାର୍ଯ୍ୟ, ଯଯାତି ମହାନ୍ତି, କେନ୍ଦ୍ରାପଡା ବ୍ଲକ୍ ସଭାପତି ଆଲୋକ ସାହୁ, ଗୋପିନାଥ ବାରିକ, ରାଜଲକ୍ଷ୍ମୀ ରାଉତରାୟ, ଚନ୍ଦନ ଦାସ, ଅଶ୍ୱନୀ ପାତ୍ର, ନିରାକାର ସ୍ୱାଇଁ,ସେକ ମନ୍ତୁ, ଚୌଧୁରୀ ସୁକୁମାର ଦାସ, ସେକ୍ ଚନ୍ଦନ, ତ୍ରିଲୋଚନ ପାତ୍ର, ଲୋହିତ ମହାନ୍ତି, ସୁଧିର ବେହେରା, ଶରତ ବେହୁରା, ମହେନ୍ଦ୍ର ମିଶ୍ର, ସମ୍ବିତ୍ ଶ୍ରୀଚନ୍ଦନ, ଲକ୍ଷ୍ମୀଧର ପଳେଇ, ମଣ୍ଟୁ ମହାନ୍ତି, ଜ୍ୟୋତି ରଞ୍ଜନ ପ୍ରଧାନ, ସଙ୍ଗମ ସାମଲ, ରଞ୍ଜନ ସାହୁ, ରମେଶ ଦାସ, ସୌମେନ୍ଦ୍ର ପୃଷ୍ଟି, ତପ ରଞ୍ଜନ ବେହେରା ପ୍ରମୁଖ ରକ୍ତଦାନ ଶିବିରରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଜୁ ଜନତା ଦଳର ବରିଷ୍ଠ ନେତା ରଞ୍ଜିତ ସାହୁ ପରିଚାଳନା କରିଥିଲେ।

# ସିବିଏସ୍‌ଇ ଦଶମ ପରୀକ୍ଷାରେ ଶ୍ରୀୟା ଶାଳିନୀଙ୍କ ସଫଳତା

**ରାଜକନିକା,୧୭।୪/ଏନ୍‌ଏନ୍‌ଏସ୍:** ସିବିଏସ୍‌ଇ ଦଶମ ପରୀକ୍ଷାରେ ଶ୍ରୀୟା ଶାଳିନୀଙ୍କ ସଫଳତା। ରାଜକନିକା ବ୍ଲକ୍ ଦଶଭଗାରିଆ ଗ୍ରାମର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଜୟରାମ ବେହେରାଙ୍କର ନାତୁଣୀ ତଥା ନିର୍ମଳ ବେହେରାଙ୍କ ଭାଣିଜୀ ଶ୍ରୀୟା ଶାଳିନୀ (ଖୁସି )ସିବିଏସ୍‌ଇ ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୫.୬ % ମାର୍କ ରଖି କୃତକାର୍ଯ୍ୟ ହେବା ସହ ନିଜ ଗ୍ରାମ ତଥା ରାଜକନିକା ଅଞ୍ଚଳର ଗୌରବ ବଢ଼ାଇଛନ୍ତି। ନିଜର ସଫଳତା ପାଇଁ ସେ ଜେଜେବାପା ସ୍ୱର୍ଗତ ଜୟରାମ ବେହେରା, ଜେଜେମା' ପାର୍ବତୀ ବେହେରା, ବଡବାପା ସୁରଜିତ ବେହେରା, ବଡ଼ ମା' ରୀନାରାଣୀ ବେହେରା, ବାପା ରାମଚନ୍ଦ୍ର ବେହେରା, ମାଆ କ୍ଷଣପ୍ରଭା ବେହେରା ଓ କଟକ ନୂଆ ବଜାର ସ୍ଥିତ ସେଣ୍ଟ୍ ଜାଭିଅର୍ ହାଇସ୍କୁଲ୍‌ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମସ୍ତ ଗୁରୁଜନମାନଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ସେ ଜଣେ ଦକ୍ଷ ହୃଦ୍‌ରୋଗ ଚିକିତ୍ସକ ହେବେ ବୋଲି ଲକ୍ଷ୍ୟ ରଖିଛନ୍ତି।

# ସିବିଏସ୍‌ଇ ଦଶମ ପରୀକ୍ଷାରେ ଶ୍ରାଚୀ ସୁମନ ମହଲାଙ୍କ ସଫଳତା

**ଯାଜପୁର,୧୭।୪/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷ ସିବିଏସ୍‌ଇ ଦଶମ ପରୀକ୍ଷା ପଲ ପ୍ରକାଶ ପାଇଛି। ଏଥିରେ ଯାଜପୁର ଜିଲ୍ଲାର ଅକରପଡ଼ା ସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଶ୍ରାଚୀ ସୁମନ ମହଲା ୯୮% ନମ୍ବର ରଖି ସ୍କୁଲରେ ପ୍ରଥମ ସ୍ଥାନ ଅଧିକାର କରି ସ୍କୁଲ ତଥା ତାଙ୍କ ପରିବାର ପାଇଁ ଗୌରବ ଆଣିଛନ୍ତି। ଏହି ଛାତ୍ରୀ ଜଣଙ୍କ କୁରୁଳି ଗ୍ରାମର ବାସିନ୍ଦା ଅଟନ୍ତି। ତାଙ୍କ ମାତା



ରୋଜାଲିନ ସାମଲ ଜଣେ ସୁଗୃହିଣୀ ଓ ପିତା ବିରଞ୍ଚି ନାରାୟଣ ମହଲା ରାମକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ଭେଲଙ୍ଗରେ ଶିକ୍ଷକତା କରନ୍ତି । ଛାତ୍ରୀଙ୍କ ସଫଳତାରେ ତାଙ୍କ ପିତା ମାତା ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ଓ ପ୍ରିନ୍ସିପାଲ୍ ସମସ୍ତେ ଖୁସି ବ୍ୟକ୍ତ କରିଛନ୍ତି।

### ବେଆଇନ୍ ଇଟାଭାଟି ଓ ଚାଷଜମିରେ ବ୍ୟବହାର ହେଉଛି ପାନୀୟଜଳ

# ହନ୍ତସନ୍ତ ହେଉଛନ୍ତି ବଡ଼ମଙ୍ଗରାଜପୁର ଦୁଇଟି ୱାର୍ଡର ଅଧିବାସୀ

**ଚାନ୍ଦୋଲ,୧୭।୪/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ କୁରୁଜଙ୍ଗା ପଞ୍ଚାୟତ ବଡ଼ମଙ୍ଗରାଜପୁର (ଦିଆପାଟଣା) ଗ୍ରାମର ଦୁଇଟି ୱାର୍ଡର ଅଧିବାସୀଙ୍କ ନିକଟରେ ଦୀର୍ଘଦିନ ହେବ ପାଇପ୍ ଯୋଗେ ପାନୀୟଜଳ ପହଞ୍ଚି ପାରୁନଥିଲା। ପାନୀୟଜଳରୁ ବଞ୍ଚିତ ହେଉଥିବା ଗ୍ରାମବାସୀମାନେ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବିଡିଓ ନମିତା ବାରିକ, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ବିଭୁଦତ ଦାଶ, ସ୍ଥାନୀୟ ସରପଞ୍ଚ ମାନସୀ ସାମଲ ଡେରାବିଶ ପୁଲିସ ଟିମ୍ ସହ ସମ୍ପୃକ୍ତ ଗ୍ରାମକୁ ଯାଇ ପାନୀୟଜଳ କଷ୍ଟ ଭୋଗୁଥିବା ଗ୍ରାମବାସୀଙ୍କୁ ଭେଟିଥିଲେ। ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ କୁରୁଜଙ୍ଗା ଠାରେ ଏକ ଓଭର ହେଡ୍ ଟାଙ୍କି



କରାଯାଇ ସମ୍ପୃକ୍ତ ଗ୍ରାମ ସମେତ ଅନ୍ୟ ଗ୍ରାମକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦିଆଯାଉଛି। କିନ୍ତୁ କେତେକ ବ୍ୟକ୍ତି ଗ୍ରାମ ମଧକୁ ଯାଉଥିବା ପାନୀୟଜଳ ପାଇପରୁ ବେଆଇନ ସଂଯୋଗ କରି ନିଜ ଚାଷଜମିକୁ ପାଣି ମଡ଼ାଇବା ଓ ବେଆଇନ ଇଟାଭାଟି ନିର୍ମାଣ କାର୍ଯ୍ୟରେ ଏହି ପାଣିକୁ ବ୍ୟବହାର କରୁଥିବା ଦେଖିବାକୁ ପାଇଥିଲେ। ବେଆଇନ ପାଣି ସଂଯୋଗକାରୀମାନେ ଅତ୍ୟଧିକ ମାତ୍ରରେ ପାଣି ବ୍ୟବହାର କରୁଥିବାରୁ ପାନୀୟଜଳ ସମ୍ପୃକ୍ତ ଗ୍ରାମରେ ପହଞ୍ଚି ପାରୁନଥିବା ସହକାରୀ ଯନ୍ତ୍ରୀ ଶ୍ରୀ ଦାଶ ପ୍ରକାଶ କରିଥିଲେ। ଏହି ଘଟଣାକୁ ବିଡିଓ ଶ୍ରୀମତୀ ବାରିକ, ଯନ୍ତ୍ରୀ ଶ୍ରୀ ଦାସ, ସରପଞ୍ଚ ଶ୍ରୀମତୀ ସାମଲ ଓ ପୁଲିସ୍ ଟିମ୍ ସହ ବେଆଇନ ଭାବେ ଏହି ପାଣିକୁ ନିଜ ଚାଷଜମି ଓ ଇଟା ଭାଟିରେ ବ୍ୟବହାର କରୁଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିବା ସହ ସମ୍ପୃକ୍ତ ଗ୍ରାମକୁ ତୁରନ୍ତ ପାଇପରେ ଯାଉଥିବା ପାନୀୟଜଳକୁ ଯୋଗାଇ ଦିଆଯିବାକୁ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

**ନିତି ଭାରତୀ** | ପରମ୍ପରା ଆମର ସୁରକ୍ଷା କବଚ ହୋଇଥାଏ, ଆଉ ଜଣେ ଯେତେବେଳେ ସୁରକ୍ଷିତ ଅନୁଭବ କରେ, ତା'ର ମନର ଅବକ୍ଷୟ ଆରମ୍ଭ ହୋଇଥାଏ । - **ଜିଦ୍ଦୁ କ୍ରିଷ୍ଣମୂର୍ତ୍ତି**

NITIDIN
ନିତିଦିନ
ଶନିବାର, ୧୮ ଏପ୍ରିଲ ୨୦୨୬

# କାଳବୈଶାଖୀ: ଉଦ୍ଭବ, ପ୍ରଭାବ ଓ ଲାଭ



ପ୍ରମୋଦ କୁମାର ପଣ୍ଡା

କେଉଁଠି ଥିଲା କେଜାଣି ଅଚାନକ କଳା ମଚମଚ କଳାହାଣ୍ଡିଆ ବାଦଲ ମାଡ଼ି ଆସିଲା । ସ୍ୱଚ୍ଛ ନୀଳ ନଭ ନିମିଷକେ ନିଜ ରୂପ ପରିବର୍ତ୍ତିତ କଲା । ଆରମ୍ଭ ହୋଇଗଲା ଅଣଚାଶ ମୂର୍ତ୍ତି ପବନ ସହ ଧୂଳି ଝଡ଼ର ଚକାଭଉଁରୀ ଖେଳ । ଯିଏ ଯେଉଁଠି ଥିଲେ, ଅତର୍କିା ଧାଇଁଲେ ନିରାପଦ ଆଶ୍ରୟ ପାଇଁ । କେତେ ପହଞ୍ଚି ପାରିଲେ, ଆଉ କେତେ ନାହିଁ । ଅଧ ବାଟରେ ରହିଗଲେ । ପାହାର ଖାଇବାକୁ ପଡ଼ିଲା । ପ୍ରବଳ ବର୍ଷା । ପାଣି ବୁନ୍ଦା ଏତେ ଜୋର୍‌ରେ ଛାଟୁଥାଏ ଯେ ସତେ ଯେପରି କିଏ ବେତରେ ବାଡ଼େଇ ଚାଲିଛି । ପବନର ତୀବ୍ର ଭୟାନକ ବେଗ । ଛାତିଥରା ଶବ୍ଦ । କୁଆପଥର ମାଡ଼ । ରହି ରହି ବିକଟାଳ ରଡ଼ି ଛାଡୁଥାଏ ଘଡ଼ଘଡ଼ି । ବାଦଲ ଭିତରୁ ବିଜୁଳି ମାଟି ସ୍ପର୍ଶ କରୁଥାଏ । ଘଣ୍ଟାଏରୁ ଅଧିକ କାଳ ଚାଲିଲା ବାଆ, ବତାସ ଓ ବାରିର ବହଳିଆ କଳା ଖେଳ, ତାଣ୍ଡବ । ଗଛ ଉପୁଡ଼ିଲା । ଡାଳ ଭାଙ୍ଗିଲା । ଚାଳ ଉଡ଼ିଲା । ବିଜୁଳି ତାର ଛିଣ୍ଡିଲା । ପର ଦିନ ଖବରକାଗଜରେ ବାହାରିଲା ଅମୁକ ଗାଁରେ ତୋଫାନ ଯୋଗୁଁ ଏତେ ପରିବାର ମୁଣ୍ଡରେ ଛପର ନାହିଁ । ସମୁକ ଗାଁରେ ବିଜୁଳି ଆଘାତରେ ବୃଦ୍ଧଙ୍କ ମୃତ୍ୟୁ, ଗଛ ପଡ଼ି ଏତେ ଜଣ ଆଘାତପ୍ରାପ୍ତ ଇତ୍ୟାଦି ଇତ୍ୟାଦି ।

ଦିନ ତମାମ ପ୍ରବଳ ଖରା । ରୁଦ୍ରତାପ ସାଙ୍ଗକୁ ଗରମ ଓ ଗୁଳୁଗୁଳି । ଶରୀରରୁ ଗମଗମ ଝାଳ । କିନ୍ତୁ କେବେ ଅପରାହ୍ନରେ ତ କେବେ ସନ୍ଧ୍ୟାରେ ଏଭଳି ସାମୟିକ ଓ ସ୍ଥାନୀୟ ବିପ୍ଳାତ । ବର୍ଷର ସବୁ ମାସରେ ନୁହେଁ, ବିଶେଷତଃ ଓଡ଼ିଆ ମାସ ବୈଶାଖରେ । ବସନ୍ତ ଋତୁର ଅନ୍ତିମ ଭାଗରେ, ଯାହାକୁ କାଳବୈଶାଖୀ କୁହାଯାଏ । କାଳ ମାନେ ମୃତ୍ୟୁ, ବିନାଶକାରୀ । ବୈଶାଖୀ ଶବ୍ଦଟି ବୈଶାଖ ମାସରୁ ଅନୀତ । ତେଣୁ କାଳବୈଶାଖୀ ବୈଶାଖ ମାସରେ ହେଉଥିବା ବିନାଶକାରୀ ଝଡ଼ ବାତ୍ୟାକୁ ବୁଝାଏ । ଇଂରାଜୀରେ ଏହାକୁ ନର୍ଥୱେଷ୍ଟର କୁହାଯାଏ । ଛୋଟନାଗପୁର ମାଳଭୂମି ଏହାର ମୁଖ୍ୟ ଉତ୍ପତ୍ତି ସ୍ଥଳ । ଖରାଦିନେ ପ୍ରଖର ଗ୍ରୀଷ୍ମ ପ୍ରବାହ ହେତୁ ସ୍ଥାନୀୟ ଗରମ ଓ ଶୁଷ୍କ ବାୟୁ ସହିତ ବଙ୍ଗୋପସାଗରରୁ ପ୍ରବାହିତ ଆର୍ଦ୍ର ବାୟୁର ସଂଘର୍ଷ ଘଟେ ଓ କାଳବୈଶାଖୀ ସୃଷ୍ଟି ହୋଇଥାଏ । ଏହି ପ୍ରକ୍ରିୟା ଏପ୍ରିଲ-ମେ' ମାସରେ ହୁଏ । ଦିନର ପ୍ରବଳ ଗ୍ରୀଷ୍ମ ପରେ ଅପରାହ୍ନ କିମ୍ବା ସନ୍ଧ୍ୟା ସମୟରେ ପ୍ରଚଣ୍ଡ ଝଡ଼, ବିଜୁଳି ଏବଂ ଭାରି ବର୍ଷା ସହିତ ଘୂର୍ଣ୍ଣିବାତ୍ୟା ଭଳି ସ୍ଥିତି ଉତ୍ପନ୍ନ ହୋଇଥାଏ । ଅତ୍ୟଧିକ ଖରା ଯୋଗୁଁ ମାଟି ଉତ୍ତପ୍ତ ହୁଏ । ଉତ୍ତପ୍ତ କ୍ଷେତ୍ର ଉପରେ ଗରମ ଓ ଶୁଷ୍କ ବାୟୁ ବହେ । ବଙ୍ଗୋପସାଗରରୁ ପ୍ରବାହିତ ଆର୍ଦ୍ର ବାୟୁ ସହ ଏହା ମିଶେ । ଶୁଷ୍କ ଓ ଆର୍ଦ୍ର ବାୟୁ ଉପରକୁ ଉଠେ । ଥଣ୍ଡା ହୋଇ ବିଶାଳ ବଜ୍ରମେଘ ନିର୍ମାଣ କରେ । ବାଦଲ ଯେବେ ଉତ୍ତର-ପଶ୍ଚିମ ଦିଗରୁ ତୀବ୍ର ବେଗରେ ଆସେ, ତେବେ ବିନାଶକାରୀ ଝଡ଼, ବିଜୁଳି ଘଡ଼ଘଡ଼ି ଓ ମୂଷଳାଧାର ବର୍ଷା ଆଣିଥାଏ । ମୁଖ୍ୟତଃ ଏହା ଭାରତର ପୂର୍ବ ଓ ଉତ୍ତର-ପୂର୍ବ ରାଜ୍ୟ ଯଥା ପଶ୍ଚିମବଙ୍ଗ, ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ଆସାମ ଓ ବାଂଲାଦେଶରେ ଦେଖିବାକୁ ମିଳିଥାଏ । କାଳବୈଶାଖୀ ବସନ୍ତ ଋତୁର ବିଦାୟ ଓ ଗ୍ରୀଷ୍ମ ଋତୁ ଆଗମନର ସଙ୍କେତ ପ୍ରଦାନ କରିଥାଏ ।



କାଳବୈଶାଖୀ ଏକ ଖରାଦିନିଆ ଘୂର୍ଣ୍ଣିଝଡ଼ । ଏହା ବିନାଶ ଆଣେ, କ୍ଷତି ଘଟାଏ । ଆକସ୍ମିକ ତୀବ୍ର ଧୂଳି ଝଡ଼ ଯୋଗୁଁ ଲୋକଙ୍କୁ ନାହିଁ ନଥିବା ଦୁଃଖ ଭୋଗିବାକୁ ପଡ଼େ । ଅସୁବିଧାର ସମ୍ମୁଖୀନ ହେବାକୁ ହୁଏ । ଗଛ ଭାଙ୍ଗେ । ଅଦିନିଆ ବର୍ଷା ଯୋଗୁଁ ଫସଲ ନଷ୍ଟ ହୁଏ । ଘର ଛପର ଉଡ଼ାଇ ନିଏ । ମାଟିଘର ଭାଙ୍ଗେ । ଗରିବ ଖଟିଖିଆଙ୍କୁ ଯନ୍ତ୍ରଣା ଭୋଗିବାକୁ ହୁଏ । ଅତ୍ୟଧିକ ପବନ ଯୋଗୁଁ ବିଜୁଳି ଖୁଣ୍ଟ ଉପୁଡ଼େ । ଲାଇଟ ରୁହେନି । ବିଜୁଳି ଅଭାବରୁ ଅନ୍ଧାରରେ ରହିବାକୁ ପଡ଼େ । ଅତି ଗମ୍ଭୀର ବାତ୍ୟା ହେଲେ ବେଳେବେଳେ କଳକାରଖାନା ଠପ୍ ପଡ଼େ । ବଜ୍ରାଘାତରେ ଜୀବଜନ୍ତୁଙ୍କ ମୃତ୍ୟୁ ଘଟେ । ଲୋକଙ୍କ ଜୀବନ ଯାଏ । ଗାଈଗୋରୁ ଛେଳିମେଣ୍ଢା ଆଦି ଗୃହପାଳିତ ପଶୁ ମରିବା ଦେଖାଯାଏ ।

କାଳବୈଶାଖୀ ବିନାଶକାରୀ ହେଲେ ସୁଦ୍ଧା ରବି ଫସଲ ପରବର୍ତ୍ତୀ ମୌସୁମୀ ପାଇଁ ଲାଭଦାୟକ ହୋଇଥାଏ । ଦିନର ଅସହ୍ୟ ଗରମ ଏବଂ ଗୁଳୁଗୁଳିରୁ ଲୋକ ତଥା ଜୀବଜନ୍ତୁ ସାମୟିକ ଆଶ୍ୱସ୍ତି ଲାଭ କରନ୍ତି । କାଳବୈଶାଖୀ ବର୍ଷା ନିୟମିତ ଅନ୍ତରରେ ହେଲେ ମାଟି ଆର୍ଦ୍ର ରୁହେ । ଚାଷୀକୁ ଜମି ଚଷିବାରେ ସୁବିଧା ହୁଏ । ସଅଳ ଧାନ ବୁଣାବୁଣି କାମ ହୋଇଯାଏ । ମୌସୁମୀ ଆସିବା ପୂର୍ବରୁ ଗଛ ଉଠି ସାରିଥାଏ । ବର୍ଷା ପାଣି ପଡୁପଡୁ ଫସଲ ଧଡ଼୍‌କିନା ବଢ଼ିଯାଏ । ଦକ୍ଷିଣ ଭାରତରେ କାଳବୈଶାଖୀ ବର୍ଷା ଆମ୍ବ ଫସଲ ପାଇଁ ଲାଭଦାୟକ । ତେଣୁ ଏହାକୁ ମ୍ୟାଙ୍ଗୋ ସାୱାର କୁହାଯାଇଥାଏ ।

କାଳବୈଶାଖୀରେ ଧନ ଜୀବନର ସୁରକ୍ଷା ପାଇଁ ସଚେତନତା ଓ ସତର୍କତା ଜରୁରୀ ଅଟେ । ଝଡ଼ବାତ୍ୟାରୁ ବଞ୍ଚିବା ପାଇଁ ନିରାପଦ ସ୍ଥାନରେ ଆଶ୍ରୟ ନିଅନ୍ତୁ । ସେହି ସମୟରେ ବାହାରକୁ ବାହାରନ୍ତୁ ନାହିଁ । ଘର ଭିତରେ ରୁହନ୍ତୁ । ପଦାରେ ଥିଲେ ନିରାପଦ ସ୍ଥାନକୁ ଆସିବାକୁ ଯତ୍‌ପରୋନାସ୍ତି ଚେଷ୍ଟା କରନ୍ତୁ । ଗଛ ମୂଳେ କିମ୍ବା ବିଜୁଳି ଖୁଣ୍ଟ ପାଖେ ଆଶ୍ରୟ ନିଅନ୍ତୁ ନାହିଁ । ଛିଣ୍ଡା ଖୋଲା ବିଜୁଳି ତାର ସ୍ପର୍ଶ କରନ୍ତୁ ନାହିଁ । ଘରର ବିଜୁଳି ଚାଳିତ ଯନ୍ତ୍ରପାତି ବନ୍ଦ ରଖନ୍ତୁ । ସାମୟିକ ବ୍ୟବହାରରୁ ବିରତ ରୁହନ୍ତୁ । ପାଗ ଠିକ୍ ହେଲେ ଉପଯୋଗ କରନ୍ତୁ । ଛୋଟ ପିଲା କିମ୍ବା ଗୃହପାଳିତ ପଶୁଙ୍କୁ ପଦାକୁ ଛାଡ଼ନ୍ତୁ ନାହିଁ ।

କାଳବୈଶାଖୀ ଯେତେ ବିନାଶକାରୀ, ସେତେ ଲାଭଦାୟୀ । ନିୟମିତ କାଳବୈଶାଖୀ ବର୍ଷା ପାରିବେଶିକ ସନ୍ତୁଳନ ରକ୍ଷା କରେ । ବାୟୁମଣ୍ଡଳ ପରିଷ୍କାର ରଖେ । ଆଜିକାଲି ଆଗ ଭଳି କାଳବୈଶାଖୀ ଦେଖିବାକୁ ମିଳୁନାହିଁ । ଧୀରେ ଧୀରେ ଏହାର ମାତ୍ରା କମି କମି ଯାଉଛି, ଯାହା ସ୍ୱାସ୍ଥ୍ୟକର ପରିବେଶର ପ୍ରତିକୂଳ ଲକ୍ଷଣ । ଚାଷ ଓ ଚାଷୀ କୁଳ ପାଇଁ ମଧ୍ୟ ଏହା ଶୁଭଙ୍କର ନୁହେଁ । କାଳବୈଶାଖୀ କାଳ ହେଲେ ବି ଶୁଭ ଫଳ ପ୍ରଦାୟକ । ଆବଶ୍ୟକ କେବଳ ସଚେତନତା ଓ ସତର୍କତା । ଏହା ବିଧ୍ୱଂସକ । ଏହାର ଉଭୟ ନକାରାତ୍ମକ ଓ ସକାରାତ୍ମକ ପ୍ରଭାବ ରହିଛି । ହାନି ସହ ଲାଭ ବି ଅଛି ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**
**ମୋ: ୭୯୭୮୨୮୩୧୯୦**

# ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ବିରୋଧରେ ପ୍ରଥମ ସ୍ୱର

ଶବ୍ଦ ଚିତ୍ର ଅକ୍ଷର



ଡ. ମୃଣାଳ ଚାଟାର୍ଜୀ

୧୩ ଏପ୍ରିଲ ୧୯୧୯ ଅମୃତସର, ପଞ୍ଜାବରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ହୋଇଥିଲା । ରାଓଲଟ ଆଇନ ବିରୋଧରେ ପ୍ରତିବାଦ କରିବାକୁ ସମବେତ ନିରସ୍ତ୍ର ଜନତା ଉପରେ ଗୁଳି ଚଳାଇବାକୁ ଆଦେଶ ଦେଇଥିଲେ ଜେନେରାଲ ଡାୟାର, ଯେଉଁଥିରେ ସରକାରୀ ବକ୍ତବ୍ୟ ଅନୁସାରେ ୩୭୯ ଜଣଙ୍କ ମୃତ୍ୟୁ ହୋଇଥିଲା । ବେସରକାରୀ ହିସାବ ଅନୁସାରେ ଏହା ୧୫୦୦ରୁ ଅଧିକ ।

ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଭାରତର ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରରେ ଏକ ନିର୍ଣ୍ଣାୟକ ମୋଡ଼ ଥିଲା । ତେବେ ବିଭିନ୍ନ କାରଣରୁ (ମୁଖ୍ୟତଃ କଠୋର ପ୍ରଶାସନିକ ପଦକ୍ଷେପ ଏବଂ ସେ ସମୟରେ ଯୋଗାଯୋଗ ବ୍ୟବସ୍ଥାର ଅପ୍ରତୁଳତା) ଏ ହତ୍ୟାକାଣ୍ଡର ପ୍ରତିକ୍ରିୟା ସାଧାରଣ ଜୀବନ ଏବଂ ରାଜନୈତିକ କ୍ଷେତ୍ରରେ ପ୍ରକାଶ ପାଇବାକୁ କିଛି ସମୟ ଲାଗିଥିଲା ।

ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ପ୍ରତିବାଦରେ ରବୀନ୍ଦ୍ରନାଥ ଠାକୁର ତାଙ୍କୁ ବ୍ରିଟିଶ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଉପାଧି ଫେରାଇ ଦେଇଥିଲେ । ସାର ଚେଟ୍ଟୁର ଶଙ୍କରନ ନାୟାର (୧୮୫୭-୧୯୩୪) ସେତେବେଳେ ଭାଇସରୟଙ୍କ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲ୍‌ର ଏକମାତ୍ର ଭାରତୀୟ ସଭ୍ୟ ଥିଲେ; ସେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ । ତେବେ ଅନେକେ ହୁଏତ ଏକଥା ଜାଣି ନଥିବେ ଯେ ଏଭଳି ପ୍ରତିକ୍ରିୟା ପ୍ରକାଶ କରିବାରେ ପ୍ରଥମ ବ୍ୟକ୍ତି ଥିଲେ ଉଚ୍ଚପଦସ୍ଥ ବ୍ରିଟିଶ ଅଫିସର: ସିଡନୀ ମଣ୍ଟେଗୁ ଜ୍ୟାକବ ।

ଜ୍ୟାକବ ସେ ସମୟରେ ଅମୃତସରର କୃଷି ବିଭାଗର ଡାଇରେକ୍ଟର ପଦରେ ଥିଲେ । ଏ ହତ୍ୟାକାଣ୍ଡ ସମ୍ପର୍କରେ ତାଙ୍କର କୌଣସି ଧାରଣା ନଥିଲା । ଏ ହତ୍ୟାକାଣ୍ଡ ହେବାର ଘଣ୍ଟେ ଦେଢ଼ଘଣ୍ଟା ଭିତରେ ସିଏ ଅନ୍ୟ ବିଶେଷ କାମରେ ଅମୃତସରର କମିଶନର ମାଇଲସ୍ ଅର୍ଭିଙ୍ଗଙ୍କ ସହିତ ଦେଖା କରିବା ପାଇଁ ଆସନ୍ତି । ଆଉ ଠିକ୍ ସେହି ସମୟରେ ଅର୍ଭିଙ୍ଗଙ୍କ ପାଖକୁ ଗୋଟେ ଫୋନ୍ ଆସିଲା । ଫୋନ୍‌ର ଅନ୍ୟ ପ୍ରାନ୍ତରୁ ଜେନେରାଲ ଡାୟାର ଏ ହତ୍ୟାକାଣ୍ଡ ସମ୍ପର୍କରେ ତାଙ୍କୁ ଜଣାନ୍ତି । ତା' ସାଙ୍ଗରେ ଏକଥା ମଧ୍ୟ ସେ କୁହନ୍ତି ଯେ ପଞ୍ଜାବର ଲେଫ୍ଟନାଣ୍ଟ ଗଭର୍ଣ୍ଣର ମାଇକେଲ ଓ' ଡାୟାର, ଯାହାଙ୍କ ନିର୍ଦ୍ଦେଶରେ ସେ ଏ କାଣ୍ଡଟି ଘଟେଇଛନ୍ତି, ତାଙ୍କୁ ମଧ୍ୟ ଏ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି ।

ଏ ଫୋନ୍‌ର ବାର୍ତ୍ତା ଶୁଣି ସିଡନୀ ମଣ୍ଟେଗୁ ଜ୍ୟାକବ ଶିହରି ଉଠିଲେ । ସେ ଅର୍ଭିଙ୍ଗଙ୍କୁ କହିଲେ ଯେ ଜେନେରାଲ ଡାୟାର ଯାହା କହିଛନ୍ତି, ତାକୁ ବିନ୍ଦୁ ମାତ୍ର ଏପଟ ସେପଟ ନକରି ତତ୍‌କ୍ଷଣାତ୍ ଗୋଟେ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରସ୍ତୁତ କରନ୍ତୁ । କମିଶନର ମାଇଲସ୍ ଅର୍ଭିଙ୍ଗଙ୍କ ପ୍ରବଳ ଆପତ୍ତି ସତ୍ତ୍ୱେ ସେ ରିପୋର୍ଟ ନେଇ ସିଡନି ଲାହୋରରେ ମାଇକେଲ ଓ' ଡାୟାରଙ୍କ ପାଖକୁ ଯାଆନ୍ତି । ରାତି ୩ଟା । ତାଙ୍କୁ ନିଦରୁ ଉଠେଇ ରିପୋର୍ଟର ପ୍ରାପ୍ତି ସ୍ୱୀକାର କରିବା ପାଇଁ ବାଧ କରନ୍ତି, ଯାହା ଏ ହତ୍ୟାକାଣ୍ଡର ଅନ୍ୟତମ ନଥି ଭାବରେ ପରେ ତଦନ୍ତ କମିଶନ ପାଖରେ ଜମା ପଡ଼େ ।

କେବଳ ଏତିକି ନୁହେଁ, ଏ ଘଟଣାର ପ୍ରତିବାଦରେ ସିଡନୀ ଜାକବ ତାଙ୍କ ସରକାରୀ ପଦରୁ ଇସ୍ତଫା ଦିଅନ୍ତି । ପରବର୍ତ୍ତୀ ସମୟରେ ହଣ୍ଟର କମିଶନ ଗଠିତ ହେଲା ପରେ ମୂଳତଃ ସେହି ରିପୋର୍ଟ ଉପରେ ଭିତ୍ତିକରି ବ୍ରିଟିଶ୍ ପାର୍ଲାମେଣ୍ଟ ଜେନେରାଲ ଓ' ଡାୟାରଙ୍କୁ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ଚାକିରିରୁ ବାହାର କରନ୍ତି, ଦେଶକୁ ଫେରେଇ ଆଣନ୍ତି ଏବଂ ଆଜୀବନ ତାଙ୍କର ପେନ୍‌ସନ୍ ବନ୍ଦ କରି ଦିଅନ୍ତି । ତାହା ସହିତ ଏ ସିଦ୍ଧାନ୍ତ ନିଆ ହୁଏ ଯେ ଭବିଷ୍ୟତରେ ଆଉ କୌଣସି ପରିସ୍ଥିତିରେ ବି ବ୍ରିଟିଶ୍ ସେନା ସାଧାରଣ ନାଗରିକଙ୍କ ଉପରେ ଗୁଳି ବର୍ଷଣ କରି ପାରିବ ନାହିଁ ।

ସେ ସମୟର ଅନ୍ୟ ଅନେକ ବ୍ରିଟିଶ ଅଧିକାରୀଙ୍କ ଭଳି ସିଡନୀ ଜାକବ୍ ବି କ୍ରୀଡ଼ାରେ ପାରଦର୍ଶୀ ଥିଲେ । ସେ ଭଲ ଟେନିସ୍ ଖେଳୁଥିଲେ । ଜାଲିଆନାୱାଲାବାଗ ହତ୍ୟାକାଣ୍ଡର ୫ ବର୍ଷ ପରେ ୧୯୨୪ର ପ୍ୟାରିସ ଅଲିମ୍ପିକସ୍‌ରେ ସେ ଭାରତୀୟ ଟେନିସ୍ ଦଳର ପ୍ରତିନିଧିତ୍ୱ କରିଥିଲେ । ସିଙ୍ଗଲସ୍, ଡବଲସ୍, ମିକ୍ସଡ୍ ଡବଲସ୍- ତିନି ବିଭାଗରେ ହିଁ ଅଂଶଗ୍ରହଣ କରିଥିଲେ, କିନ୍ତୁ ମେଡାଲ ପାଇ ନଥିଲେ- ଯଦିଓ ପର ବର୍ଷ ଫ୍ରେଞ୍ଚ୍ ଓପନ୍ ସିଙ୍ଗଲସ୍‌ରେ ସେ ସେମିଫାଇନାଲ ଯାଏଁ ପହଞ୍ଚି ଥିଲେ । ଏହା ସହିତ ସେ ଭାରତୀୟ ଡେଭିସ୍ କପ୍ ଟେନିସ୍ ଦଳକୁ ବି ନେତୃତ୍ୱ ଦେଇଥିଲେ ।



ତେବେ ସିଡନୀ ମଣ୍ଟେଗୁ ଜାକବଙ୍କୁ ଆମେ ମନେ ରଖିବାର ପ୍ରମୁଖ କାରଣ ହେଲା, ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ବିରୋଧରେ ତାଙ୍କର ପ୍ରତିବାଦ । ନିରୀହ ଲୋକମାନଙ୍କ ଉପରେ ଗୁଳି ବର୍ଷଣକୁ ତାଙ୍କ ବିବେକ ମାନି ନେଇ ନଥିଲା । ସେ ପ୍ରତିବାଦ କରିଥିଲେ ଏବଂ ନିଜେ ଚାକିରିରୁ ଇସ୍ତଫା ଦେଇଥିଲେ । ମୁଖ୍ୟତଃ ତାଙ୍କର ପ୍ରତିବାଦ ଫଳରେ ଏବଂ ପରବର୍ତ୍ତୀ ସମୟରେ ଏ ହତ୍ୟାକାଣ୍ଡ ବିରୋଧରେ ଦେଶବ୍ୟାପି ଆନ୍ଦୋଳନ ଆରମ୍ଭ ହେବାରୁ ବ୍ରିଟିଶ୍ ସରକାର ମଧ୍ୟ ଏ ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହିତ ନେଇଥିଲେ ।

ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଖବରକୁ କଠୋର ପ୍ରଶାସନିକ ନିଷେଧାଜ୍ଞା ସତ୍ତ୍ୱେ ଲୋକଲୋଚନକୁ ଆଣିବାରେ ଜଣେ ବ୍ରିଟିଶ୍ ସମ୍ପାଦକ ବି ଜି ହାର୍ନିମ୍ୟାନ (୧୮୭୩ – ୧୯୪୮) ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଖବର ପ୍ରକାଶ ଉପରେ କଠୋର ନିଷେଧାଜ୍ଞାକୁ ଅବଜ୍ଞା କରି 'ବମ୍ବେ କ୍ରନିକଲ'ର ସମ୍ପାଦକ ହାର୍ନିମ୍ୟାନ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଖବରକୁ କେବଳ ପ୍ରକାଶ କଲେନାହିଁ, ସରକାରଙ୍କୁ କଠୋର ସମାଲୋଚନା ବି କଲେ । ଏଥିପାଇଁ ତାଙ୍କୁ ଗିରଫ କରି ବିନା ବିଚାରରେ ଇଂଲଣ୍ଡକୁ ପଠାଇ ଦିଆ ଯାଇଥିଲା ।

କହିବା କଥା ହେଲା- ବ୍ରିଟିଶ୍ ଶାସନ କାଳରେ ସବୁ ବ୍ରିଟିଶ୍ ପଦାଧିକାରୀ ଏବଂ ଭାରତରେ ରହୁଥିବା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କାମ କରୁଥିବା ବ୍ରିଟିଶ୍ ଲୋକ ଅତ୍ୟାଚାରୀ, ହୃଦୟହୀନ ନଥିଲେ । ଇତିହାସ 'ଧଳା କିମ୍ବା କଳା' ନୁହେଁ । ଇତିହାସରେ ଅନେକ ରଙ୍ଗ ଆଉ ପରସ୍ତ ଥାଏ । ଏକ କାଳ ଖଣ୍ଡକୁ ସଠିକ୍ ଭାବେ ଜାଣିବା ପାଇଁ ଏବଂ ମୂଲ୍ୟାୟନ କରିବା ପାଇଁ ଆମେ ତାକୁ ବି ଜାଣିବା ଦରକାର ।

**ମୋ: ୯୪୩୭୦୨୬୧୯୪**

# ବନ୍ଧୁ ଚୟନ



ସସ୍ମିତା ସ୍ୱାଇଁ

ଜୀବନ ଭଳି ସତ୍ୟ ଓ ବାସ୍ତବ ଆଉ କିଛି ନାହିଁ । ଦୁଃଖ-ସୁଖ, ଭଲ-ମନ୍ଦ, ହର୍ଷ-ବିଷାଦ, ତିକ୍ତତା-ମଧୁରତାର ନିଚ୍ଛକ ପରିପ୍ରକାଶ ହିଁ ଜୀବନ । ଜୀବନର ଗତି ପଥଟା ସ୍ତରେ ସ୍ତରେ ସଜ୍ଜିତ ଓ ଏହା ସର୍ବଦା ସମତଳ ପଥରେ ଗତି କରେନାହିଁ । ଜୀବନ ଶେଷ ହେବା ପର୍ଯ୍ୟନ୍ତ କେତେ ବନ୍ଧୁର ପଥକୁ ଅତିକ୍ରମ କରିବାକୁ ପଡ଼ିଥାଏ ମଣିଷକୁ । ଦୁଃଖ, ଦୈନ୍ୟ, ଅଭାବ ଅନଟନ, ଜ୍ୱାଳା ଯନ୍ତ୍ରଣାରେ ଯେତେବେଳେ ବ୍ୟକ୍ତିର ଜୀବନ ଅତିଷ୍ଠ ହୋଇଉଠେ, ସେହି ସମୟରେ ଯିଏ ସାହସ ଦିଏ, ତା' ପ୍ରତି ଆମେ କୃତଜ୍ଞତା ଜ୍ଞାପନ କରୁ । ତା' ପରେ ଗଢ଼ିଉଠେ ବନ୍ଧୁତା । ବନ୍ଧୁତା ମନୁଷ୍ୟର ମହତ ଗୁଣଗୁଡ଼ିକ ମଧ୍ୟରୁ ଅନ୍ୟତମ ଗୁଣ । ଏହା ବ୍ୟକ୍ତିକୁ ଦେବତ୍ୱର ଗୌରବ ପ୍ରଦାନ କରିଥାଏ । ହୃଦୟର ନିର୍ମଳତାରୁ ହିଁ ବନ୍ଧୁତାର ଜନ୍ମ । ବନ୍ଧୁତାର ନିର୍ବାଚନ ଓ ବନ୍ଧୁର ସଂଜ୍ଞା ବିଷୟରେ ଚାଣକ୍ୟ କହିଛନ୍ତି, ଉତ୍ସବ ବ୍ୟସନ, ବିପଦ, ଦୁର୍ଭିକ୍ଷ, ବିପ୍ଳବ, ବିଚାରାଳୟ ଓ ଶବ ସଂସ୍କାରରେ ସାହାଯ୍ୟ କରୁଥିବା ବ୍ୟକ୍ତି ହିଁ ପ୍ରକୃତ ବନ୍ଧୁ ରୂପେ ଗଣ୍ୟ ଓ ସ୍ୱ-ସୁଖ ଓ ସ୍ୱାର୍ଥ ତ୍ୟାଗ ପାଇଁ ମନ ପ୍ରାଣ ଅର୍ପଣ କରିବା ବ୍ୟକ୍ତି ହିଁ ପ୍ରକୃତ ବନ୍ଧୁ ।

ବନ୍ଧୁତା ଚିରସ୍ଥାୟୀ ହୁଏ ବିଶ୍ୱାସରେ, କିନ୍ତୁ ବନ୍ଧୁ ପଦବାଚ୍ୟ ହେବା ପାଇଁ ବ୍ୟକ୍ତି ବହୁ ସୁଗୁଣର ଅଧିକାରୀ ହେବା ଦରକାର । ବନ୍ଧୁତାର କ୍ଷେତ୍ର ଆଜି ବ୍ୟକ୍ତିକୈନ୍ଦ୍ରିକ ହୋଇ ରହିନାହିଁ । ସାମ୍ପ୍ରତିକ ସମାଜରେ ବନ୍ଧୁତା ଦେଶ ଦେଶ ଓ ଜାତି ଜାତି ମଧ୍ୟରେ ପ୍ରତିଷ୍ଠିତ । ଧ୍ୱଂସାଭିମୁଖୀ ପୃଥିବୀକୁ ରକ୍ଷା କରିବା ପାଇଁ ବନ୍ଧୁତା ହିଁ ଏକମାତ୍ର ପନ୍ଥା । କିନ୍ତୁ ସାବଧାନ, ବନ୍ଧୁତ୍ୱ ସ୍ଥାପନ ପୂର୍ବରୁ ତାହା ଦେଖି ଚାହିଁ କରିବା ଉଚିତ୍ । ବର୍ତ୍ତମାନ ସମାଜରେ ଦେଖାଯାଉଛି, ଅସାଧୁ ବନ୍ଧୁମାନେ ବନ୍ଧୁତାର ପବିତ୍ରତାକୁ ନଷ୍ଟ କରି ବନ୍ଧୁତାକୁ କଳଙ୍କିତ କରୁଛନ୍ତି ।

ସ୍ୱାର୍ଥ ସିଦ୍ଧି ଓ ସୁଖ ସାଧନ ନିମିତ୍ତ କେହି ଜଣେ ବନ୍ଧୁତା ସୃଷ୍ଟି କରିବା ପାଇଁ ଆଗ୍ରହ ପ୍ରକାଶ କରି ଶେଷରେ ଯେଉଁ ବୀଭତ୍ସ କାଣ୍ଡ ଘଟାଉଛନ୍ତି, ସେକଥା ଆପଣମାନେ ଦୈନିକ ଖବରକାଗଜର ପୃଷ୍ଠା ଲେଉଟାଇଲେ ଜାଣି ପାରିବେ । ସେମାନଙ୍କର ବନ୍ଧୁତା ଶଠତାର ଆବରଣ ଦ୍ୱାରା ଆଚ୍ଛାଦିତ । ସରଳ ଓ ଲୋଭୀ ଲୋକମାନେ ବିଶେଷ ଭାବରେ ଏହି ଅସାଧୁ ବନ୍ଧୁଙ୍କ କବଳରେ ପଡ଼ି ଯାଆନ୍ତି । ଏହାଦ୍ୱାରା ସମାଜରେ ବନ୍ଧୁତାର ସୌରଭ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ । ଭଲ ବନ୍ଧୁର ସାହାଯ୍ୟ, ସହାନୁଭୂତି, ଆଶ୍ୱାସନା ହୃଦୟକୁ ଶୀତଳ ଚନ୍ଦନ ଲେପନର ଆନନ୍ଦ ପ୍ରଦାନ କଲା ବେଳେ ଅସାଧୁ ବନ୍ଧୁତାର ଶେଷ ପରିଣତି ଅତ୍ୟନ୍ତ ହୃଦୟ ବିଦାରକ ହୋଇଥାଏ ।

ସେମାନେ ସୁଖ ଓ ଖୁସିର ସାଥୀ । ସେସବୁ ନ ମିଳିଲେ ବା ସରିଗଲେ ସେମାନେ ଜୀବନରୁ ଶେଷ କରିଦେବାକୁ କୁଣ୍ଠାବୋଧ କରନ୍ତି ନାହିଁ । ସେମାନେ ମୁହଁରେ ବନ୍ଧୁ ପରି ବ୍ୟବହାର କରି ପଛରେ ଶତ୍ରୁ ପରି ଷଡ଼ଯନ୍ତ୍ର କରୁଥାନ୍ତି । ତେଣୁ ବିଶେଷକରି ଆଜିର ଯୁବ ପିଢ଼ିମାନଙ୍କୁ ଅନୁରୋଧ, ବହୁତ ଭାବିଚିନ୍ତି ବିଚାର କରି ଆବଶ୍ୟକ ସ୍ଥଳେ ଗୁରୁଜନମାନଙ୍କୁ ପଚାରି ବନ୍ଧୁତା ସୃଷ୍ଟି କରନ୍ତୁ ।

ମୋବାଇଲର ଫେସବୁକ୍‌ର ବନ୍ଧୁମାନେ କେବଳ କ୍ଷଣସ୍ଥାୟୀ ବନ୍ଧୁ, ଚିରସ୍ଥାୟୀ ନୁହନ୍ତି । ବୟସ ଦୃଷ୍ଟିକୋଣରୁ ବିଚାର କଲେ କିଶୋର କିଶୋରୀ ବା ଯୁବକ ଯୁବତୀମାନଙ୍କର ଚିନ୍ତାଧାରା ପରିପକ୍ୱ ହୋଇ ନଥାଏ । ସେମାନେ ଅନ୍ଧ ଭାବରେ ବନ୍ଧୁତା ସ୍ଥାପନ କରିଥାନ୍ତି ଓ ଭାବପ୍ରବଣ ହୋଇ ଆଗକୁ ବଢ଼ି ଯାଇଥାନ୍ତି ଓ ଶେଷରେ ପରିସ୍ଥିତି ଅଣାୟତ୍ତ ହୁଏ । ରାତି ପାହିଲେ ଖବରକାଗଜ ପୃଷ୍ଠାରେ ଅସାଧୁ ବନ୍ଧୁତାର ବିକଳ ଚିତ୍ର ଦେଖିବାକୁ ମିଳେ । ଯଦି ତୁମେ ଭଲ ବନ୍ଧୁଟିଏ ଚୟନ ନ କରି ପାରୁଛ, ତେବେ ଭଗବାନଙ୍କ ପାଖରେ ପ୍ରାର୍ଥନା କର ଭଲ ବନ୍ଧୁଟିଏ ପାଇବା ପାଇଁ । କିନ୍ତୁ ଅଜଣା ଅପରିଚିତଙ୍କୁ ମାତ୍ରାଧିକ ବିଶ୍ୱାସ କରି ମୃତ୍ୟୁର ଦ୍ୱାର ଖୋଲିଦିଅ ନାହିଁ । ଆଜି ଏମିତି ସମୟ ଆସିଛି ଯେ ପ୍ରାପ୍ତବୟସ୍କଙ୍କଠାରୁ ପିଲାଙ୍କ ପର୍ଯ୍ୟନ୍ତ କେହି ବି ଜାଣିପାରୁ ନାହାନ୍ତି ଅସଲ ବନ୍ଧୁତା କିପରି କରିବେ । ନିଜ ଘରେ ବା ସାହି ପଡ଼ିଶା ଭିତରେ ଯଥେଷ୍ଟ ଲୋକ ଆମକୁ ଚାହିଁ ରହିଛନ୍ତି । ଆମେ ସେମାନଙ୍କଠାରୁ ଯଥେଷ୍ଟ ବନ୍ଧୁପଣ ସହ ସ୍ନେହ ସଦିଚ୍ଛା ପାଇ ପାରିବା । କିନ୍ତୁ ଆମେ ସେମାନଙ୍କ କଥା ଚିନ୍ତା ମଧ୍ୟ କରୁନାହୁଁ । କେତେକ କ୍ଷେତ୍ରରେ ଦେଖାଯାଇଛି, ରକ୍ତଗତ ସମ୍ପର୍କରୁ ଯେଉଁମାନେ ସୃଷ୍ଟି, ଆମେମାନେ ତାଙ୍କୁ ଅଣଦେଖା କରି ଅଜଣା ସମ୍ପର୍କରେ ଯୋଡ଼ିହୋଇ ବହୁ ବିପଦର ସମ୍ମୁଖୀନ ହେଉଛୁ । ତଥାପି ମଧ୍ୟ ସଚେତନ ହେଉନାହୁଁ । ଦିନ ଥିଲା, ଘନିଷ୍ଠ ସମ୍ପର୍କ ବା ବନ୍ଧୁତାକୁ ଲୋକେ ଈଶ୍ୱରଙ୍କ ବରଦାନ ବୋଲି ଭାବୁଥିଲେ । ଏବେ ବନ୍ଧୁତାର ମାପକାଠି ଅର୍ଥ ଓ ଧନ ସମ୍ପତ୍ତି । ବନ୍ଧୁତାକୁ ଦୃଢ଼ କରିବା ପାଇଁ ସ୍ୱଭାବ ଓ ବ୍ୟବହାରରେ ଶାଳୀନତା ଥିଲେ ଏହାର ମହତ୍ତ୍ୱ ବୃଦ୍ଧି ପାଏ । ଆଖିପତା ଯେପରି ଆଖିର ସୁରକ୍ଷା କରେ, ହାତ ଦୁଇଟି ଯେପରି ଶରୀରର ହିତ କରେ, ସେହିପରି ଯେଉଁ ବ୍ୟକ୍ତି ବନ୍ଧୁର ସର୍ବଦା ମଙ୍ଗଳ ଚିନ୍ତା କରେ, ସେ ହିଁ ପ୍ରକୃତ ବନ୍ଧୁ ପଦବାଚ୍ୟ । ସ୍ଥାୟୀ ବନ୍ଧୁତା ସ୍ଥାପନ ନିମିତ୍ତ ବନ୍ଧୁଠାରୁ ଯାହା ଆଶା କରିବା, ତାହା ନିଜ ପାଖରେ ମଧ୍ୟ ରହିବା ଦରକାର । ନିଜେ ଯେ କୌଣସି ପରିସ୍ଥିତିରେ ମଧ୍ୟ ବନ୍ଧୁଟି ପ୍ରତି କୃତଘ୍ନ ଓ ବିଶ୍ୱାସଘାତକ ଯେପରି ନ ହେଉ, ସେଥି ପ୍ରତି ସାବଧାନ ରହିବା ଉଚିତ, କାରଣ କୃତଘ୍ନ, ଅବିଶ୍ୱାସୀ, ସ୍ୱାର୍ଥପର, ବିଶ୍ୱାସଘାତକ ବନ୍ଧୁ ସମାଜ ପାଇଁ କଳଙ୍କ । ମୃତ୍ୟୁ ପରେ ମଧ୍ୟ ଏମାନଙ୍କର ମୁକ୍ତି ନଥାଏ ।



**ବୋଧଖଣ୍ଡି ଜାଗିରୀ, ଶିଶିଲୋ**
**ବାଲକାଟୀ, ଖୋର୍ଦ୍ଧା**
**ମୋ: ୯୪୩୮୦୯୭୨୫୫**

# ବିହାରର ସମ୍ରାଟ୍

ବିହାର ରାଜନୀତିକ ମଡେଲ ବା ନମୁନା, ଯାହା ନୀତୀଶ କୁମାରଙ୍କ ଦ୍ୱାରା ପୁନରାବୃତ୍ତି ଲାଭ କରିଛି, ଯିଏକି ୧୦ ଥର ମୁଖ୍ୟମନ୍ତ୍ରୀ ଭାବରେ ଶାସନ ଗାଦିରେ ବସିଥିଲେ, କିନ୍ତୁ ଯିଏ ମଧ୍ୟ ୬ ଥର ସେହି ପଦରୁ ଇସ୍ତଫା ଦେଇଥିଲେ, ବର୍ତ୍ତମାନ ରାଜ୍ୟ ରାଜନୀତିରୁ ତାଙ୍କର ପ୍ରସ୍ଥାନ ପରେ- ଅଧିକତଃ ତାଙ୍କର ସ୍ୱାସ୍ଥ୍ୟଗତ କାରଣ ପାଇଁ ରାଜ୍ୟସଭାରେ ଜଣେ ବୟୋଜ୍ୟେଷ୍ଠ ଭାବରେ ପ୍ରବେଶ କରିବାକୁ- ତାହା କାର୍ଯ୍ୟ ଚାଲୁ ରଖିବା ପାଇଁ ପ୍ରସ୍ତୁତ ହୋଇ ସାରିଛି । ମୁଖ୍ୟମନ୍ତ୍ରୀ ଭାବରେ ନୀତୀଶଙ୍କ ସମୟରେ, ଇସ୍ତଫା ଦେବା ଏବଂ ତା' ପରେ ପୁଣି ଭିନ୍ନ ଶକ୍ତିମାନଙ୍କ ସହିତ ମିଶି ସରକାରର ନେତୃତ୍ୱ ନେବାକୁ ଫେରି ଆସିବା ଥିଲା ଏକ ନିର୍ଣ୍ଣାୟକ ରଣକୌଶଳ ଯାହା ତାଙ୍କୁ କ୍ଷମତାରେ ରହିବାକୁ ସୁଯୋଗ ପ୍ରଦାନ କରିବା ବେଳେ ପ୍ରଦର୍ଶନ କରୁଥିଲା ଯେ ସଂଖ୍ୟାଗୁଡ଼ିକ ହେଉଛି କେବଳ ଏକ ରାଜନୀତିକ ଖେଳ । ସର୍ବସାଧାରଣ ଜୀବନରେ ନିଜର କ୍ୟାରିଅର କାଳରେ ସମ୍ରାଟ୍ ଚୌଧୁରୀ ତିନି ଗୋଟି ଦଳ ବଦଳାଇଛନ୍ତି- ନୀତୀଶ କୁମାରଙ୍କ ମନ୍ତ୍ରିମଣ୍ଡଳରେ ପଦୋନ୍ନତି ପାଇ ଉପମୁଖ୍ୟମନ୍ତ୍ରୀ ହେବା ଆଗରୁ ଆର୍‌ଜେଡିରୁ ଜେଡି (ୟୁ) ଏବଂ ତା' ପରେ ବିଜେପି । ଭାରତୀୟ ରାଜନୀତିର ଏକ ପୁରୁଣା ଦଳ-ଡିଆଁ ପରମ୍ପରାର ଏକ ଅପରିଷ୍କୃତ ପରିଭାଷାରେ ଯେମିତି ଖାପ ଖାଇଯାଏ, ସେମିତି ସମ୍ରାଟ୍, ଯିଏକି ଗୋଟିଏ ଦୃଷ୍ଟିରୁ ଦେଖିବାକୁ ଗଲେ ମଧ୍ୟ ଜଣେ 'ପଲ୍‌ଟୁ', ବର୍ତ୍ତମାନ ସୁଶାସନ ବାବୁଙ୍କ ବିଶାଳ ଯୋତା ପରିଧାନ କରିବାର ପରିସର ଭିତରକୁ ପ୍ରବେଶ କରି ସାରିଛନ୍ତି । ବିହାର ପାଇଁ ଏକ ମୋଡ଼ ନେବା ଅବସ୍ଥା, ଯାହା ସମ୍ପ୍ରତି ଆଉ ଏକ ରାଜନୀତିକ ଯୁଗରେ ପ୍ରବେଶ କରି ସାରିଛି, ସେଥିରେ ସେ ନୀତୀଶଙ୍କ ଭଳି ଆଇନ ଶୃଙ୍ଖଳା ଉପରେ ବଦ୍ଧମୁଷ୍ଟି ବା ନିୟନ୍ତ୍ରଣ ରଖିବା ଭଳି ଆହ୍ୱାନକୁ ସେ ମୁକାବିଲା କରିବାକୁ ପ୍ରସ୍ତୁତ ହୋଇ ସାରିଛନ୍ତି, ଯେତେବେଳେ କି ଗୈରିକ ଦଳର ସ୍ୱଭାବ ଅନୁସାରେ ଏକ ଭିନ୍ନ ପ୍ରକାରର ଶାସନକୁ ସେ ଆଗେଇ ନେବାକୁ ଯାଉଛନ୍ତି ।

ଦୀର୍ଘକାଳ ଧରି ଏକ ଆଇନ ଶୃଙ୍ଖଳା ବିହୀନ ରାଜ୍ୟ ଭାବରେ ପରିଗଣିତ ହୋଇ ଆସିଥିବା ବିହାରରେ ଅନ୍ୟାନ୍ୟ ସମସ୍ତ ପ୍ରକାରର ସରକାରୀ ହସ୍ତକ୍ଷେପ ପାଇଁ ଆଇନ ଶୃଙ୍ଖଳା ବଜାୟ ରହିବା ଏକ ପ୍ରାଥମିକ ଆବଶ୍ୟକତା, କାରଣ ନିରାପତ୍ତା ବିନା କୌଣସି ନିବେଶ, କୌଣସି ଉଦ୍ୟୋଗ, କୌଣସି ବିକାଶ, କୌଣସି ସଂସ୍କାର ହୋଇ ପାରିବ ନାହିଁ । ନୀତୀଶଙ୍କର ସର୍ବକାଳୀନ ବାହାଦୂରୀ ଭାବରେ ତାଙ୍କର ଶାସନ କାଳ ରାଜ୍ୟର 'ବିମାରୁ' ବା ଦୁର୍ବଳ ଆର୍ଥିକ ସ୍ଥିତିସମ୍ପନ୍ନ ଅବସ୍ଥାରୁ ଏକ ଦୁଇ ଅଙ୍କବିଶିଷ୍ଟ ସଂଖ୍ୟାର ଜିଏସ୍‌ଡିପି ରାଜ୍ୟ ହୋଇ ପାରିଥିବା ଅବସ୍ଥାକୁ ନିଆଯାଇପାରେ, ଯଦ୍ୟପି ଏହି ମୂଲ୍ୟାୟନ ଏକ ନିମ୍ନ ମୂଳାଧାରରୁ ଏବଂ ଯାହା ବର୍ତ୍ତମାନ ସେହି ବିହାର ଭାବରେ ପରିଚିତ ହୋଇ ପାରିଛି, ଯାହା ହୁଏତ ତା'ର ଅନ୍ଧକାରଭରା ଦିନଗୁଡ଼ିକୁ ବହୁତ ପଛରେ ଛାଡ଼ି ଆସିଛି । ତେବେ ଏହି ରାଜ୍ୟରେ ଏବେ ବି ଅନେକ କିଛି ବାକି ରହିଛି କରାଯିବାକୁ, ଯେହେତୁ ଏହାର ମୁଣ୍ଡପିଛା ଆୟ ସମଗ୍ର ଦେଶରେ ସର୍ବନିମ୍ନ ଏବଂ ସହରାଞ୍ଚଳରେ ଚାକିରିହୀନତା ଏକ ପ୍ରକ୍ରିୟା ଯାହାକୁ ପର୍ଯ୍ୟାପ୍ତ ବୋଲି ବିବେଚନା କରାଯାଏ, କାରଣ ରାଜ୍ୟର ଅଧାରୁ ଅଧିକ ସଂଖ୍ୟକ ପରିବାରର ନିହାତି କମ୍‌ରେ ଜଣେ ଲୋକଙ୍କୁ ପ୍ରବାସ ଗମନ କରିବାକୁ ହୋଇଥାଏ କାମ କରି ଦୁଇ ପଇସା ଉପାର୍ଜନ କରିବାକୁ । ବାହାର ରାଜ୍ୟକୁ ଏହି ରାଜ୍ୟର ଲୋକମାନେ କାମଧନ୍ଦା ଅନ୍ୱେଷଣରେ ଯିବାର ଦୁଃଖଦ ଅବସ୍ଥା ହୁଏତ କେବେ ବି ଏତେ ସ୍ପଷ୍ଟ ଭାବରେ ଜଣା ପଡ଼ି ନଥାନ୍ତା, ଯଦି କୋଭିଡ୍ ମହାମାରୀ ହୋଇ ନଥାନ୍ତା, ଯେତେବେଳେ କି ଶହ ଶହ କିଲୋମିଟରର ପଥକୁ ପାଦରେ ଚାଲି ଚାଲି ସ୍ୱଗ୍ରାମ ପ୍ରତ୍ୟାବର୍ତ୍ତନ କରିବାର ଦୃଶ୍ୟ କେତେ ଯନ୍ତ୍ରଣାଦାୟକ ଥିଲା, ତାହା ଟେଲିଭିଜନର ପରଦାରେ ଦେଖିବାକୁ ମିଳି ନଥାନ୍ତା ।

ଗତ ବର୍ଷ ନିର୍ବାଚନ ପୂର୍ବରୁ ସବୁ ମହିଳା ଶ୍ରମିକଙ୍କୁ ବିହାରରେ ପ୍ରଦାନ କରାଯାଇଥିବା ଟଙ୍କା ସବୁ ବିରୋଧୀ ଦଳଙ୍କ ଦ୍ୱାରା ସମାଲୋଚନାର ଶିକାର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କୌଣସି ହେଲେ ଦଳ ସେମାନଙ୍କ ରାଜ୍ୟରେ ଏହାକୁ ନକଲ କରି ନାହାନ୍ତି, ଯେଉଁଗୁଡ଼ିକ ମଧ୍ୟରୁ ଚଳିତ ବର୍ଷର ନିର୍ବାଚନ ଚକ୍ରରେ ନିର୍ବାଚନ ଅନୁଷ୍ଠିତ କରିବାକୁ ଯାଉଛନ୍ତି । ତେବେ ଏକ ଅନ୍‌ଲାଇନ୍ ଅର୍ଥ ପ୍ରଦାନର ଜଣେ ହିତାଧିକାରୀ ହେବା ଅପେକ୍ଷା ମହିଳା ଭୋଟରମାନଙ୍କୁ ହିତଧାରକ ଭାବରେ ଅନୁଭବ କରାଇବା ଥିଲା ଭାରତରେ ଏକ ଗୁରୁତ୍ୱପୂର୍ଣ୍ଣ ଧରଣର ଅୟମାରମ୍ଭ, ଯାହା ବିହାର ଉପହାର ଆକାରରେ ପ୍ରଦାନ କରିଛି । ସଂସଦର ଉଚ୍ଚ ସଦନକୁ ଯିବା ପାଇଁ ନିଜର ପଦ ପରିତ୍ୟାଗ କରିବା ପୂର୍ବରୁ ନୀତୀଶ ଯେଉଁ ବିହାରକୁ ପଛରେ ଛାଡ଼ି ଯାଇଛନ୍ତି, ତାହା ହେଉଛି ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର ଦୀର୍ଘ କାଳର ଶାସନ ପୂର୍ବରୁ ସ୍ୱଳ୍ପ ଅବଧିବିଶିଷ୍ଟ ପ୍ରଥମ ପାଳିର ଶାସନ ଆରମ୍ଭ କରିବା ପାଇଁ ସେ ଉତ୍ତରାଧିକାର ସୂତ୍ରରେ ଯେଉଁ ବିହାରକୁ ପାଇଥିଲେ, ତା'ଠାରୁ ଢେର୍ ଭିନ୍ନ । ତାଙ୍କ ଭାବମୂର୍ତ୍ତିର କେବଳ ସମକକ୍ଷ ହେବା ନୁହେଁ- ଯାହାକି ବର୍ତ୍ତମାନ ଏକ ଅସମ୍ଭବ କାର୍ଯ୍ୟ ଭାବରେ ଦେଖାଯାଇପାରେ- ବରଂ ତାଙ୍କ ଶାସନର ମଡେଲ ଭଳି ଶାସନ କରିବା ରାଜ୍ୟ ପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ଆଉ ଏଇଠାରେ ହିଁ ରହିଛି ଶାସନ କଳର ସର୍ବୋଚ୍ଚ ସ୍ଥାନରେ ବସି ତାଙ୍କର ଦିନଗୁଡ଼ିକୁ ଅର୍ଥପୂର୍ଣ୍ଣ ଭାବରେ କାଟିବା ପାଇଁ ସମ୍ରାଟ୍‌ଙ୍କ ସମ୍ମୁଖରେ ଆହ୍ୱାନ, ଯାହାକୁ ଅତି ଶାଣିତ ଦୃଷ୍ଟିରେ ଦେଖାଯିବ, ଯଦିଓ ରାଜ୍ୟରେ ସେ ଏକ ଜାତୀୟ ସ୍ତରର ଦଳର ନେତୃତ୍ୱ ନେବାରୁ ଲାଭ ଉଠାଇ ପାରିବେ, ଯାହା ସଂଘୀୟ ପାର୍ଟି ସହୃଦୟତାର ସହିତ ପାଇବା ଆଶା କରିପାରେ ।

# ଅଯଥା ବିବାଦ

ଯେତେବେଳେ ଅଯଥା କଥାରେ ଆମେ ଯୁକ୍ତି କରୁ । ତାହା ବିବାଦର ରୂପ ନିଏ । କ୍ରମଶଃ କଳହ ଲାଗେ । ମତାନ୍ତରରୁ ମନାନ୍ତର ଆଡ଼କୁ ଗତିକରେ । ସମ୍ପର୍କରେ ଫାଟ ସୃଷ୍ଟିହୁଏ । ଟିକିଏ ଗହିରେଇ ଦେଖିଲେ ଜଣାଯିବ, କୌଣସି ମୂଲ୍ୟ ନଥିବା ଘଟଣାକୁ ଘାଣ୍ଟି ଚକଟି ଆମେ ଅପ୍ରିୟ ହେଉ । ଅନ୍ୟ ନିକଟରେ ନିଜର କଳହପ୍ରିୟ ଭାବରେ ପରିଚୟ ଦେଉ । ଏମିତି ଘଟଣା ବେଶି ଗାଧୁଆ ତୁଠ, ଛକରେ ବସିଥିବା ଲୋକ, କ୍ଲବ୍ ଘର ଆଦି ସାମୂହିକ ସ୍ଥାନରେ ଘଟିଥାଏ । ମନେକର ଜଣେ ଲୋକ ଗାଡ଼ିଟିଏ କିଣିଲେ । ଜଣେ କହିଲେ- ସେ ଗାଡ଼ିର ମୂଲ୍ୟ ଷାଠିଏ ହଜାର ଟଙ୍କା । ଆଉଜଣେ କହିଲେ- ଗାଡ଼ିର ଦାମ୍ ଏକଷଠି ହଜାର ଟଙ୍କା । ଗାଡ଼ିର ମୂଲ୍ୟକୁ ନେଇ ପରସ୍ପର ଭିତରେ ଯୁକ୍ତି ବଢ଼େ । ଗାଡ଼ି କିଣିଲାବାଲା ଗାଡ଼ି ଚଢ଼ିବ । ସୁବିଧା ଅସୁବିଧା ସେ ବୁଝିବ । ଗାଡ଼ିର ଦାୟିତ୍ୱ ସେ ହିଁ ନେବ । ଗାଡ଼ିର ଟଙ୍କା ସେ ହିଁ ଶୁଝିବ । ଗାଡ଼ି ତା' ଘରେ ରହିବ । ଆମ ଘରକୁ ଆସିବନି, ଆମେ ଚଲେଇବାନି, ଯତ୍ନ ନେବାନି, କିନ୍ତୁ ଗାଡ଼ିକୁ ନେଇ ଆମ ମୁଣ୍ଡ ଖେଳେ, ଯେଉଁଥିରେ ଆମର କୌଣସି ଲାଭ ହିଁ ନଥାଏ । ଚତୁର ଲୋକ ଏମିତି ବିବାଦରେ ଆଗ୍ରହ ରଖନ୍ତି ନାହିଁ । ମନରେ ଭଲ ଚିନ୍ତାଟିଏ ପଶିଲେ ଅଯଥା ଚିନ୍ତା ଆସନ୍ତାନି । ପୁରାଣରେ ଏହାର ଏକ ସୁନ୍ଦର ଉଦାହରଣ ମିଳେ ।

କଦ୍ରୁ ଓ ବିନତା କଶ୍ୟପ ଋଷିଙ୍କ ପ୍ରିୟ ପତ୍ନୀ ଥିଲେ । କଦ୍ରୁ ଏକ ହଜାର କଳା ସର୍ପଙ୍କୁ ସନ୍ତାନ ରୂପେ ପାଇଥିଲେ । ବିନତାଙ୍କ କୋଳରେ ଥିଲେ ଦୁଇଟି ପକ୍ଷୀ । ଗରୁଡ଼ ଓ ଅରୁଣ । ଦିନେ ଉଚ୍ଚୈଶ୍ରବା ଅଶ୍ୱକୁ ଦେଖି କଦ୍ରୁ କହିଲେ- 'ଏହାର ରଙ୍ଗ କଳା ଓ ଧଳା ।' ବିନତା କହିଲେ- 'କେବଳ ଧଳା ।' ପରସ୍ପରଙ୍କ ଯୁକ୍ତି ବଢ଼ିଲା । ସର୍ତ୍ତ ରହିଲା, ଯାହାର କଥା ମିଥ୍ୟା ପ୍ରମାଣିତ ହେବ, ସେ ଅପରର ଦାସୀ ହେବ । ପ୍ରକୃତରେ ଉଚ୍ଚୈଶ୍ରବା ଅଶ୍ୱର ରଙ୍ଗ ଥିଲା ସମ୍ପୂର୍ଣ୍ଣ ଧଳା । କଦ୍ରୁଙ୍କ ପୁଅମାନେ କଳା ଥିଲେ । ନିଜ ଜିଦ୍‌କୁ ଗୁରୁତ୍ୱ ଦେଇ କଦ୍ରୁ ତାଙ୍କ ପୁତ୍ରମାନଙ୍କୁ କହିଲେ- 'ତୁମେ ଉଚ୍ଚୈଶ୍ରବାର ଲାଞ୍ଜରେ ଗୁଡ଼େଇ ହୁଅ । ଲାଞ୍ଜ ଯେମିତି ଧଳା ବୋଲି ଜଣା ପଡ଼ିବନି ।' ସକାଳକୁ ପ୍ରମାଣିତ ହେଲା ଉଚ୍ଚୈଶ୍ରବା ସମ୍ପୂର୍ଣ୍ଣ ଧଳା ନୁହେଁ; ତା' ଲାଞ୍ଜ କଳା ।

ପଦାରବିନ୍ଦ

କଦ୍ରୁଙ୍କର ଏ ଚଞ୍ଚକତା ଶେଷନାଗ ଅନନ୍ତଙ୍କୁ ଭଲ ଲାଗିଲାନି । ସେ ଚାଲିଗଲେ । ବିନତା ସପତଣି କଦ୍ରୁଙ୍କ ନିକଟରେ ଦାସୀ ହେବାକୁ ସ୍ୱୀକାର କଲେ । ବିନତାଙ୍କ ପୁତ୍ର ଗରୁଡ଼ ଓ ଅରୁଣ ଚିରକାଳ ପାଇଁ ସର୍ପ କୁଳର ଶତ୍ରୁ ହୋଇଗଲେ । ଏ ଘଟଣାରେ ଉଚ୍ଚୈଶ୍ରବା ଅଶ୍ୱର ରଙ୍ଗ ସହିତ କଦ୍ରୁ ଓ ବିନତାଙ୍କର କୌଣସି ଦେଣନେଣ ନଥିଲା । କିନ୍ତୁ ଅଯଥାରେ ବିବାଦ କରି ଭାଇଙ୍କ ଭିତରେ ଶତ୍ରୁତା ବଢ଼ିଲା । ଏବେ ଆମ ପରିବାରରେ ବି ଅନ୍ୟର ଧନ, ସମ୍ପତ୍ତି, ଶିକ୍ଷା, ଚାକିରି, ରୋଜଗାର ଆଦିକୁ ନେଇ ଯୁକ୍ତି ବଢ଼େ । ଆମେ ନିଜ ନିଜ ଜିଦ୍‌ରେ ଅଟଳ ରହୁ । ଫଳରେ ପବିତ୍ର ସମ୍ପର୍କରେ ବିଷ ମିଶିଯାଏ । ଅନ୍ୟ ପ୍ରତି ଖରାପ ଧାରଣା ସୃଷ୍ଟି ହୁଏ । ଏ ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ଓହରି ଯିବା ହିଁ ଚତୁରପଣିଆର ପରିଚୟ । କାରଣ କାହାର ସମ୍ପତ୍ତିର ହିସାବ କରି ଆମର କିଛି ଲାଭ ନଥାଏ ।

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ବିଜେପି କର୍ମୀଙ୍କ ବୈଠକ



**ନୟାହାଟ,୧୭।୪/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ୧୪ନଂ ଜୋନ୍ ବିଜେପି ପକ୍ଷରୁ ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱରଞ୍ଜନଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ ବୈଠକରେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ରଣକୌଶଳ ପ୍ରସ୍ତୁତ କରାଯାଇଥିଲା। ପଞ୍ଚାୟତ ନିର୍ବାଚନରେ ବିଜେପି କିପରି ଜିତିବ ସେଥିପାଇଁ ଏକ କମିଟି ଗଠନ କରାଯାଇଥିଲା। ସେଥିରେ ପ୍ରତି ପଞ୍ଚାୟତରେ ୨ ଜଣ ବରିଷ୍ଠ କର୍ମୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ବୈଠକରେ କେଦାର ନାଥ ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇ ପଞ୍ଚାୟତ ନିର୍ବାଚନ ପାଇଁ ଏକ କମିଟି ଗଠନ କରାଯାଇଥିଲା। ଭାଗିରଥୀ ଦଳାଇ ମୁଖ୍ୟ ଉପଦେଷ୍ଟା କମିଟିର ସଦସ୍ୟ ଭାବେ ଭବାନୀ ଶଙ୍କର ମହାନ୍ତି, ଅନନ୍ତ ଚରଣ ସାହୁ, ଭଗ୍ରାହି ପରିଡ଼ା, ରଞ୍ଜନ କୁମାର ପାତ୍ର, ସମିତିସଭ୍ୟ ପ୍ରଫୁଲ୍ଲ ସ୍ୱାଇଁ, ପୂର୍ବତନ ସରପଞ୍ଚ ବାବୁଲାଲ ସ୍ୱାଇଁ, ରଘୁନାଥ ବିଶ୍ୱାଳ, ଜୟନ୍ତ ସେଠ, ପୁନା ସେନ, ଗଜେନ୍ଦ୍ର ପାତ୍ର, ଶ୍ରୀକାନ୍ତ କୁମାର ପରିଡ଼ା ଓ ଅକ୍ଷୟ ମହାନ୍ତି ପ୍ରମୁଖ ୩୦୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଟାଙ୍ଗୀ,୧୭।୪/ଏନ୍ଏନ୍ଏସ୍:** ଟାଙ୍ଗୀ ଥାନା ଅନ୍ତର୍ଗତ ହରିଅନ୍ତା ପଞ୍ଚାୟତ ତରତ ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଟାଙ୍ଗୀ ପୁଲିସ୍ ଉଦ୍ଧାର କରିଛି । ମୃତ ଯୁବକ ଜଣଙ୍କ ହେଲେ ସର୍ବେଶ୍ୱର ବେହେରା (୨୫)। ସର୍ବେଶ୍ୱରଙ୍କ ବଡ଼ଭାଇ ରାଜୁ ବେହେରାଙ୍କ ଅଭିଯୋଗ ଅନୁଯାୟୀ ଶୁକ୍ରବାର ସକାଳେ ସର୍ବେଶ୍ୱର ଉଠିବାରେ ବିଳମ୍ବ ହେବାରୁ ପରିବାର ଲୋକେ କବାଟ ବେଡ଼େଇ ଡାକିଥିଲେ ସୁଦ୍ଧା ଭିତର ପଟୁ କୌଣସି ଉତ୍ତର ମିଳିନଥିଲା। ଫଳରେ ପରିବାର ଲୋକଙ୍କ ସନ୍ଦେହ ହେବାସହ କବାଟ ଭାଙ୍ଗିଦେବାରୁ ସର୍ବେଶ୍ୱର ଆଜବେଷ୍ଟସ୍ ଘରେ ଲୁହା ଏଙ୍ଗେଲ୍‌ରେ ଗାମୁଛା ବାନ୍ଧି ଝୁଲି ପଡ଼ିଥିଲେ। ପରିବାର ଲୋକେ ତୁରନ୍ତ ଗାମୁଛା କାଟି ଉଦ୍ଧାର କରିଥିଲେ ହେଁ ସେତେବେଳକୁ ସର୍ବେଶ୍ୱରଙ୍କ ମୃତ୍ୟୁ ହୋଇ ସାରିଥିଲା। ଉକ୍ତ ଘଟଣା ବିଷୟରେ ଟାଙ୍ଗୀ ପୁଲିସ୍ ଖବରପାଇ ସେଠାରେ ପହଞ୍ଚି ମୃତଦେହକୁ ଯାଞ୍ଚ କରିବା ପରେ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ୍‌କୁ ପଠାଇ ତଦନ୍ତ ଜାରି ରଖିଛି। ଅନ୍ୟପଟେ ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ସର୍ବେଶ୍ୱର କିଛିଦିନ ହେବ ଏକ ଅଟୋ କିଣିଥିବାବେଳେ କିସ୍ତି ପୈଠ କରିପାରି ନଥିଲେ। ଫଳରେ ଫାଇନାନ୍ସ କର୍ମଚାରୀମାନେ ବାରମ୍ବାର ଫୋନ୍ କରିଆସୁଥିଲେ। ଏନେଇ ସର୍ବେଶ୍ୱର ମାନସିକ ସ୍ଥିତି ହରାଇ ଏଭଳି କରିପାରନ୍ତି ବୋଲି ଅନୁମାନ କରାଯାଉଛି। ଏମିତିକି ଆଜି ମଧ୍ୟ ଫାଇନାନ୍ସ କର୍ମଚାରୀ କିସ୍ତି ପାଇଁ ଆସିଥିବାବେଳେ ସର୍ବେଶ୍ୱରଙ୍କ ମୃତଦେହ ଦେଖି ଫେରି ଯାଇଥିଲେ।

## ପୁରୀ ଏସ୍‌ପି ପ୍ରତୀକ ସିଂ ସମ୍ମାନିତ



**ପୁରୀ,୧୭।୪/ଏନ୍ଏନ୍ଏସ୍:** ଭାରତରେ ନୂତନ ଅପରାଧିକ ଆଇନ ୨୦୨୪ ଜୁଲାଇ ୧ରୁ ଲାଗୁ ହେବା ପରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଅପରାଧ ଅନୁସନ୍ଧାନର ସଫଳତା ଓ ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ବିଶେଷ ଗୁରୁତ୍ୱ ଦେଇଆସୁଛନ୍ତି। ଏହାର ପରିଣାମସ୍ୱରୂପ ବିଭିନ୍ନ ମାମଲାରେ ତ୍ୱରିତ ତଦନ୍ତ ଓ ବିଚାର ପ୍ରକ୍ରିୟା ମାଧ୍ୟମରେ ପୀଡ଼ିତଙ୍କୁ ସମୟୋପଯୁକ୍ତ ନ୍ୟାୟ ପ୍ରଦାନ କରାଯାଇଛି। ଏହି ସଫଳତାକୁ ସମ୍ମାନ ଜଣାଇ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଯୋଗ ଦେଇଥିଲେ। ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନେତୃତ୍ୱରେ ମାମଲାର ତ୍ୱରିତ ବିଚାର, ବୈଜ୍ଞାନିକ ତଦନ୍ତ ପଦ୍ଧତିର ସଫଳ ପ୍ରୟୋଗ ଓ ସମନ୍ୱିତ ପର୍ଯ୍ୟବେକ୍ଷଣ ଦ୍ୱାରା ପୁରୀ ପୁଲିସ୍ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ଡିଜିପି ତାଙ୍କୁ ସମ୍ମାନିତ କରିଥିଲେ। ଏହାସହ ପୁରୀ ଡିଏସ୍‌ପି ମିସ୍ କଳ୍ପନା କାଉଁରୀ ଓ କୃଷ୍ଣପ୍ରସାଦ ଥାନାଧିକାରୀ ବିଚିତ୍ର ପ୍ରଧାନଙ୍କୁ ମଧ୍ୟ ଉତ୍କୃଷ୍ଟ ତଦନ୍ତ ଓ ବିଚାର ପ୍ରକ୍ରିୟା ପାଇଁ ସମ୍ମାନିତ କରାଯାଇଥିଲା।

## ଯୁବକଙ୍କୁ ଦଳିଦେଲା ହାତୀ

### କ୍ଷତିପୂରଣ ଦେବାକୁ ଦାବି

**ବେଗୁନିଆ,୧୭।୪/ଏନ୍ଏନ୍ଏସ୍:** ବେଗୁନିଆ ବ୍ଲକ୍ ହଜ୍ ପଞ୍ଚାୟତ ଜଙ୍କିଆ ଥାନା ସିକୋ ଫାଣ୍ଡି ଅନ୍ତର୍ଗତ ନାରଗଦା ଜଙ୍ଗଲରେ ଏକ ହାତୀପଲ ରହି ବର୍ଷ ସାରା ସ୍ଥାନୀୟ ଅଞ୍ଚଳରେ ଉପଦ୍ରବ ସୃଷ୍ଟି କରି ଫସଲ ନଷ୍ଟ କରିବା ସହ ଜୀବନରୁ ମାରିଦେଇଥିବା ନଜର ରହିଛି। ଏହିକ୍ରମେ ୧୬ ତାରିଖ ଗୁରୁବାର ରାତି ପ୍ରାୟ ୧୦ଟାରେ ସ୍ଥାନୀୟ ନିଧିପୁର ଆଦିବାସୀ ସାହିର ସୁଶାନ୍ତ ପ୍ରଧାନ (୩୮) ହଜ୍‌ରୁ ନିଜ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ହଜ୍ ଓ ନିଧିପୁର ରାସ୍ତାର କଲରାଝର ଗ୍ରାମ ମୁଣ୍ଡ ଶେଷରେ ଏକ ହାତୀ ତାଙ୍କୁ ପାଦରେ ଦଳିଦେବାରୁ ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଫଳରେ ଉତ୍ତେଜିତ ଲୋକ ଜଙ୍କିଆ ସିକୋ ରାସ୍ତାର ହଜ୍ ଛକରେ ରାସ୍ତା ଅବରୋଧ କରିଥିଲେ। ବିଳମ୍ବିତ ରାତିରେ ଟାଙ୍ଗୀ ବନ ଅଧିକାରୀ, ସ୍ଥାନୀୟ ପୁଲିସ୍, ସରପଞ୍ଚ ଓ ବେଗୁନିଆ ବୋଲଗଡ଼ ବିଧାୟକ ପ୍ରଦୀପ କୁମାର ସାହୁ ସ୍ଥାନୀୟ ଲୋକଙ୍କୁ ବୁଝାଇଥିଲେ। ପରେ ରାସ୍ତା ଅବରୋଧ ହଟିଥିଲା। ପୁଲିସ୍ ଶବ ଜବତ କରି ଖୋର୍ଦ୍ଧା ହସ୍ପିଟାଲ୍‌କୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶରେ ଶବସତ୍କାର କରାଯାଇଥିଲା। ସୁଶାନ୍ତ ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ହୋଇଥିବାବେଳେ ପୁଅ ନବମ ଶ୍ରେଣୀରେ ଏବଂ ଝିଅ ଷଷ୍ଠ ଶ୍ରେଣୀରେ ପଢ଼ୁଛନ୍ତି। ତେଣୁ ବନ ବିଭାଗ ଅନାଥ ପରିବାରକୁ କ୍ଷତିପୂରଣ ଯୋଗାଇବା ପାଇଁ ସାଧାରଣରେ ଦାବି ହୋଇଛି।

### ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ

## 'ଓଡ଼ିଆ ସ୍ୱାଭିମାନ ରକ୍ଷାରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ'




**ପିପିଲି,୧୭।୪/ଏନ୍ଏନ୍ଏସ୍:** ଉତ୍କଳ ଗୌରବ, ମହାନ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଡେଲାଙ୍ଗ ପିପିଲି ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି। ପିପିଲି ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଓ ନେତୃବୃନ୍ଦମାନେ ଏକତ୍ରିତ ହୋଇ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ। ପିପିଲି ବ୍ଲକ୍ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପିପିଲି ବ୍ଲକ୍ ଅଧକ୍ଷା ଦେବସ୍ମିନି ନନ୍ଦ, କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ, ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ପିପିଲି ଏନ୍ଏସି ଅଧକ୍ଷ ସେକ୍ ବାବୁ, ଉପାଧକ୍ଷା ଭାଗ୍ୟବତୀ ମହାରଣା, ନେତ୍ରୀ ବାସନ୍ତୀ ସାହୁ, ଡେଲାଙ୍ଗ ବ୍ଲକ୍ ଉପାଧକ୍ଷ ଦୁର୍ବାସା ନିଶାଙ୍କ, ଜିଲ୍ଲାପରିଷଦ ସଭ୍ୟ ପ୍ରସନ୍ନ ସାହୁ, ଯୁବନେତା ବିଶ୍ୱଜିତ ଦାଶ ଓ ଏନ୍ଏସି ବିଜେଡି ସଭାପତି ଶରତ ବେହେରାଙ୍କ ସହ ଶତାଧିକ କର୍ମୀମାନେ ଏକତ୍ରିତ ହୋଇ ପିପିଲି ଦଳୀୟ କାର୍ଯ୍ୟାଳୟ ନିକଟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମରେ ବିଜୁ ବାବୁଙ୍କ ବଳିଷ୍ଠ ଅବଦାନ ସର୍ବଦା ପ୍ରଶଂସନୀୟ। ଲୋକଙ୍କ ହାତରେ କ୍ଷମତା ପ୍ରଦାନ କରି ସେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିଥିଲେ। ରାଜନୀତି କ୍ଷେତ୍ରରେ ମହିଳାଙ୍କ ପାଇଁ ସଂରକ୍ଷଣ, ଶିଳ୍ପଠୁ ଆରମ୍ଭ କରି ଓଡ଼ିଆ ସ୍ୱାଭିମାନ ରକ୍ଷାରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ ବୋଲି ନେତୃବୃନ୍ଦମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଦଳ ପକ୍ଷରୁ ମଙ୍ଗଳପୁର ଗୋଷୀ ସ୍ୱାସ୍ଥ୍ୟକେନ୍ଦ୍ର, ପିପିଲି ମେଡିକାଲ୍‌ରେ ରୋଗୀଙ୍କୁ ଓ ବୃଦ୍ଧାଶ୍ରମରେ ଫଳ ବଣ୍ଟା ଯାଇଥିଲା।



**ଅସ୍ତରଙ୍ଗ:** ମହାନ ଜନନାୟକ ତଥା ଝଡର ଇଗଲ୍ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧବାର୍ଷିକୀ ଅସ୍ତରଙ୍ଗ ବିଜେଡି କାର୍ଯାଳୟ ଓ କାକଟପୁର ପଦ୍ମ ଚରଣ ସାମନ୍ତ ସିଂହାର ଟ୍ରଷ୍ଟ ପରିସରରେ ପାଳିତ ହୋଇଯାଇଛି। କାକଟପୁର ବ୍ଲକ୍ ବିଜେଡି ସଭାପତି ପ୍ରାଣକୃଷ୍ଣ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ବିଜୁପ୍ରେମୀଙ୍କ ସହିତ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ଜ୍ଞାନ ରଞ୍ଜନ ସାହୁ, ସରପଞ୍ଚ ଅଭୟ ସେଠୀ, ଶୁଭ୍ରଜିତ ମଲ୍ଲ, ଗଗନ ଦାଶ, ବିଶ୍ୱଜିତ ଦାସ, ଦୀପକ ଶତପଥୀ, ପ୍ରକାଶ ମହାରଣା, ଅନ୍ନପୂର୍ଣ୍ଣା ସ୍ୱାଇଁ, ମାନସ କୁମାର ଦୀକ୍ଷିତ ଓ ବିଘ୍ନେଶ ମହାନ୍ତି ପ୍ରମୁଖ ବିଜୁ ବାବୁ ଅମର ରହେ ନାରା ଦେଇଥିଲେ। ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କ ଗୁଣାବଳୀର ସ୍ମୃତିଚାରଣ କରିଥିଲେ। ଆଧୁନିକ ଓଡ଼ିଶାର କର୍ଣ୍ଣଧାର ଭାବେ ସେ ସର୍ବଦା ପୂଜା ପାଇ ଆସୁଥିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

**ଦଶପଲ୍ଲା:** ଦଶପଲ୍ଲା ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଶପଲ୍ଲା ନିର୍ବାଚନମଣ୍ଡଳୀର ୩ଟି ବ୍ଲକ୍ ଦଶପଲ୍ଲା, ନୂଆଗାଁ ଓ ଗଣିଆର ବିଜେଡି କର୍ମକର୍ତ୍ତା ଏବଂ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ଏକ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ଉପସ୍ଥିତ ନେତୃବୃନ୍ଦ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ମେଳିଆତୋଟା ନିକଟରେ ଥିବା ତୈଳିକ ସମାଜ ସଭାଗୃହଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ଦଶପଲ୍ଲା ବ୍ଲକ୍ ଅଧକ୍ଷା ସୁନନ୍ଦା ସାହୁ, ନୂଆଗାଁ ବ୍ଲକ୍ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଗଣିଆ ବ୍ଲକ୍ ଅଧକ୍ଷା ଝୁନା ଜେନାଙ୍କ ସମେତ ବିଜେଡି କର୍ମକର୍ତ୍ତାମାନେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ନାମରେ ଗଠିତ ବିଜେଡିକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କ ରାଜତ୍ୱ କାଳରେ ରାଜ୍ୟରେ ହୋଇଥିବା ବିକାଶ ସମ୍ପର୍କରେ ଉପସ୍ଥିତ ନେତାମାନେ ମତବ୍ୟକ୍ତ କରିଥିବାବେଳେ ସମସ୍ତେ ଏକଜୁଟ୍ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ । ସକାଳେ ସ୍ଥାନୀୟ ମାହାଦେବଙ୍କ ପୁଷ୍କରିଣୀରେ ବ୍ରାହ୍ମଣଙ୍କ ଉପସ୍ଥିତିରେ ତିଳତର୍ପଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍ଏସି ଅଧକ୍ଷା ଇଂ ପୁନମ୍ ପ୍ରିୟଦର୍ଶିନୀ, ପୂର୍ବତନ ଅଧକ୍ଷା ବବିତା ସାହୁ ଓ ବିଜେଡି ସଂଗଠକ ତଥା ପୂର୍ବତନ ବ୍ଲକ୍ ଅଧକ୍ଷ ଉପେନ୍ଦ୍ର ସାହୁଙ୍କ ସହ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।





**କଣ୍ଟାପଡ଼ା:** କଣ୍ଟାପଡ଼ା ବ୍ଲକ୍‌ର ଗୋବିନ୍ଦପୁରରେ ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପ୍ରଥମେ ସକାଳ ୯ଟାରେ ଦେବୀ ନଦୀତଟରେ ସାମୂହିକ ତିଳତର୍ପଣ ଓ ବିଜୁ ବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଣ୍ଟାପଡ଼ା ବ୍ଲକ୍‌ର ୧୪ଟି ପଞ୍ଚାୟତର ୫୦୦ରୁ ଊର୍ଦ୍ଧ୍ୱ ବିଜେଡିର ଆଗଧାଡ଼ିର କର୍ମୀ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ବିଜେଡିର ସମସ୍ତ ନିର୍ବାଚିତ ପ୍ରତିନିଧି, ସଂଗଠନିକ କାର୍ଯ୍ୟକର୍ତ୍ତା ଓ ମହିଳା ସଂଗଠକମାନେ ଉପସ୍ଥିତ ଥିଲେ। ତିଳତର୍ପଣ ସରିବା ପରେ ସମସ୍ତ ବିଜୁ ପ୍ରେମୀଙ୍କୁ ନେଇ ଏକ ବୈଠକର ଆୟୋଜନ କରାଯାଇଥିଲା। ଏହି ବୈଠକରେ ସମସ୍ତେ ଏକଜୁଟ୍ ହୋଇ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ସମୃଦ୍ଧ ଓଡ଼ିଶା ଗଢ଼ିବା ଦିଗରେ ନିଜ ନିଜର ଯୋଗଦାନ ଦେବାକୁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜିଲ୍ଲାପରିଷଦ ସଭ୍ୟ ପିୟୁଷ ରଞ୍ଜନ ମିଶ୍ର, କ୍ରିଷ୍ଣାରାଣୀ ବେହେରା, ବ୍ଲକ୍ ବିଜେଡି ସଭାପତି କୈଳାଶ ଚନ୍ଦ୍ର ମହାରଣା, କାର୍ଯ୍ୟକାରୀ ସଭାପତି ସୁବ୍ରତ ପାତ୍ର, ଯୁବ ବିଜେଡି ସଭାପତି ବିମାନ ବିହାରୀ ବେହେରା, ସରପଞ୍ଚ ସୁମିତ୍ରା ପାଢ଼ୀ, ତୃପ୍ତିମୟୀ ରାଉତ, ସୁପ୍ରିୟା ଭୋଇ, ସସ୍ମିତା ସାସେନି, ତପନ କୁମାର ଦାସ, ମାନୁଶ୍ରୀ ମଲ୍ଲିକ, ସମିତିସଭ୍ୟ ପ୍ରଶାନ୍ତ ପାଢ଼ୀ, ସନ୍ଧ୍ୟାରାଣୀ ଦାସ, ପୁଷ୍ପାଞ୍ଜଳି ବିଶ୍ୱାଳ, ସସ୍ମିତା ଦାସ, ନାରୀନେତ୍ରୀ ବିଷ୍ଣୁପ୍ରିୟା ପାତ୍ର, ସରଳା ସାମନ୍ତରାୟ, ଅଗ୍ରଣୀ ସଂଗଠକ ବିରଞ୍ଚି ନାରାୟଣ ପାତ୍ର, ନକୁଳ ରାଉତ, ପ୍ରକାଶ ବେହେରା, ସୀତାକାନ୍ତ ପ୍ରଧାନ, ସତ୍ୟରଞ୍ଜନ ପାତ୍ର, ନବକିଶୋର ମନ୍ତ୍ରୀ, କବି ପ୍ରସାଦ ସ୍ୱାଇଁ, ଅନନ୍ତ ଚରଣ ବେହେରା, ଦିଲ୍ଲୀପ କୁମାର ସ୍ୱାଇଁ, ଦେବେନ୍ଦ୍ର ଦାସ, ବିଷ୍ଣୁ ପ୍ରସାଦ ଭୋଇ, କାଳନ୍ଦୀ ଚୌଧୁରୀ, ହରେକୃଷ୍ଣ ଚୌଧୁରୀ, ଆର୍ତ୍ତତ୍ରାଣ ମହାପାତ୍ର ଓ ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



**ଖୋର୍ଦ୍ଧା:** ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅତିଥିଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲେ। ଶ୍ରୀ ସାହୁ କହିଥିଲେ ଯେ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ପାଇଁ ତାଙ୍କର ଅବଦାନ ଅତୁଳନୀୟ। ସେ କ୍ଷମତାରେ ଥାଆନ୍ତୁ କିମ୍ବା ନଥାନ୍ତୁ ସର୍ବଦା ମହିଳା ଏବଂ ଯୁବପିଢ଼ିଙ୍କ ନିମନ୍ତେ ବହୁ ପଦକ୍ଷେପ ନେଉଥିଲେ। ଗାଁକୁ କାମ ଏବଂ ମା'କୁ ସମ୍ମାନ ଥିଲା ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ। ପଞ୍ଚାୟତରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ତାଙ୍କର ପ୍ରଥମ ଲକ୍ଷ୍ୟ ଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାହା କରିଦେଖାଇଛନ୍ତି ବୋଲି ଶ୍ରୀ ସାହୁ କହିଥିଲେ। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୁବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂସଦ ପ୍ରାର୍ଥୀ କ୍ୟାପଟେନ୍ ମନ୍ମଥ ରାଉତରାୟ, କାଉନସିଲର୍ ଅନୀଲ ରାମ, ଅମୀୟ ମହାନ୍ତି, ପ୍ରଶାନ୍ତ ସେଠୀ ଓ ମୋନାଲିସା ସିଂ ପ୍ରମୁଖ ଉପସ୍ଥିତ ରହି ବିଜୁବାବୁଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ଗୁଣଗାନ କରିଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟା ଯାଇଥିଲା।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସାଗର ବିଜେ ନୀତି



**ପୁରୀ,୧୭।୪/ଏନ୍ଏନ୍ଏସ୍:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୧୨ ମାସରେ ତେର ପର୍ବ। ବର୍ଷ ସାରା ବଡ଼ଦେଉଳରେ ବିଭିନ୍ନ ଜାନିଯାତ୍ରା ଅନୁଷ୍ଠିତ ହୁଏ । ଏହିକ୍ରମେ ଆଜି ଅମାବାସ୍ୟା ତିଥୀରେ ମହାପ୍ରଭୁଙ୍କ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ସକାଳ ଧୂପ ବଢ଼ିଲା ପରେ ମହାଜନ ସେବାୟତ ଦକ୍ଷିଣୀ ଘରୁ ଶ୍ରୀ ନାରାୟଣ ମୂର୍ତ୍ତିଙ୍କୁ ଆଣି ରତ୍ନସିଂହାସନ ବିଜେ କରିଥିଲେ। ପାଳିଆ ପୂଜାପଣ୍ଡା ଗରାବଡୁଙ୍କଠୁ ହତୁଆଣୀ ନେଇ ନାରାୟଣ ମୂର୍ତ୍ତିଙ୍କୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ପରେ ମହାଜନ ସେବାୟତ ନାରାୟଣଙ୍କୁ ମୁକ୍ତି ମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କିକୁ ସ୍କନ୍ଧରେ ବୋହି ଘଣ୍ଟ, ଛତ୍ର ଓ କାହାଳୀରେ ସିଂହଦ୍ୱାର ଦେଇ ବାଲିସାହି ରାସ୍ତାରେ ସମୁଦ୍ର କୂଳ ସ୍ୱର୍ଗଦ୍ୱାରରେ ବିଜେ କରାଯାଇଥିଲା। ସମୁଦ୍ର କୂଳ ବାଲିରେ ବିଜେ ହେବା ପରେ ଗରାବଡୁ ସେବାୟତ ସମୁଦ୍ର ପାଣି ଆଣି ପଣ୍ଡାଙ୍କ ହାତକୁ ବଢ଼ାଇଥିଲେ। ପୂଜାପଣ୍ଡା ଜଳ ସଂସ୍କାର କରି ଠାକୁରଙ୍କୁ ଲାଗି କରାଇଥିଲେ। ପରେ ଆଳତି ଓ ବନ୍ଦାପନା ହୋଇଥିଲା।

## ରାଜସ୍ୱ ଆଦାୟରେ ଓଡ଼ଗାଁ ଏନ୍ଏସି ରାଜ୍ୟରେ ପ୍ରଥମ

### କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଶଂସା




**ଓଡ଼ଗାଁ,୧୭।୪/ଏନ୍ଏନ୍ଏସ୍:** ରାଜ୍ୟରେ ଓଡ଼ଗାଁ ଏନ୍ଏସି ମାନ୍ୟତା ହାସଲ କରିବା ପରେ ସହରର ଚେହେରା ମଧ୍ୟ ବଦଳିଛି। ଆଲୋକୀକରଣଠାରୁ ଆରମ୍ଭକରି ସ୍ୱଚ୍ଛତା, ରାମସାଗର ପାର୍କ ଓ ବୋଟିଂର ମଜା ସାଧାରଣ ଲୋକେ ଉଠାଉଛନ୍ତି । ଏହିକ୍ରମେ ଗତ କିଛିବର୍ଷ ଧରି ରାଜସ୍ୱ ଆଦାୟରେ ଓଡ଼ଗାଁ ଏନ୍ଏସି ପଛୁଆ ଥିବାରୁ ରାଜ୍ୟ ସରକାର ସମସ୍ତ ଅନୁଦାନ ରାଶି ଦେବାରେ ପାତରଅନ୍ତର ନୀତି ଆପଣାଇଥିଲେ। ମାତ୍ର ଏବେ ଉକ୍ତ ସମସ୍ୟା ଦୂର ହୋଇଛି। ଟିକସ ଆଦାୟରେ ଓଡ଼ଗାଁ ଏନ୍ଏସି ଶୀର୍ଷ ସ୍ଥାନରେ ରହିଛି। ସରକାର ୨୦୨୬-୨୭ ମସିହା ପାଇଁ ଶତକଡ଼ା ୧୬୭ ପ୍ରତିଶତ ଅନୁଯାୟୀ ୭୭ ଲକ୍ଷ ୨୨ ହଜାର ଟଙ୍କା ଟାର୍ଗେଟ୍ ରଖିଥିବାବେଳେ ଓଡ଼ଗାଁ ଏନ୍ଏସି ଏହାକୁ ଟପି ଶତକଡ଼ା ୨୬୨ ପ୍ରତିଶତ ତଥା ୧ କୋଟି ୨୮ ଲକ୍ଷ ୯୦ ହଜାରରେ ପହଞ୍ଚାଇ ରେକର୍ଡ ସୃଷ୍ଟି କରିଛି। ଓଡ଼ଗାଁ ଏନ୍ଏସି ପରେ ନୂଆପଡ଼ା ୧୫୦ ପ୍ରତିଶତ ବଦଳରେ ୧୬୫ ପ୍ରତିଶତ ଆଦାୟ କରିଥିବା ଜଣାପଡ଼ିଛି। କିଛିଦିନ ତଳେ ଗଞ୍ଜାମ ଜିଲ୍ଲାର ଏକ ପ୍ରତିନିଧି ଦଳ ଓଡ଼ଗାଁ ଆସି ସ୍ୱଚ୍ଛତାକୁ ପରଖି ଭୂୟସୀ ପ୍ରଶଂସା କରିଥିଲେ। ନୂତନ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା କାର୍ଯ୍ୟରେ ଯୋଗଦେବା ପରେ ଏନ୍ଏସି ସମ୍ପୂର୍ଣ୍ଣ ବଦଳିଯାଇଛି ଓ ରାଜସ୍ୱ ଆଦାୟକରି ରାଜ୍ୟରେ ଶୀର୍ଷ ସ୍ଥାନରେ ପହଞ୍ଚିଛି। ବର୍ତ୍ତମାନ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କାର୍ଯ୍ୟକ୍ରମ ସଠିକ୍ ମାର୍ଗରେ ଅଗ୍ରସର ହେଉଛି। ସହରର ପ୍ରତ୍ୟେକ ଗଳି ଓ ସାହିକୁ ପକ୍କାରାସ୍ତା, ଡ୍ରେନ୍ ନିର୍ମାଣ କରି ସଂଯୋଗୀକରଣ କରାଯାଉଛି। କିଛି ୱାର୍ଡରେ ଡ୍ରେନ୍ ନିର୍ମାଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖୁବ୍‌ଶୀଘ୍ର ନିର୍ମାଣ କରିବାର ବ୍ୟବସ୍ଥା ମଧ୍ୟ ହେଉଛି। ସହରାଞ୍ଚଳର କୌଣସି ସ୍ଥାନ ଆବର୍ଜନା ଥିଲେ କିମ୍ବା ଆଲୋକୀକରଣରେ କୌଣସି ପ୍ରକାର ତ୍ରୁଟି ରହିଥିଲେ ତାହାକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉଛି। ସର୍ବସାଧାରଣ ସ୍ଥାନ ଯଥା ମନ୍ଦିର, ଡାକ୍ତରଖାନା, ଆହାର କେନ୍ଦ୍ର ଓ ବିଭିନ୍ନ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛତା ପରିଲକ୍ଷିତ ହେଉଛି। କ୍ଷୁଦ୍ର ବ୍ୟବସାୟୀ ଓ ବୁଲା ବିକାଳିଙ୍କୁ ଥଇଥାନ ଦିଗରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଉଛି। ଗଣେଶ ବଜାରକୁ ପୁନରୁଦ୍ଧାର କରି ୧୮ ଜଣ ବ୍ୟବସାୟୀଙ୍କୁ ଥଇଥାନ କରିବା ଏବଂ କୃଷକ ବଜାର ପାଖରେ ୫ଟି ଚିକେନ୍ ଦୋକାନ ଅବସ୍ଥାପିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ସହରାଞ୍ଚଳର ସବୁଠୁ ଆକର୍ଷଣୀୟ ରାମସାଗର ପାର୍କ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରତ୍ୟେକ ବ୍ୟକ୍ତି ବୋଟିଂ ଓ ୱାଟର୍ ଫାଉଣ୍ଟେନ୍‌ର ମଜା ନେଉଛନ୍ତି। ପାର୍କ ଭିତରେ ଫୁଲର ସମ୍ଭାର ନଗରବାସୀଙ୍କୁ ଆକୃଷ୍ଟ କରୁଛି। ଶ୍ରୀରଘୁନାଥ ଜିଉଙ୍କ ମନ୍ଦିରରେ ଯାତ୍ରୀଙ୍କ ସୁବିଧା ନିମନ୍ତେ ଏକ ଅତ୍ୟାଧୁନିକ ସ୍ନାନାଗାରର ବ୍ୟବସ୍ଥା କରାଯାଉଛି। ରଘୁନାଥ ସମବାୟ ମହାବିଦ୍ୟାଳୟ ନିକଟରେ ଥିବା ରାଧାମୋହନ ଆମ୍ବ ବଗିଚାରେ ୫ଶହ ଆମ୍ବ ଗଛର ରକ୍ଷଣାବେକ୍ଷଣ କରି ଆକର୍ଷଣୀୟ କରାଯାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରଥମ ପର୍ଯ୍ୟାୟରେ ୩ଟି ପୁଷ୍କରିଣୀକୁ ସ୍ୱଚ୍ଛ ଓ ସୁନ୍ଦର କରାଯାଇ ବିଭିନ୍ନ କିସମର ଗଛ ଲଗାଇ ସବୁଜିମାରେ ପରିଣତ କରାଯାଇଛି। ଏସବୁ ସତ୍ତ୍ୱେ ହୋଲ୍ଡି ଟାକ୍ସ, ଟ୍ରେଡ୍ ଲାଇସେନ୍ସ, ଉଠାଦୋକାନୀଙ୍କଠାରୁ ଟିକସ ଆଦାୟ, କଲ୍ୟାଣ ମଣ୍ଡପରୁ ଭଡ଼ା ଆଦାୟ କରି ରାଜ୍ୟ ସରକାରଙ୍କୁ ପୈଠ କରି ଓଡ଼ଗାଁ ଏନ୍ଏସି ଶୀର୍ଷ ସ୍ଥାନରେ ରହି ସୁନାମ ଅର୍ଜନ କରିଥିବା ଜଣାପଡ଼ିଛି।

## ସରିଲା ରତନପୁର ରାସ୍ତାକାମ, ନିମ୍ନମାନର ଅଭିଯୋଗ



**କଣ୍ଟିଲୋ,୧୭।୪/ଏନ୍ଏନ୍ଏସ୍:** ରତନପୁର ଗ୍ରାମରେ ବହୁ ପ୍ରତିକ୍ଷୀତ ପକ୍କା ରାସ୍ତା କାମ ଶେଷ ହୋଇଛି। ହେଲେ ଏହି ରାସ୍ତାକାମରେ ବହୁ ଅନିୟମିତତା ହେବାସହ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ସୂଚନାରୁ ପ୍ରକାଶ ଖଣ୍ଡପଡ଼ା ବ୍ଲକ୍ ବଡ଼ ବାଣପୁର ପଞ୍ଚାୟତ ଅନ୍ତର୍ଗତ ରତନପୁର ଗ୍ରାମର ଉଦୀୟମାନ ଯୁବକ ମୁନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଗ୍ରାମର ଯୁବଗୋଷ୍ଠୀ ଓ ବରିଷ୍ଠ ବ୍ୟକ୍ତିଙ୍କ ଆପ୍ରାଣ ଉଦ୍ୟମ ଯୋଗୁ ଦୀର୍ଘ ୪୨ ବର୍ଷ ପରେ ୪୮ନଂ ରାଜ୍ୟ ରାଜପଥରୁ ରତନପୁର ଗ୍ରାମକୁ ପକ୍କା ସିମେଣ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ କାର୍ଯ୍ୟ ସଂଯୋଗ ସରିଛି। ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନ ଏହି ରାସ୍ତା ପାଇଁ ୩ ଲକ୍ଷ ଟଙ୍କା ମଞ୍ଜୁର କରି ସ୍ୱତନ୍ତ୍ର ଏଷ୍ଟିମେଟ୍ କରିଥିଲେ ହେଁ ସଂପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଅନଭିଜ୍ଞ ଠିକାଦାର୍‌ଙ୍କୁ ବିକ୍ରି କରିଦେଇଥିବାରୁ ବିନା ସୂଚନାଫଳକରେ କାର୍ଯ୍ୟ ହୋଇଥିବା କିଛି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତରବରିଆ ଭାବେ ଶେଷ କରିଥିବା ରାସ୍ତା ନିର୍ମାଣ କାର୍ଯ୍ୟକୁ ଦେଖିଲେ ଜାଣିହେବ ଏହା କେତେ ନିମ୍ନମାନର। ତେବେ ବହୁ ବର୍ଷ ପରେ ଖଣ୍ଡପଡ଼ା ବିଡିଓ, ତହସିଲଦାର୍ ଓ କଣ୍ଟିଲୋ ପୁଲିସ୍ ଅଧିକାରୀ ତଥା ଆର୍‌ଆଇଙ୍କ ପ୍ରତ୍ୟେକ୍ଷ ସହଯୋଗରେ ରତନପୁର ଗ୍ରାମବାସୀ ନିଜ ଗାଁକୁ ପକ୍କା ସିମେଣ୍ଟ କଂକ୍ରିଟ୍ ରାସ୍ତା ପାଇଁ ବ୍ଲକ୍, ତହସିଲ୍, ପୁଲିସ୍ ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିବା ସୂଚନା ମିଳିଛି।

# ବଲାଙ୍ଗୀର, ସୋନପୁରରେ ସ୍କୁଲ୍ ଛୁଟି ଘୋଷଣା

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ଖରା ଓ ତାତିକୁ ଦେଖି ସ୍କୁଲ ଛୁଟି ନିଷ୍ପତ୍ତି ନେଇପାରିବେ ଜିଲ୍ଲାପାଳ। ଗତକାଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀଙ୍କ ଘୋଷଣାର ଦିନକ ପରେ ଆଜି ପଶ୍ଚିମ ଓଡ଼ିଶାରେ ବଲାଙ୍ଗୀର ଜିଲ୍ଲାପାଳ ୧୮ରୁ ୨୧ ଯାଏଁ ସ୍କୁଲ ସହ ଅଙ୍ଗନବାଡିକୁ ଛୁଟି ଘୋଷଣା କରିଛନ୍ତି। ସେମିତି ସୋନପୁର ଜିଲ୍ଲାପାଳ ବି କାଲିଠୁ ୫ ଦିନ ଯାଏଁ ସ୍କୁଲ ଛୁଟି ଘୋଷଣା କରିଛନ୍ତି। ତେବେ ଖାଲି ପଶ୍ଚିମ ଓଡିଶା ନୁହେଁ ଆଭ୍ୟନ୍ତର ଓଡ଼ିଶାର ଅନେକ ଜିଲ୍ଲାରେ ବି ତାତି ବଢୁଥିବାରୁ ସେଠି ସ୍କୁଲ ଛୁଟି କରିବାକୁ ଅଭିଭାବକ ଦାବି କଲେଣି।

ଗତକାଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେଉଁ ଜିଲ୍ଲାରେ ତାତି ଓ ଅସହ୍ୟ ଗରମ ଗୁଳୁଗୁଳି ବଢୁଛି, ସେଠି ସ୍ଥିତି ଅନୁଧ୍ୟାନ କରି ଜିଲ୍ଲାପାଳ ସ୍କୁଲ ଛୁଟି ଘୋଷଣା ପାଇଁ ସରକାରଙ୍କୁ ଅବଗତ କରିବା ପରେ ନିଷ୍ପତ୍ତି ନିଆଯିବ। ଏହାପରେ ଆଜି ପଶ୍ଚିମ ଓଡିଶାର ଅନ୍ୟତମ ତତଲା ଜିଲ୍ଲା ଭାବେ ଜଣାଶୁଣା ବଲାଙ୍ଗୀରର ଜିଲ୍ଲାପାଳ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକି ଆସନ୍ତା ୧୮ରୁ ୨୧ ପର୍ଯ୍ୟନ୍ତ ଚାରି ଦିନ ପାଇଁ ସ୍କୁଲ-କଲେଜ ଓ ଅଙ୍ଗନବାଡି ଛୁଟି ଘୋଷଣା କରିଛନ୍ତି।

ଆଗକୁ ତାତି ବଢିଲେ ଛୁଟି ବଢାଇବାକୁ ବି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ସେମିତି ସୁବର୍ଣ୍ଣପୁର ଜିଲ୍ଲାପାଳ ମଧ୍ୟ ସ୍ଥିତିକୁ ଦେଖି ଆସନ୍ତା ୧୮ରୁ ୨୨ ଯାଏଁ ଜିଲ୍ଲାର ସ୍କୁଲ, କଲେଜ, ଅଙ୍ଗନବାଡି ଏବଂ ଆଇଟିଆଇ ବନ୍ଦ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରିଛନ୍ତି।

# ୬୮ ପୁଲିସ ଅଧିକାରୀ ଓ ସରକାରୀ ଓକିଲଙ୍କୁ ସମ୍ବର୍ଦ୍ଧିତ କଲେ ଡିଜିପି

**କଟକ,୧୭।୪/ଏନ୍ଏନ୍ଏସ୍:** କଟକ ପୁଲିସ ମୁଖ୍ୟାଳୟସ୍ଥିତ ଆର.କେ. ପାଢ଼ୀ ମେମୋରିଆଲ ହଲ୍‌ଠାରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ନୂତନ ଆଇନର ସଫଳ ରୂପାୟନ ଏବଂ ଅପରାଧ ଅନୁସନ୍ଧାନ କ୍ଷେତ୍ରରେ ଅଭୁତପୂର୍ବ ସଫଳତା ପାଇଁ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ.ବି. ଖୁରାନିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ମୋଟ ୬୮ ଜଣ ପୁଲିସ ଅଧିକାରୀ ଓ ସରକାରୀ ଓକିଲଙ୍କୁ ସମ୍ମାନିତ କରିଛନ୍ତି।




ସମ୍ମାନିତ ହୋଇଥିବା ଅଧିକାରୀଙ୍କ ମଧ୍ୟରେ ୧୦ ଜଣ ଏସ୍‌ପି, ୧୫ ଜଣ ତଦାରଖ ଅଧିକାରୀ, ୧୭ ଜଣ ସରକାରୀ ଓକିଲ ଏବଂ ୨୬ ଜଣ ତଦନ୍ତକାରୀ ପୁଲିସ ଅଧିକାରୀ ସାମିଲ ଅଛନ୍ତି। ବିଶେଷ କରି ୦୧.୦୭.୨୦୨୪ ରୁ ୩୧.୧୨.୨୦୨୫ ମଧ୍ୟରେ ନୂତନ ଆଇନ ବଳରେ ୨୭ଟି ସମ୍ବେଦନଶୀଳ ମାମଲାରେ ଅଭିଯୁକ୍ତଙ୍କୁ ୭ ବର୍ଷରୁ ଅଧିକ କାରାଦଣ୍ଡାଦେଶ କରାଇବାରେ ସଫଳ ହୋଇଥିବା ତଦନ୍ତକାରୀ ଦଳକୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଛି। ଏହି ମାମଲାଗୁଡ଼ିକ ମଧ୍ୟରେ ୨୧ଟି ପୋକ୍ସୋ ଆକ୍ଟ, ୩ଟି ହତ୍ୟା ଉଦ୍ୟମ, ଗୋଟିଏ ଦୁଷ୍କର୍ମ ଏବଂ ୨ଟି ଗଣଦୁଷ୍କର୍ମ ମାମଲା ରହିଛି। ଉତ୍ତମ ତଦନ୍ତ ପାଇଁ ତଦନ୍ତକାରୀ ଅଧିକାରୀଙ୍କୁ ନଗଦ ୫ ହଜାର ଟଙ୍କା ସହ ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି। ସେହିପରି ଏସପି, ତଦାରଖକାରୀ ଅଧିକାରୀ ଓ ସରକାରୀ ଓକିଲଙ୍କୁ ମଧ୍ୟ ପ୍ରଶଂସା ପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ତଦନ୍ତ ସମୟରେ ବୈଜ୍ଞାନିକ ପଦ୍ଧତି, ଡିଏନଏ ତଥ୍ୟ ସଂଗ୍ରହ ଏବଂ ଇ-ସାକ୍ଷ୍ୟ ପଦ୍ଧତିର ବ୍ୟବହାର ଦ୍ୱାରା ଦଣ୍ଡ ବିଧାନ ହାରରେ ବ୍ୟାପକ ସୁଧାର ଆସିପାରିଛି ବୋଲି ଡିଜିପି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ନିର୍ଦ୍ଦେଶକ (କ୍ରାଇମ୍‌ବ୍ରାଞ୍ଚ) ବିନୟତୋଷ ମିଶ୍ର, ଆରକ୍ଷୀ ମହାନିରୀକ୍ଷକ ଡଃ ସାର୍ଥକ ଷଡ଼ଙ୍ଗୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ




**କଟକ,୧୭।୪/ଏନ୍ଏନ୍ଏସ୍:** ମହାନ ଜନନେତା ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧା ଦିବସ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଡ ଦିବ୍ୟଲୋଚନ ମହନ୍ତ, ବିଜୁପଟ୍ଟନାୟକ ଛକ ଓ ଯୋବ୍ରା ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଆନନ୍ଦ ଭବନ ବାସଭବନ ସଂଗ୍ରହାଳୟ ଯାଇ ସେଠାରେ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସଂଗ୍ରହାଳୟରେ ବିଜୁ ବାବୁଙ୍କ ସମ୍ପର୍କିତ ପ୍ରଦର୍ଶିତ ଫଟୋ ଚିତ୍ର ବୁଲି ଦେଖିଥିଲେ। ଏହି ଅବସରରେ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀମାନେ ମଧ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ସିଜିମାଳି ହିଂସାର ନ୍ୟାୟିକ ତଦନ୍ତ ଦାବିରେ ବାମପନ୍ଥୀ ଦଳଙ୍କ ବିକ୍ଷୋଭ

**କଟକ,୧୭।୪/ଏନ୍ଏନ୍ଏସ୍:** ସିଜିମାଳିରେ ସରକାର ପ୍ରାୟୋଜିତ ହିଂସା ଓ ଗ୍ରାମସଭା ଜାଲିଆତିର ଉଚ୍ଚସ୍ତରୀୟ ତଥା ନ୍ୟାୟିକ ତଦନ୍ତ ଦାବିରେ ଆଜି ବାମପନ୍ଥୀ ଦଳଗୁଡ଼ିକ ପକ୍ଷରୁ ସାରା ଓଡ଼ିଶାରେ ପ୍ରତିବାଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କଟକ ଜିଲ୍ଲା କମିଟି ଉଦ୍ୟୋଗରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏସୟୁସିଆଇ (କମ୍ୟୁନିଷ୍ଟ), ସିପିଆଇ (ଏମ୍‌ଏଲ୍), ସିପିଆଇ (ଏମଏଲ-ରେଡ୍ ଫ୍ଲାଗ୍) ଏବଂ ସିପିଆଇ (ଏମ୍‌ଏଲ୍-ନ୍ୟୁ ଡେମୋକ୍ରେସି) ପକ୍ଷରୁ ମିଳିତ ଭାବେ ଏହି ଡାକରା ଦିଆଯାଇଥିଲା। ଆନ୍ଦୋଳନକାରୀମାନେ ସିଜିମାଳିରେ ବେଦାନ୍ତର ବକ୍ସାଇଟ୍ ଖଣି ପ୍ରକଳ୍ପ ବନ୍ଦ କରିବା, ଆନ୍ଦୋଳନକାରୀଙ୍କ ଉପରୁ ମିଥ୍ୟା ମାମଲା ପ୍ରତ୍ୟାହାର କରିବା ଏବଂ ଗିରଫ ଲୋକଙ୍କୁ ଅବିଳମ୍ବେ ମୁକ୍ତ କରିବା ପାଇଁ ଦାବି କରିଥିଲେ। ଏଥିସହିତ ସମ୍ବିଧାନର ପଞ୍ଚମ ଅନୁସୂଚୀ ଅଞ୍ଚଳରେ ଗ୍ରାମସଭାର ସମ୍ମତି ବିନା ଅନୁମୋଦିତ ସମସ୍ତ ପ୍ରକଳ୍ପକୁ ବାତିଲ




କରିବାକୁ ଦଳଗୁଡ଼ିକ ଜୋର୍ ଦେଇଛନ୍ତି। କେନ୍ଦୁଝରର ପାଟଣା, ସୁନ୍ଦରଗଡ଼ର ଲାଞ୍ଜିବେର୍ଣ୍ଣା, ସେମିଳିଗୁଡ଼ାର ମାଳି ପର୍ବତ, ପୋଟାଙ୍ଗୀର ସେରୁବନ୍ଧ, କାଶୀପୁରର କୁଟ୍ରୁମାଳି ଏବଂ ନନ୍ଦପୁରର ବାକଡ଼ା ଆଦି ଅଞ୍ଚଳରେ ଭିଟାମାଟି ଓ ଜୀବିକାର ସୁରକ୍ଷା ପାଇଁ ଗଣତାନ୍ତ୍ରିକ ସଂଘର୍ଷ କରୁଥିବା ଲୋକଙ୍କ ଉପରେ ରାଷ୍ଟ୍ରର ଦମନ ବନ୍ଦ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ବିକ୍ଷୋଭରେ ବିଶ୍ୱାସୁ ଦାସ, ଖଗେଶ୍ୱର ସେଠୀ, ବବି ବଳବନ୍ତରାୟ, ଭାଗ୍ୟରବି ଦାସ, ସିଦ୍ଧାର୍ଥ ରଥ, ଦୀପକ ଦାସ, ମାଳବିକା ସାମଲ, ବସନ୍ତ ନାୟକ, ସୌଭାଗ୍ୟ ସାମଲ, ବିନୋଦ ସେଠୀ, ତରୁନସେନ୍ ନାୟକ, ଆଶା ଧର, ଶିବାନୀ ସାହୁ, ଅକ୍ଷୟ ରାଉଳ, ସ୍ୱାଧୀନୀ ବେହେରା, ଆଇନଜୀବୀ ପ୍ରତାପ ମିଶ୍ର, ଶୋଭା ଦେହୁରୀ, ସିପ୍ରା ମହାନ୍ତି, ଭାଗ୍ୟଲକ୍ଷ୍ମୀ ଦାସ, ଝରଣା ଦାସ ଏବଂ ସଞ୍ଜୀବ ଜେନା ପ୍ରମୁଖ ସାମିଲ ହୋଇଥିଲେ। ବିକ୍ଷୋଭ ସ୍ଥଳରୁ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ।

# ବାରବାଟୀ ଫୁଡ୍ କୋର୍ଟ ବଣ୍ଟନ ପ୍ରକ୍ରିୟାରେ ସଂସ୍କାର ଦାବି

**କଟକ,୧୭।୪/ଏନ୍ଏନ୍ଏସ୍:** ବାରବାଟୀ ଫୁଡ୍ କୋର୍ଟର ଦୋକାନ ବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା, ନିରପେକ୍ଷତା ଏବଂ ସମାବେଶିତା ସୁନିଶ୍ଚିତ କରିବା ପାଇଁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନନ୍ତି। କଟକ ମହାନଗର ନିଗମର ଦୃଷ୍ଟି ଆକର୍ଷଣ କରି କହିଛନ୍ତି ଆବେଦନ ପ୍ରକ୍ରିୟାରେ ଥିବା କିଛି ଜଟିଳ ନିୟମାବଳୀ ସ୍ଥାନୀୟ କ୍ଷୁଦ୍ର ବ୍ୟବସାୟୀ ଓ ଯୁବବର୍ଗଙ୍କ ପାଇଁ ପ୍ରତିବନ୍ଧକ ସାଜିଥିବା ନେଇ ସେ କମିସନରଙ୍କୁ ଏକ ଚିଠି ମାଧ୍ୟମରେ ମଧ ଜଣାଇଛନ୍ତି। ସ୍ୱଚ୍ଛତା, ନିରପେକ୍ଷତା ଏବଂ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ଟ୍ରେଡ୍ ଲାଇସେନ୍ସ ଏବଂ ଫୁଡ୍ ଲାଇସେନ୍ସ ଆବେଦନ ସମୟରେ ଏହାକୁ ବାଧ୍ୟତାମୂଳକ କରାଯିବା ଉଚିତ ନୁହେଁ। ଦୋକାନ ବଣ୍ଟନ ପରେ ଯେପରି ଲାଇସେନ୍ସଗୁଡ଼ିକ ହାସଲ କରାଯାଇପାରିବ, ତାହା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଯାହାଫଳରେ ନୂତନ ଏବଂ ଯୋଗ୍ୟ ଆବେଦନକାରୀମାନେ ବଞ୍ଚିତ ହେବେ ନାହିଁ। ସୋଫିଆ କହିଛନ୍ତି ଯେ ବଣ୍ଟନ ପ୍ରକ୍ରିୟା ବିଷୟରେ ପ୍ରମୁଖ ଓଡ଼ିଆ ଖବରକାଗଜ ବ୍ୟାପକ ପ୍ରଚାର କରାଯିବା ଉଚିତ, ଯେପରି ସର୍ବାଧିକ ଯୋଗ୍ୟ ଆବେଦନକାରୀ ଅବଗତ ହୋଇପାରିବେ। ଆବେଦନ ଫର୍ମ ସମ୍ବଳିତ ବ୍ରୋସରକୁ ବିଳମ୍ବ ନକରି ଓଡ଼ିଆ ଭାଷାରେ ପ୍ରକାଶ କରାଯାଉ। ସମସ୍ତ ଆଗ୍ରହୀ ଆବେଦନକାରୀଙ୍କୁ ଉଚିତ ସୁଯୋଗ ଦେବା ପାଇଁ ଆବେଦନର ସମୟସୀମାକୁ ଅତି କମରେ ୩୦ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ। ଫୁଡ୍ କୋର୍ଟ କାର୍ଯ୍ୟକ୍ଷମ ହେବା ପୂର୍ବରୁ ସିଏମ୍‌ସି ପକ୍ଷରୁ ସ୍ମୋକ୍ ଡିଟେକ୍ଟର୍ ଏବଂ ଆବଶ୍ୟକୀୟ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରାଯାଉ ବୋଲି ସୋଫିଆ ଦାବି କରିଛନ୍ତି।



# ଏସ୍‌ଆଇଆର୍‌କୁ ସଂଖ୍ୟାଲଘୁ ସମ୍ପ୍ରଦାୟର ସମର୍ଥନ

**କଟକ,୧୭।୪/ଏନ୍ଏନ୍ଏସ୍:** ନିରପେକ୍ଷ ଓ ସ୍ୱଚ୍ଛ ଭାବେ ମତଦାତାମାନେ ନିଜର ମତଦାନ ସାବ୍ୟସ୍ତ ପାଇଁ କେନ୍ଦ୍ର ସରକାର ଏସ୍‌ଆଇଆର୍ (ସ୍ପେଶାଲ ଇନଟେନସିଭ ରିଭିଜନ)କୁ ସମଗ୍ର ଦେଶରେ ଲାଗୁ କରିଛନ୍ତି। କିନ୍ତୁ ଏହି ଏସ୍‌ଆଇଆର୍‌କୁ ନେଇ ନିର୍ଦ୍ଦିଷ୍ଟ ଭାବେ କିଛି ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟରେ ଗୁଜବ ସୃଷ୍ଟି ହୋଇଛି। ଏହି ଗୁଜବକୁ ଦୂର କରିବା ପାଇଁ ସାମାଜିକ ଅନୁଷ୍ଠାନ ଇମାରତ-ଏ-ଶରିଆ ପକ୍ଷରୁ ଆଜି ବକ୍ସିବଜାର ପେନ୍‌ସନ୍ ଲେନ୍‌ସ୍ଥିତ ଇମାରତ ପବ୍ଲିକ ସ୍କୁଲ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି।



ଏହି ଏସ୍‌ଆଇଆର୍ ଜରିଆରେ ଭୋଟର୍ ଲିଷ୍ଟରୁ କିଛି ଲୋକଙ୍କ ନାମକୁ ଜାଣିଶୁଣି ବାଦ୍ ଦିଆଯାଉଛି, ଯାହାକି ସମ୍ପୂର୍ଣ୍ଣ ମିଥ୍ୟା। ଏହି ଭ୍ରାନ୍ତଧାରଣାକୁ ଦୂର କରିବା ପାଇଁ ବିହାର, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯିବ। କେନ୍ଦ୍ର ସରକାରଙ୍କ ଏହି ପ୍ରକ୍ରିୟା ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଏହା ଲାଗୁ ହେଲେ ନିରପେକ୍ଷ ଓ ସ୍ୱଚ୍ଛ ଭାବେ ମତଦାତାମାନେ ନିଜର ମତଦାନ ସାବ୍ୟସ୍ତ କରିପାରିବେ ବୋଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ସଂଖ୍ୟାଲଘୁ ସମ୍ପ୍ରଦାୟର କର୍ମୀମାନେ ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସମ୍ପାଦକ ମୁଫ୍ତି ସଇଦୁର ରେହେମାନ କାଶିମ୍, ଜମିଉଦ ଉଲେମାର ସାଧାରଣ ସଚିବ ମୌଲାନା ଅବଦୁଲ କାଶୀମ, ମଜଲିସ ଉଲେମାର ଉପସଭାପତି ମୁଫତି ଜାହବ, ଜଜ୍‌ବା ଟ୍ରଷ୍ଟର ଅଧ୍ୟକ୍ଷ ସଫଦର ହାସିମ୍, ବିଜେପି ମାଇନରିଟି ମୋର୍ଚ୍ଚାର ରାଜ୍ୟ ସଭାପତି ଡଃ ଗୁରେନ୍ଦ୍ର ସିଂହ, କଟକ ଜିଲ୍ଲା ବିଜେପି ମାଇନରଟି ମୋର୍ଚ୍ଚାର ସଭାପତି ମହମଦ ସବୀର, କଟକ ସିଟି ମଜଲିସ ଓଲେମାର ସଭାପତି ମୁଫତି ଅବଦୁର ରେହେମାନ ନଦୀଭ, କଟକ ସିଟି ଜମିଆତ ଓଲେମାର ସମ୍ପାଦକ ମିରଜା ଅବୁଲ କାଶୀମ ବେଗଙ୍କ ସମେତ ବହୁ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପସ୍ଥିତ ଥିଲେ।

# ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଜନ୍ମଦିନରେ ପୁସ୍ତକ 'ଗଛମଣିଷ' ଉନ୍ମୋଚିତ

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ବିଶିଷ୍ଟ ପରିବେଶବିତ୍, ସାହିତ୍ୟିକ ତଥା ଖୋର୍ଦ୍ଧାର ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଜନ୍ମଦିନ ଅବସରରେ 'ଗଛ ମଣିଷ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ପକ୍ଷୀଘର ପ୍ରକାଶନୀର ପ୍ରେକ୍ଷାଳୟରେ ଆୟୋଜିତ ଏହି ଉତ୍ସବରେ ଡ. ଶ୍ରୀଚନ୍ଦନଙ୍କ ଉପରେ ୧୦୦ ଜଣ କବିଙ୍କ ଦ୍ୱାରା ଲିଖିତ କବିତା ସଂକଳନ ସ୍ଥାନ ପାଇଛି। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଅଜୟ ସ୍ୱାଇଁ ଯୋଗଦେଇ ଡ. ଶ୍ରୀଚନ୍ଦନଙ୍କ ଜୀବନୀ ଓ ସମାଜ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଡ. ଶ୍ରୀଚନ୍ଦନ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଅଧ୍ୟକ୍ଷ ରହିବା ପରେ ରାଜନୀତିରେ ଯୋଗଦେଇ ଖୋର୍ଦ୍ଧାର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବୃକ୍ଷରୋପଣ, ଜଙ୍ଗଲ ଓ ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ସେ 'ଗଛ ମଣିଷ' ଭାବେ ବହୁ ସମ୍ମାନ ଲାଭ କରିଛନ୍ତି।



ନିଜ ବକ୍ତବ୍ୟରେ ଡ. ଶ୍ରୀଚନ୍ଦନ କହିଲେ, 'ପରିବେଶ ସୁରକ୍ଷା ମୋର ପେସା ନୁହେଁ ନିଶା'। ଉତ୍ସବରେ ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ବିଶିଷ୍ଟ କବି ମଙ୍ଗଳା ପ୍ରସାଦ ପ୍ରଧାନ, କବି ଅଶୋକ ପୁହାଣ, ସଂକଳକ ସଦାଶିବ ଶ୍ରୀଚନ୍ଦନ ଏବଂ ସମାଜସେବୀ ଦୀପକ ମହାନ୍ତି ଉପସ୍ଥିତ ଥିଲେ। ପକ୍ଷୀଘର ମୁଖ୍ୟ ସମ୍ପାଦକ ବନୋଜ ତ୍ରିପାଠୀ ଡ. ଶ୍ରୀଚନ୍ଦନଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଲୋକକବି ଜଗନ୍ନାଥ ପାଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ଓଡ଼ିଆ ଲୋକନାଟ୍ୟର ସୃଜନ, ସମୃଦ୍ଧି ଓ ବିକାଶ କ୍ଷେତ୍ରରେ ଲୋକକବି ଜଗନ୍ନାଥ ପାଣିଙ୍କ ଅବଦାନ ଅତୁଳନୀୟ। ତାଙ୍କର ମହନୀୟ କୃତି ଓଡ଼ିଆ ଜାତିକୁ ଏକ ନୂତନ ଦିଗଦର୍ଶନ ଦେଇପାରିଛି ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଜଗନ୍ନାଥ ପାଣି ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଉତ୍ସବରେ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ବିଜେତା ତଥା ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଲୋକ ସଂସ୍କୃତି ପ୍ରତି କବିଙ୍କ ଅବଦାନ ସମ୍ପର୍କରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରଫେସର ଡକ୍ଟର ସଂଘମିତ୍ରା ମିଶ୍ର ଯୋଗଦେଇ କହିଥିଲେ ଯେ ରୀତିଯୁଗୀୟ କାବ୍ୟଶୈଳୀ ଅନୁସରଣରେ କବିତା, ଛାନ୍ଦ ନାଟ୍ୟ, ଚୌପଦୀ ଓ ଚଉତିଶା ଆଦି ରଚନା କରି ଜଗନ୍ନାଥ ପାଣି ନିଜର ଅସାଧାରଣ ପାଣ୍ଡିତ୍ୟର ପରିଚୟ ଦେଇଛନ୍ତି। ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ବିଜୟ ଦାସ କବିଙ୍କ ଲେଖନୀ ନିସୃତ ଲୋକଧର୍ମୀ ରଚନାବଳୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ପ୍ରଫେସର ଡାକ୍ତର ଉପେନ୍ଦ୍ର ପ୍ରସାଦ ନାୟକ କବିଙ୍କ ସୃଷ୍ଟି ସମ୍ଭାରକୁ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ ଭାବେ ଅଭିହିତ କରିଥିଲେ। ସ୍ମୃତି ସଂସଦର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଲୋକକବିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଗୁରୁ ମହେଶ୍ୱର ସାହୁ ଓ ସାଥୀଙ୍କ ଦ୍ୱାରା ଜଗନ୍ନାଥ ପାଣିଙ୍କ ରଚିତ ସଙ୍ଗୀତ ଗାନ କରାଯାଇଥିଲା। ଏକାଡେମୀର ସହ-ସଚିବ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ, ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନନାୟକ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ତଥା ଓଡ଼ିଆ ସ୍ୱାଭିମାନର ପ୍ରତୀକ ମହାନ ଜନନାୟକ ବିଜୁ ପଟ୍ଟନାୟକ ଜଣେ କିମ୍ବଦନ୍ତୀ ପୁରୁଷ ଥିଲେ। ସେ ନିଜର ଦୁଃସାହସିକତା, ନିର୍ଭୀକତା, ସେବାଭାବ ଓ ତ୍ୟାଗମୟ ଜୀବନ ମାଧ୍ୟମରେ ଓଡ଼ିଆ ଜାତିର ଗୌରବକୁ ସୁଦୃଢ଼ କରିଥିଲେ। ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଅବସରରେ ଆଜି ସାରା ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ବିଜୁବାବୁଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ, ଦୁଃସାହସିକ ବୈମାନିକ, ଲୋକପ୍ରିୟ ରାଜନୀତିଜ୍ଞ ଓ ସମାଜସେବକ ଭାବେ ତାଙ୍କର ଅସାଧାରଣ ଅବଦାନ ସଦା ସ୍ମରଣୀୟ ରହିବ ବୋଲି ଏହି ଅବସରରେ ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି କ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜୟଦେବ ଭବନ, ଭୁବନେଶ୍ୱରରେ ଆୟୋଜିତ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଅବସରରେ ସାନ୍ଧ୍ୟ ସମାରୋହ ପାଳିତ ହୋଇଥିଲା। ଏହି ଅବସରରେ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ଗୁରୁବୀର ସିଂହ, ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ବିତ୍ତ ପରାମର୍ଶଦାତା ପୃଥ୍ୱୀରାଜ ପାଣି ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ପରେପରେ ଭଜନ ସମାରୋହ ଆୟୋଜିତ ହୋଇଥିଲା ଏବଂ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ କଣ୍ଠଶିଳ୍ପୀ ସୌରଭ ନାୟକଙ୍କ ସହ ଗାୟିକା ଯଶସ୍ୱିନୀ ନାୟକ ଓ ଗୋପାଳଙ୍କ ଦ୍ୱାରା ଭକ୍ତି ସଂଗୀତ ପରିବେଷଣ କରାଯାଇଥିଲା। ସଙ୍ଗୀତରେ ତବଲାରେ ରାକେଶ, ଢୋଲକରେ ସାଗର, ଅକ୍ଟୋପ୍ୟାଡରେ ଅଭିଳାଷ ଏବଂ କିବୋର୍ଡରେ ବସନ ମିଶ୍ର ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ବିନୋଦ ଓ ସୁନୀତାଙ୍କ ଦ୍ୱାରା କରାଯାଇଥିଲା। ଏହି ସମଗ୍ର ପରିବେଷଣ ଉପସ୍ଥିତ ଦର୍ଶକମାନଙ୍କୁ ଭାବବିହ୍ୱଳ କରିଥିଲା। ସାନ୍ଧ୍ୟ ସମାରୋହରେ ବିଭିନ୍ନ ସ୍ତରର ବିଶିଷ୍ଟ ବ୍ୟକ୍ତିବର୍ଗ, ସାମାଜିକ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ବରପୁତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ୪୮ ବିଦ୍ୟାଳୟର କୋଠା ଅସୁରକ୍ଷିତ

**କଟକ,୧୭।୪/ଏନ୍ଏନ୍ଏସ୍:** କଟକ ସହରରେ ଏବେ ୪୮ଟି ବିଦ୍ୟାଳୟର କୋଠା ଅସୁରକ୍ଷିତ ରହିଛି। ହାଇକୋର୍ଟରେ କଟକ ସହର ସମସ୍ୟାର ଶୁଣାଣି ବେଳେ ଜିଲ୍ଲା ପ୍ରଶାସନ ୪୮ଟି ବିଦ୍ୟାଳୟର ଅସୁରକ୍ଷିତ କୋଠା ସଂକ୍ରାନ୍ତରେ ତଥ୍ୟ ପ୍ରଦାନ କରିଛି। ଜିଲ୍ଲା ପ୍ରଶାସନ ରିପୋର୍ଟରେ ଦର୍ଶାଯାଇଛି ଯେ କଟକ ସହରରେ ଥିବା ସ୍କୁଲଗୁଡ଼ିକ ମଧ୍ୟରୁ ୪୮ଟି ସ୍କୁଲକୁ ପରିଦର୍ଶନ କରାଯାଇଛି। କଟକ ଆର୍ ଆଣ୍ଡ ବି ଡିଭିଜନ -୧ ଓ କଟକ ଆର ଆଣ୍ଡ ବି ଡିଭିଜନ-୨ ପକ୍ଷରୁ ୨୪ଟି ଲେଖାଏଁ ବିଦ୍ୟାଳୟର ସୁରକ୍ଷା ସ୍ଥିତି ସଂକ୍ରାନ୍ତରେ ତଥ୍ୟ ପ୍ରଦାନ କରାଯାଇଛି। ଉକ୍ତ ରିପୋର୍ଟ ବିଦ୍ୟାଳୟ କୋଠାଗୁଡ଼ିକ ଅତ୍ୟନ୍ତ ବିପଦସଙ୍କୁଳ ସ୍ଥିତିରେ ଅଛି ବୋଲି ଦର୍ଶାଉଛି। ବିଶେଷ କରି ବକ୍ସିବଜାର ମିଶନ୍ ରୋଡ୍‌ସ୍ଥିତ ସେ ଜାଭିୟର ସ୍କୁଲ ମରାମତି ଅଭାବରୁ ଭାଙ୍ଗିରୁଜି ଯାଇଥିବା ଏକ ପୁରୁଣା ଓ ଅତ୍ୟନ୍ତ ଖରାପ କୋଠାରେ ପରିଚାଳିତ ହେଉଛି। ତେବେ ଏହି ବିଦ୍ୟାଳୟର ସୁରକ୍ଷିତ ସ୍ଥିତି ସଂକ୍ରାନ୍ତରେ କୌଣସି ଷ୍ଟ୍ରକ୍‌ଚରାଲ୍ ଷ୍ଟାବିଲିଟି ରିପୋର୍ଟ ପ୍ରଦାନ କରାଯାଇନଥିବା ହାଇକୋର୍ଟ ତାଙ୍କ ଆଦେଶରେ ଦର୍ଶାଇଛନ୍ତି। କଟକ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାଶ ହାଇକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ଅଧ୍ୟୟନରତ ପିଲା, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟ କର୍ମଚାରୀମାନଙ୍କର ସୁରକ୍ଷା ଦୃଷ୍ଟିରୁ ପଦକ୍ଷେପ ଗ୍ରହଣ କରାଯିବ। ଆବଶ୍ୟକ ହେଲେ ସ୍କୁଲ ମ୍ୟାନେଜମେଣ୍ଟ ସହ ପରାମର୍ଶ କରି ଅତ୍ୟାବଶ୍ୟକ ବ୍ୟବସ୍ଥା ନିଆଯିବ। ତେବେ ଏ ସଂକ୍ରାନ୍ତରେ ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ଆଗାମୀ ମେ ମାସ ୪ ତାରିଖ ସୁଦ୍ଧା ଜିଲ୍ଲା ପ୍ରଶାସନ ସତ୍ୟପାଠ ଆକାରରେ ଜଣାଇବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ

### ସମ୍ବିଧାନ ସଂଶୋଧନ ...

ନେଇ ସରକାରୀ ମେଣ୍ଟର ମହିଳା ସାଂସଦମାନେ ତୀବ୍ର ପ୍ରତିବାଦ ପ୍ରଦର୍ଶନ କରିବାକୁ ଦେଖିବାକୁ ମିଳିଛି। ଫଳରେ ବାହାରେ ଏନଡିଏ ମହିଳା ସାଂସଦମାନେ ହାତରେ ପ୍ଲାକାର୍ଡ ଧରି କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଙ୍କ ବିରୋଧରେ ନାରାବାଜି କରିବା ସହ ପଦଯାତ୍ରା ମଧ୍ୟ କରିବା ଦେଖିବାକୁ ମିଳିଛି। ଏନଡିଏ ମହିଳା ସାଂସଦଙ୍କ କହିବା କଥା ଯେ, କଂଗ୍ରେସ ଏବଂ ବିରୋଧୀ ଦଳଗୁଡ଼ିକ ମହିଳାଙ୍କ ରାଜନୈତିକ ଅଧିକାରକୁ ସଂକୁଚିତ କରିବାକୁ ଚେଷ୍ଟା କରୁଛନ୍ତି। ଦୀର୍ଘ ସମୟ ଧରି କ୍ଷମତାରେ ରହିଥିବା କଂଗ୍ରେସ ଯେଉଁ କାମ କରିନଥିଲା, ଆଜି ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ ସେସବୁ କରିବାକୁ ଚାହୁଁଛନ୍ତି ଏବଂ ଦେଶର ମହିଳାମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ଦେବାକୁ ଚେଷ୍ଟା କରୁଛନ୍ତି ସେତେବେଳେ କଂଗ୍ରେସ ବାଧା ସୃଷ୍ଟି କରୁଛି। ଆଗାମୀ ଦିନରେ କଂଗ୍ରେସ ଦେଶବାସୀ ଆଗରେ ଉଚିତ୍ ଜବାବ୍ ଦେବେ। ଗୃହକୁ ଆସନ୍ତା କାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ଆସନ୍ତା କାଲି ଏହି ସ୍ୱତନ୍ତ୍ର ଅଧିବେଶନର ଅନ୍ତିମ ଦିବସ ଥିବା ବେଳେ ଏହି ବିଲ୍କୁ ରାଜ୍ୟସଭାରେ ଉପସ୍ଥାପନା କରାଯିବାର ଥିଲା। କିନ୍ତୁ ଏବେ ଯେତେବେଳେ ଲୋକସଭାରେ ବହୁମତି ସ୍ପଷ୍ଟ ହୋଇଯାଇଛି, ଆସନ୍ତାକାଲି ରାଜ୍ୟସଭାରେ ଏହାକୁ ଉପସ୍ଥାପନ କରାଯିବା ବୈଧାନିକ ଦୃଷ୍ଟିକୋଣରୁ ସମ୍ଭବ ନୁହେଁ। ସାମ୍ବିଧାନିକ ନିୟମ ଅନୁଯାୟୀ, ଯଦି କୌଣସି ସମ୍ବିଧାନ ସଂଶୋଧନ ବିଲ୍ ଗୋଟିଏ ସଦନରେ (ଏଠାରେ ଲୋକସଭା) ଆବଶ୍ୟକୀୟ ବହୁମତ ନ ପାଇ ଖାରଜ ହୁଏ, ତେବେ ସେହି ବିଲ୍ଟି ସେହିଠାରେ ହିଁ ଶେଷ ହୋଇଯାଏ। ଏହାକୁ ସେହି ସମାନ ରୂପରେ ଅନ୍ୟ ସଦନକୁ ପଠାଯାଇପାରିବ ନାହିଁ। କିନ୍ତୁ ଯଦି ସରକାର ଚାହିଁବେ ତେବେ ସେମାନଙ୍କୁ ସମ୍ପୂର୍ଣ୍ଣ ନୂଆ ପ୍ରକ୍ରିୟା ମାଧ୍ୟମରେ ଏକ ନୂତନ ବିଲ୍ ଆଣିବାକୁ ପଡ଼ିବ, ଯାହା ପାଇଁ ପୁଣିଥରେ କ୍ୟାବିନେଟ୍ ମଞ୍ଜୁରୀ ଏବଂ ସଦନରେ ନୋଟିସ୍ ଦେବା ଆବଶ୍ୟକ।

### ହର୍ମୁଜ୍ ଖୋଲିଲା ଇରାନ୍ ...

ଲେବାନନ ସହ ଇସ୍ରାଏଲର ଅସ୍ଥାୟୀ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ପ୍ରକାଶ, ଆମେରିକାର ପ୍ରଚେଷ୍ଟାରେ ହୋଇଥିବା ଏହି ବୁଝାମଣା ଅନୁଯାୟୀ, ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ୧୦ ଦିନ ପାଇଁ ସମସ୍ତ ପ୍ରକାର ଆକ୍ରମଣ ବନ୍ଦ ରହିବ। ଏହି ଅସ୍ଥାୟୀ ଯୁଦ୍ଧବିରତିକୁ ସମ୍ମାନ ଜଣାଇ ଇରାନ୍ ହର୍ମୁଜ୍ ଉନ୍ମୁକ୍ତ କରିବାକୁ ନିଷ୍ପତ୍ତି ନେଇଛି। ଅରାଘଚିଙ୍କ କହିବାନୁସାରେ ଜାହାଜଗୁଡ଼ିକ ଏକ ସୁରକ୍ଷିତ ମାର୍ଗ ଦେଇ ଗତି କରିବ, ଯାହାକୁ ଇରାନର ପୋର୍ଟସ୍ ଏଣ୍ଡ ମ୍ୟାରିଟାଇମ୍ ଅର୍ଗାନାଇଜେସନ୍ ପୂର୍ବରୁ ସ୍ଥିର କରିଛି, ଯାହାଫଳରେ ଯାତ୍ରା ସମୟରେ କୌଣସି ବିପଦ ରହିବ ନାହିଁ। ସାମୁଦ୍ରିକ ବାଣିଜ୍ୟ ଯେପରି ପ୍ରଭାବିତ ନ ହୁଏ, ସେଥିପାଇଁ ଜାହାଜଗୁଡ଼ିକର ସୁରକ୍ଷିତ ଯାତାୟତ ନିଶ୍ଚିତ କରାଯିବ ବୋଲି ଅରାଘଚି କହିଛନ୍ତି। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଟ୍ରୁଥ୍ ସୋସିଆଲ୍'ରେ ଏକ ପୋଷ୍ଟ କରି ଇରାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ହର୍ମୁଜ ପ୍ରଣାଳୀ ସମ୍ପୂର୍ଣ୍ଣ ରୂପେ ଖୋଲିଯାଇଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି। କିନ୍ତୁ ସେ ଏହାରି ମଧ୍ୟରେ ଏକ ବିବାଦୀୟ ବୟାନ୍ ମଧ୍ୟ ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ଇରାନ୍ ନିଜ ୟୁରାନିୟମ ଭଣ୍ଡାରକୁ ମଧ୍ୟ ଆମେରିକାକୁ ହସ୍ତାନ୍ତର କରିବାକୁ ରାଜି ହୋଇଛି। ଏହାର ଜବାବରେ ଇରାନ୍ ଦର୍ଶାଇଛି ଯେ, ଟ୍ରମ୍ପ୍ ପବନରେ ଘର ତୋଳିବାର ବୃଥା ପ୍ରୟାସ କରିବା ବନ୍ଦ କରିବା ମଙ୍ଗଳକାରୀ ହେବ।

### ଜୀବନ ହାରିଲେ ...

ଠାକୁରମୁଣ୍ଡା ଥାନା ଅଧିକାରୀ ଏବଂ ମାଜିଷ୍ଟ୍ରେଟ ଭାବେ ଠାକୁରମୁଣ୍ଡା ତହସିଲଦାର ପହଞ୍ଚିଥିଲେ। ମୃତକ ଦ୍ୱୟଙ୍କ ଘର ଲୋକଙ୍କ ଉପସ୍ଥିତିରେ ପୁଲିସ ଗଛରୁ ଦୁଇ ମୃତଦେହତଳକୁ ଓହ୍ଲାଇ ଯାଞ୍ଚ କରିବା ପରେ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ହସ୍‌ପିଟାଲକୁ ପଠାଇଥିଲା। ପ୍ରେମରେ କୌଣସି ପ୍ରକାର ବାଧା ଆସିବାରୁ ସେମାନେ ଏଭଳି ଏକ ପଦକ୍ଷେପ ନେଇଥିବା ଆଲୋଚନା ହେଉଥିବା ବେଳେ ପୁଲିସ ଘଟଣାର ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଓ ତଦନ୍ତ ଶେଷ ହେବା ପରେ ସେମାନଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

### ଜଗିବେ ସିକ୍ୟୁରିଟି ...

ଅଭିଯୋଗ ନେଇ ମୁହାଁମୁହିଁ ହୋଇ ଡାକ୍ତରଙ୍କୁ କର୍ମ କ୍ଷେତ୍ରରେ ମାଡ଼ ମରାଯାଇଥାଏ। ଯାହା ଫଳରେ ଅନେକ ସମୟରେ ଲହୁଲୁହାଣ ହେଉଛନ୍ତି ଡାକ୍ତର। ଯାହାକୁ ନେଇ ନିଜର ସୁରକ୍ଷା ପ୍ରତି ସେମାନେ ବେଶ ଚିନ୍ତିତ ରହିଆଆନ୍ତି। ତେବେ ଏନେଇ ୨୪ ଘଣ୍ଟା ରୋଗୀ ସେବାରେ ନିୟୋଜିତ ଥିବା ଡାକ୍ତରଙ୍କୁ ସୁରକ୍ଷା ଦେବେ ରାଜ୍ୟ ସରକାର।

### ୪ ନକ୍ସଲ ନିପାତ ...

ଚତରା-ହଜାରୀବାଗ ପୁଲିସ ଓ କୋବ୍ରା ବାଟାଲିୟନ କର୍ମଚାରୀମାନେ ଅପରେସନ ଆରମ୍ଭ କରିଥିଲେ। ଏହି ସମୟରେ ନକ୍ସଲଙ୍କ ସହିତ ସେମାନଙ୍କର ଗୁଳିବିନିମୟ ହୋଇଥିଲା। ବହୁ ସମୟ ଧରି ଏ ଗୁଳି ବିନିମୟ ଚାଲିଥିଲା। ଯବାନଙ୍କ ଗୁଳିରେ ୪ ଜଣ ନକ୍ସଲ ନିହତ ହୋଇଥିଲେ।

### ସାର କଳାବଜାରୀ ...

ବର୍ଷ କେନ୍ଦ୍ର ସରକାର ବିଭିନ୍ନ ସାର ପାଇଁ ୧୧,୪୨,୯୫୦ ମେଟ୍ରିକ ଟନର ସାର ଯୋଗାଇଦେବେ। ଏପ୍ରିଲ ମାସ ପାଇଁ ୭୯,୬୩୦ ମେଟ୍ରିକ ଟନ ସାର ଆବଶ୍ୟକ ଥିବାବେଳେ, ଏପ୍ରିଲ ୧୫ ସୁଦ୍ଧା ୩,୬୧,୪୯୦ ମେଟ୍ରିକ ଟନ ସାର ଉପଲବ୍ଧ ଅଛି। ରାଜ୍ୟରେ ସାର ହୋଲସେଲର ବିକ୍ରେତା ମାନଙ୍କ ସଂଖ୍ୟା ୧୦୨୯ ଥିବାବେଳେ ଖୁଚୁରା ବିକ୍ରେତାଙ୍କ ସଂଖ୍ୟା ୧୨,୦୯୩ ଅଛି। ବୈଠକରେ ସୂଚନା ଦିଆଯାଇଥିଲା ଯେ, କେନ୍ଦ୍ର ସରକାରଙ୍କ ସାର ବିଭାଗ ପକ୍ଷରୁ ଏକ ଇଣ୍ଟିଗ୍ରେଟେଡ୍ ଫର୍ଟିଲାଇଜର ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଏଫଏମଏସ) ଆରମ୍ଭ କରାଯାଇଛି। ଏଥିରେ ପ୍ରତ୍ୟେକ ଜିଲ୍ଲାର ଦୈନିକ ସାର ଉପଲବ୍ଧତା ଓ ଆବଣ୍ଟନ ସମ୍ପର୍କରେ ସୂଚନା ପ୍ରଦାନ କରାଯାଉଛି। ସାର ଯୋଗାଣ ପରିସ୍ଥିତି ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ରାଜ୍ୟରେ ବର୍ତ୍ତମାନ ୧.୭୭ ଲକ୍ଷ ମେଟ୍ରିକ ଟନ ୟୁରିଆ ଓ ୬୦ ହଜାର ମେଟ୍ରିକ ଟନରୁ ଅଧିକ ଡିଏପି ସାର ମହଜୁଦ ଅଛି। ତେବେ ପରିସଂଖ୍ୟାନରେ ସୀମିତ ନରହି ଲାଷ୍ଟ ମାଇଲ ଡେଲିଭରୀ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କଳାବଜାରୀ ଓ ସାର ମହଜୁଦକାରୀ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପାଇକାରୀ ଓ ଖୁଚୁରା ବିକ୍ରେତାଙ୍କ ଗୋଦାମକୁ ସମୟ ସମୟରେ ଯାଞ୍ଚ କରାଯାଉ। ଜିଲ୍ଲାପାଳ ମାନେ ହଠାତ ପରିଦର୍ଶନରେ ଯାଇ ଯାଞ୍ଚ କରନ୍ତୁ। ବେନିୟମ ସାର ମହଜୁଦକାରୀଙ୍କ ବିରୋଧରେ ଏଫଆଇଆର କରି ସେମାନଙ୍କ ଲାଇସେନ୍ସ ବାତିଲ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ସାର ଯୋଗାଣର ଏହି ପରିସ୍ଥିତି ସମୟରେ ଯେପରି ପଡ଼ୋଶୀ ରାଜ୍ୟକୁ ସାର ଚୋରାଚାଲଣ ନହୁଏ ସେଥିପାଇଁ ପୁଲିସ ଓ କୃଷି ବିଭାଗ ମିଳିତ ଭାବେ ସୀମାନ୍ତ ଅଞ୍ଚଳର ଚେକପୋଷ୍ଟ ଗୁଡିକ ଉପରେ ନଜର ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ଫର୍ଟିଲାଇଜର ମୁଭେମେଣ୍ଟ କେଣ୍ଟ୍ରାଲ ଅର୍ଡର ଅନୁଯାୟୀ ପ୍ରତ୍ୟେକ ସନ୍ଦେହ ଜନକ ଗାଡିର ଯାଞ୍ଚ ହେବା ଜରୁରୀ। ଏହାଛଡ଼ା ବେଳେବେଳେ ଶିଳ୍ପ କ୍ଷେତ୍ରରେ ରେଜିନ୍, ପ୍ଲାଇଉଡ କିମ୍ବା ପଶୁଖାଦ୍ୟ ଶିଳ୍ପକୁ ଚାଷପାଇଁ ଉଦ୍ଦିଷ୍ଟ ସବସିଡ଼୍ୟୁକ୍ତ ୟୁରିଆ ଚୋରାଚାଲଣ ହେବାର ଆଶଙ୍କା ଥାଏ। ତେଣୁ, ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ଗୁଡିକ ଏହାର ଯାଞ୍ଚ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପଞ୍ଚାୟତସ୍ତରରେ ସାରର ଉପଲବ୍ଧତା ଏବଂ ଯୋଗାଣ ବ୍ୟବସ୍ଥାକୁ ସୁନିୟନ୍ତ୍ରୀତ କରିବା କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ନିରୀକ୍ଷଣ ସମିତି ଗଠନ କରାଯାଉଛି। ସୂଚନାଯୋଗ୍ୟ ରାଜ୍ୟରେ ୬୭୯୪ଟି ଗ୍ରାମପଞ୍ଚାୟତ ଥିବା ବେଳେ, ତନ୍ମଧ୍ୟରୁ ୬୨୨୯ଟି ପଞ୍ଚାୟତରେ ଏହା ଗଠନ କରାଯାଇଛି। ବାକି ୫୬୫ଟି ପଞ୍ଚାୟତରେ ବାକି ଅଛି। ଏହାକୁ ଦୁଇ-ତିନ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଚାଷୀମାନେ ଯେପରି ସରକାରଙ୍କ ସମସ୍ତ ଯୋଜନାର ସୁଫଳ ଠିକ୍ ଭାବେ ପାଇପାରିବେ ସେଥିପାଇଁ ଚାଷୀମାନଙ୍କର ଡିଜିଟାଲ ପଞ୍ଜୀକରଣ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୪୪ ଲକ୍ଷ ଚାଷୀଙ୍କ ମଧ୍ୟରୁ ୧୫ ଲକ୍ଷ ଚାଷୀଙ୍କର ଡିଜିଟାଲ ଫାର୍ମର୍ ଆଇଡି କରାଯାଇଛି। ଏହାକୁ ମିଶନ ମୋଡରେ କାର୍ଯ୍ୟକାରୀ କରି ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଚାଷୀ ସମସ୍ତ ପ୍ରକାର ସରକାରୀ ସୁବିଧା ଓ ସହାୟତା ଠିକ୍ ଭାବେ ପାଇବା ସହିତ ସାର ବଣ୍ଟନରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆସିପାରିବ। ଚାଷୀମାନଙ୍କୁ ୟୁରିଆ ପରି ଅଧିକ କେମିକାଲ ସାର ବ୍ୟବହାର ନକରି ସନ୍ତୁଳିତ ସାର ପ୍ରୟୋଗ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଜୈବିକ ସାର, ନାନୋ ୟୁରିଆ ପ୍ରଭୃତି ବିକଳ୍ପ ସାର ବ୍ୟବହାର କରିବା ପାଇଁ ଚାଷୀ ମାନଙ୍କୁ ସଚେତନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ବିଭିନ୍ନ ସାର ବିକ୍ରୟ କେନ୍ଦ୍ର ମାନଙ୍କରେ ସାରର ଷ୍ଟକ୍ ପରିମାଣ ଓ ଏହାର ଦାମ୍ ସଂପର୍କରେ ତଥ୍ୟ ପ୍ରଦର୍ଶନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀ ଯେପରି ବୁଝି ପାରିବେ, ତାକୁ ଧ୍ୟାନରେ ଓଡ଼ିଆ ଭାଷାରେ ବଡ ବଡ ଅକ୍ଷରରେ ଏହି ତଥ୍ୟ ପ୍ରଦର୍ଶନ କରିବା ଅତ୍ୟନ୍ତ ଜରୁରୀ। ବୈଠକରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଅଧିକାରୀମାନଙ୍କୁ ସାର ବଣ୍ଟନ ବ୍ୟବସ୍ଥା ସୁନିୟନ୍ତ୍ରୀତ କରିବା ପାଇଁ ପରାମର୍ଶ ଦେଇଥିଲେ।

# ଚାଷୀଙ୍କ ଦୁଃଖ: କରଞ୍ଜା ନାଳ ଜଳସେଚନ ପ୍ରକଳ୍ପ



**ରାୟଗଡ଼ା, ୧୭।୪/ଏନ୍‌ଏନ୍‌ଏସ୍:** ସରକାର ଚାଷୀଙ୍କୁ ଜଳସେଚନ ସୁବିଧା ଦେବା ପାଇଁ ବିଭିନ୍ନ ଯୋଜନା ଓ ଅନୁଦାନର ବ୍ୟବସ୍ଥା କରୁଛନ୍ତି। ମାତ୍ର ବିଭାଗର ଉଦାସୀନତା ଓ ତଦାରଖ ଅଭାବରୁ କୃଷି ଓ କୃଷକଙ୍କ ବିକାଶରେ ଅଗ୍ରଗତି ହୋଇପାରୁ ନାହିଁ। ଏପରି ସ୍ଥିତି ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଆମ୍ବଦଲା ନିକଟସ୍ଥ କରଞ୍ଜା ନାଳ ଜଳସେଚନ ପ୍ରକଳ୍ପରେ ପରିଲକ୍ଷିତ ହୋଇଛି। ଏହି ପ୍ରକଳ୍ପର ପୁନରୁଦ୍ଧାର ପାଇଁ ଲକ୍ଷାଧିକ ଟଙ୍କା ଅନୁଦାନ ଦିଆଯାଇଥିଲା। ହେଲେ କେନାଲ୍ ମରାମତି ହୋଇନଥିବାରୁ ସ୍ଥାନୀୟ କାଣିବୋରି, ଗେରେଙ୍ଗାଲି, କସୁମଗୁଡ଼ା, ପାଙ୍ଗାଡ଼ି, କାଠବାଡ଼ି, ରୋଟୋଡ଼ି, ବିରୁପଡ଼ା ଓ ଗମଡ଼ଗୁଡା ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗମଡ଼ଗୁଡ଼ା ସରପଞ୍ଚ ଅନନ୍ତ ନୁଣ୍ଡରୁକା ଏବଂ ଅଞ୍ଚଳର ଚାଷୀ ବିଭାଗୀୟ ଯନ୍ତ୍ରୀ ଅଶୋକ କୁମାର ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହୋଇନଥିବା ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପରୁ ପ୍ରାୟ ୪ କିଲୋମିଟର୍ ବ୍ୟାପି କେନାଲ୍ ବିଭିନ୍ନ ସ୍ଥାନରେ ଭାଙ୍ଗିଯାଇଛି। କେନାଲ୍ ସ୍ଥିତି ଅନୁଧ୍ୟାନ କରି ସ୍ଥାନୀୟ ଚାଷୀ ବିଶି ତାମରକାଣ୍ଡି, ରାମ୍ମୂର୍ତ୍ତି ତାମରକାଣ୍ଡି, ମୁକୁନ୍ଦ ମୁଣିକାଲି, ବାବେୟା ତାମରକାଣ୍ଡି, ସରୋଜ ତାମରକାଣ୍ଡି ଓ ଶ୍ରୀରାମ ତାମରକାଣ୍ଡି ପ୍ରମୁଖ ଏପରି ସରକାରୀ ଅବ୍ୟବସ୍ଥାର ପ୍ରତିବାଦ କରିଛନ୍ତି। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକର ଗମଡ଼ଗୁଡ଼ା ପଞ୍ଚାୟତର ଆଦିବାସୀବହୁଳ ଅଞ୍ଚଳରେ ଜଳସେଚନ ପାଇଁ ୨୦୦୬ରେ କାଣିବୋରି ଗ୍ରାମରେ କରଞ୍ଜାନାଳରେ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ସେତେବେଳେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇ ରାୟଗଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳରେ ଚାଷୀଙ୍କ ପାଇଁ ଆଶା ସଞ୍ଚାର କରିଥିଲା। ତେବେ ଦୀର୍ଘଦିନ ହେଲା ପ୍ରକଳ୍ପର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନଥିବାରୁ ଜଳସେଚନରେ ସମସ୍ୟା ସୃଷ୍ଟି ହୋଇଛି। ଏନେଇ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷରେ ଲକ୍ଷାଧିକ ଟଙ୍କାର ବ୍ୟୟଅଟକଳରେ ଉନ୍ନତିକରଣ ନାମରେ ଟଙ୍କାକୁ ଚଳୁ କରିଥିବା କଥା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ପ୍ରକଳ୍ପ ଅଧପନ୍ତରିଆ ହୋଇପଡ଼ିଥିବାରୁ ଚାଷୀ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀ ଚାଷ ସମୟରେ ଜମିକୁ ପାଣି ମାଡ଼ିବ କି ନାହିଁ ଏନେଇ ଚାଷୀଙ୍କ ମଧ୍ୟରେ ଆଶଙ୍କା ରହିଛି। ଏନେଇ ରାୟଗଡ଼ା କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ବିଭାଗୀୟ ମୁନିଗୁଡ଼ା ଏସ୍‌ଡିଓ ଏମ୍ ସନ୍ତୋଷ ଓ ଯନ୍ତ୍ରୀ ଅଶୋକ କୁମାର ସେଠୀ ପ୍ରମୁଖ ଉକ୍ତ ପ୍ରକଳ୍ପର ବିଭାଗୀୟ ତଥ୍ୟ ଦେଉନଥିବାବେଳେ କୋଟି କୋଟି ଟଙ୍କାରେ ନିର୍ମିତ ଚେକ୍ ଡ୍ୟାମ୍ ଚାଷୀଙ୍କ କୌଣସି କାମରେ ନ ଲାଗିବା ଦୁର୍ଭାଗ୍ୟର ବିଷୟ ପାଲଟିଛି। ଏହି ଅଞ୍ଚଳରେ ଅଧିକାଂଶ ଚାଷ ଜମି ପଡ଼ିଆ ପଡ଼ିଥିବାବେଳେ ଚାଷ ପାଇଁ ଆବଶ୍ୟକ ପାଣିର ଅଭାବ ଏଠାରେ ବାଧକ ସାଜିଛି। ଅନ୍ୟପଟେ ସେଠାକାର ଗାଁ ଲୋକଙ୍କ କହିବାନୁଯାୟୀ, କେବଳ ବର୍ଷା ମାସରେ ଉକ୍ତ ଜମି ଗୁଡ଼ିକରେ ଚାଷ ହେଉଥିବାବେଳେ ଅନ୍ୟ ସମୟରେ ଜମି ଶୁଖିଲା ପଡୁଛି। ଫଳରେ ଅନ୍ୟ କିଛି ଉପାୟ ନପାଇ ପେଟ ପୋଷିବା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବାକୁ ପଡୁଥିବା କହିଛନ୍ତି। ଏହି ଚେକଡ୍ୟାମ୍‌ର ଯଦି ପୁନରୁଦ୍ଧାର କରାଯାଏ ତା'ହେଲେ ଏହି ଆଠଖଣ୍ଡ ଗାଁର ଲୋକଙ୍କୁ ଜୀବିକା ନିର୍ବାହ ପାଇଁ ବାହାର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ ବୋଲି ସରକାରଙ୍କ ନିକଟରେ ନିବେଦନ କରିଛନ୍ତି।

# ପାନୀୟଜଳ ସମସ୍ୟାକୁ ନେଇ ବିଡିଓଙ୍କ ଦ୍ୱାରସ୍ଥ

## ଟ୍ୟାଙ୍କର୍ ଯୋଗେ ପାଣି ଯୋଗାଇବାକୁ ବିଡିଓଙ୍କ ପ୍ରତିଶ୍ରୁତି



**ଲାଞ୍ଜିଗଡ଼, ୧୭।୪/ଏନ୍‌ଏନ୍‌ଏସ୍:** ଲାଞ୍ଜିଗଡ଼ ବ୍ଲକ୍‌ରେ ୨୬ଟି ପଞ୍ଚାୟତ ରହିଥିବାବେଳେ ଏବେ ବି ଅନେକ ଗାଁରେ ବିଶୁଦ୍ଧ ପାନୀୟଜଳ ପହଞ୍ଚି ପାରିନାହିଁ। ଫଳରେ ପାଣି ବୁନ୍ଦାଏ ପାଇଁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଏନେଇ ବିଜେପୁର ପଞ୍ଚାୟତ ସିଦ୍ଦିଭଟା ଗ୍ରାମବାସୀ ଲାଞ୍ଜିଗଡ଼ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାନୁସାରେ ସିଦ୍ଦିଭଟାରେ ୬୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ଦୀର୍ଘ ବର୍ଷ ଧରି ବସବାସ କରି ଆସୁଥିବାବେଳେ ଗାଁରେ ୩ଟି ନଳକୂପ ରହିଥିଲେ ମଧ୍ୟ ସେଥିମଧ୍ୟରୁ ୨ଟି ନଳକୂପରେ ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରୁ ନଥିବାରୁ ଗୋଟିଏ ନଳକୂପ ଉପରେ ୬୦ ପରିବାର ନିର୍ଭର କରୁଛନ୍ତି। ଫଳରେ ପାଣି ନିଅଣ୍ଟ ହେଉଛି। ଏନେଇ ପୂର୍ବରୁ ପଞ୍ଚାୟତଠାରୁ ବ୍ଲକ୍ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରିବା ପରେ ଗାଁରେ ଗୋଟିଏ ପକାକୂଅ ଖୋଳା ଯାଇଥିଲା। କିନ୍ତୁ ସେଥିରେ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରି ନଥିଲା। ତେବେ ଉକ୍ତ ଗାଁରେ ବର୍ଷ ବର୍ଷ ଧରି ପାନୀୟଜଳ ସମସ୍ୟା ଲାଗି ରହିଛି। ପାନୀୟଜଳ ସମସ୍ୟା ଅସହ୍ୟ ହେବାରୁ ଶୁକ୍ରବାର ପୁଣିଥରେ ସିଦ୍ଧିଭଟା ଗ୍ରାମର ପଦ୍ମଲୋଚନ ହରିଜନ, ଇନ୍ଦ୍ର ମାଝୀ, ବଳଭଦ୍ର ମାଝୀ, ସୁନା ମାଝୀ, ମଣି ମାଝୀ, ସବିତା ସାହୁ, ଜୟମତି ମାଝୀ, ସାଣେ ମାଝୀ, ଯମୁନା ମାଝୀ, ସସ୍ମିତା ମାଝୀ, ଘାସିରାମ ମାଝୀ, ଶଶୀ ମାଝୀଙ୍କ ସମେତ ସମସ୍ତ ଗ୍ରାମବାସୀ ପ୍ରମୁଖ ଏକତ୍ରିତ ହୋଇ ହାଣ୍ଡି, ଡେକ୍‌ଚି ଓ ଗଗରା ଧରି ଲାଞ୍ଜିଗଡ଼ ବିଡିଓଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ଦେବାସହ ସମସ୍ୟାକୁ ଉପସ୍ଥାପନା କରିଥିଲେ। ଏନେଇ ଯେପର୍ଯ୍ୟନ୍ତ ଉକ୍ତ ଗାଁରେ ବସୁଧା ଯୋଜନା ମାଧ୍ୟମରେ ହେଉ କିମ୍ବା ନଳକୂପ ମାଧ୍ୟମରେ ପାନୀୟଜଳ ସମସ୍ୟାର ସମାଧାନ ନହେଉଛି ସେପର୍ଯ୍ୟନ୍ତ ଟ୍ୟାଙ୍କର୍ ଯୋଗେ ପିଇବା ପାଣି ଯୋଗାଇବା ପାଇଁ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗୀୟ ଯନ୍ତ୍ରୀ ଯଶବନ୍ତ ମାଝୀ ମଧ୍ୟ ସମାନ ଭାବେ ପ୍ରତିକ୍ରିୟା ରଖିଛନ୍ତି।

# ନାରୀଶକ୍ତି ବନ୍ଦନ ଉତ୍ସବ କାର୍ଯ୍ୟକ୍ରମ



**ନବରଙ୍ଗପୁର, ୧୭।୪/ଏନ୍‌ଏନ୍‌ଏସ୍:** ନବରଙ୍ଗପୁର ଜିଲ୍ଲାରେ ନାରୀଶକ୍ତି ବନ୍ଦନ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ସଶକ୍ତ ନାରୀର ସମର୍ଥ ରାଷ୍ଟ୍ର, ସଶକ୍ତ ନାରୀ ସମର୍ଥ ଭାରତ' 'ନାରୀଙ୍କ ସମ୍ମାନ ଦେଶର ସ୍ୱାଭିମାନ' ଓ 'ମହିଳାଙ୍କ ଅଧିକାର ଦେଶର ଆଧାର' ସ୍ଲୋଗାନ୍ ଦେଇ ଏକ ବିଶାଳ ମହିଳା ଶୋଭାଯାତ୍ରା ନବରଙ୍ଗପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଅଭିନନ୍ଦନ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାକୁ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଏବଂ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଉପସ୍ଥିତ ରହି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ଅଭିନନ୍ଦନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥିରୂପେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀଶଙ୍କର ମାଝୀ, ସମ୍ମାନିତ ଅତିଥିଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବାସନ୍ତୀ ମାଝୀ, ରାଜ୍ୟ ନାରୀ ବନ୍ଦନ ସଂଯୋଜକ ଶର୍ମିଷ୍ଠା ଦେଓ, ସମାଜସେବୀ ମନୋରମା ମାଝୀ, ସମାଜ କଲ୍ୟାଣ ଅଧିକାରୀ ଦ୍ରପୌଦୀ କହଁର ଓ ବିଶିଷ୍ଟ ମହିଳା ସାମ୍ବାଦିକ ପ୍ରଭାତୀ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନରେ ନାରୀଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ଏବଂ ଆଜିର ନାରୀ ପ୍ରତ୍ୟେକ କ୍ଷେତ୍ରରେ ସମ୍ମାନର ସହ ପ୍ରଗତି କରୁଛି ବୋଲି ଅତିଥିଗଣ କହିଥିଲେ। ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ଓ ମିଶନଶକ୍ତି ମହିଳା ପ୍ରମୁଖ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାରେ ଭାରୀଯାନ ଚଳାଚଳ ଉପରେ କଟକଣା

## ଦୁର୍ଘଟଣା ରୋକିବା ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ

**ଝାରସୁଗୁଡ଼ା, ୧୭।୪/ଏନ୍‌ଏନ୍‌ଏସ୍:** ସହରର କେତେକ ପ୍ରମୁଖ ରାସ୍ତାରେ ବଢୁଥିବା ଦୁର୍ଘଟଣାକୁ ରୋକିବା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ କୁଣାଲ ମୋତିରାମ ଚୌହ୍ୱାଣ ମୋଟରଯାନ ଅଧିନିୟମ, ୧୯୮୮ର ଧାରା ୧୧୫ ଅନୁଯାୟୀ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଅର୍ଡା ଛକରୁ ସର୍କିଟ୍ ହାଉସ୍ ଛକ ମଧ୍ୟରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୂତନ ବସଷ୍ଟାଣ୍ଡ, ଡିପିଓ ଛକ ଓ ଓଏମ୍‌ପି ଛକ ଦେଇ ଯାଉଥିବା ରାସ୍ତାରେ ଭାରୀଯାନ ଚଳାଚଳକୁ ସୀମିତ କରାଯାଇଛି। ଏହି ରାସ୍ତାଟି ଅତ୍ୟଧିକ ଦୁର୍ଘଟଣା ପ୍ରବଣ ହୋଇପଡ଼ିଥିବାରୁ ନୂତନ ବସ୍‌ଷ୍ଟାଣ୍ଡର ସୁପରିଚାଳନା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯାତାୟତରେ ଯେପରି କୌଣସି ବାଧା ସୃଷ୍ଟି ନହୁଏ, ସେଥିପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନିୟମାନୁସାରେ, ୧୬,୨୦୦ କିଲୋଗ୍ରାମ୍ କିମ୍ବା ତା'ଠାରୁ ଅଧିକ ଓଜନ ବିଶିଷ୍ଟ ସମସ୍ତ ଭାରୀଯାନ (ଭର୍ତ୍ତି କିମ୍ବା ଖାଲି) ଉପରୋକ୍ତ ରାସ୍ତାରେ ଚଳାଚଳ କରିପାରିବେ ନାହିଁ। ଏହି କଟକଣା ୨୦୨୬ ଏପ୍ରିଲ୍ ୧ରୁ ୨୦୨୬ ଏପ୍ରିଲ୍ ୩୦ ପର୍ଯ୍ୟନ୍ତ ବଳବତ୍ତର ରହିବ। ବିକଳ୍ପ ବ୍ୟବସ୍ଥାସ୍ୱରୂପ ଏହି ସମସ୍ତ ଭାରୀଯାନ ଗୁଡ଼ିକ ଅର୍ଡା ଛକରୁ ସର୍କିଟ୍ ହାଉସ୍ ଛକ ପର୍ଯ୍ୟନ୍ତ ଏସ୍‌ଏଚ୍-୧୦ (ରାଜ୍ୟ ରାଜପଥ-୧୦) ଏବଂ ନୂତନ ଷ୍ଟାଡିୟମ୍ ଦେଇ ଯାତାୟାତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମ୍ପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରକ୍ଷୀ ଅଧୀକ୍ଷକ ଏବଂ ପରିବହନ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅବଗତ କରାଯାଇଛି। ଟ୍ରାଫିକ୍ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଜନସାଧାରଣ ଓ ଯାନବାହନ ମାଲିକମାନେ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

**ଏପ୍ରିଲ୍ ୩୦ ଯାଏଁ ବଳବତ୍ତର ରହିବ ନୂଆ ନିୟମ**

# ପ୍ରାଞ୍ଜଳ ମିଶ୍ର ଝରିଗାଁ ଆଦର୍ଶ ବିଦ୍ୟାଳୟ ଟପ୍ପର୍



**ଝରିଗାଁ, ୧୭।୪/ଏନ୍‌ଏନ୍‌ଏସ୍:** ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦଶମଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇଛି। ଝରିଗାଁ ଆଦର୍ଶ ବିଦ୍ୟାଳୟରେ ପରୀକ୍ଷା ଦେଇଥିବା ୬୭ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬୩ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ପ୍ରାଞ୍ଜଳ ମିଶ୍ର ୯୨.୨ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଟପ୍ପର୍ ହୋଇଛନ୍ତଶ । ସେହିପରି ଗୁଡ଼ିଆ ଦାସ ୯୧.୮ ପ୍ରତିଶତ ରଖି ଦ୍ୱିତୀୟ ଏବଂ ଶୁଭଶ୍ରୀ ପ୍ରଧାନ ୯୦.୨ ପ୍ରତିଶତ ରଖି ତୃତୀୟ ହୋଇଛନ୍ତି।

# ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା ପଦଯାତ୍ରା



**ମାଲକାନଗିରି, ୧୭।୪/ଏନ୍‌ଏନ୍‌ଏସ୍:** ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ସୁଭଦ୍ରା ଶକ୍ତି ମହିଳା ସଶକ୍ତିକରଣ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାମାଜିକ ପରିବର୍ତ୍ତନ ଏବଂ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ ଓ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଆରମ୍ଭ କରିଥିଲେ। ପରେ ସଂସ୍କୃତି ଭବନରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ନାରୀଶକ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରି ମହିଳାଙ୍କ ଆତ୍ମବିଶ୍ୱାସ ଏବଂ ଏକତା ହିଁ ଏକ ସମୃଦ୍ଧ ସମାଜର ପ୍ରକୃତ ଶକ୍ତି ବୋଲି କହିଥିଲେ। ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ ତାଙ୍ଗୁଲୁ ମହିଳାଙ୍କ ସହଯୋଗକୁ ପ୍ରଶଂସା କରି ଯେତେବେଳେ ଜଣେ ମହିଳା ସଶକ୍ତ ହୁଏ, ସେତେବେଳେ ସମ୍ପୂର୍ଣ୍ଣ ପରିବାର ଓ ସମାଜ ପ୍ରଗତି କରେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକ ଓ ଓଡ଼ିଶା ଜୀବିକା ମିଶନ୍‌ର ଜିଲ୍ଲା ପ୍ରକଳ୍ପ ସଂଯୋଜକ ହର୍ଷାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମହିଳାଙ୍କୁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ପଦଯାତ୍ରା ଏବଂ ପରବର୍ତ୍ତୀ ସଭା ସମୟରେ ମହିଳାଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା ଯାହା ଆଗାମୀ ଦିନରେ ଏକ ସଶକ୍ତ ଓ ପ୍ରଗତିଶୀଳ ମାଲକାନଗିରି ଗଠନରେ ସହାୟକ ହେବ।

# କ୍ୟାରିଅର୍ କାଉନ୍‌ସେଲିଂ କାର୍ଯ୍ୟକ୍ରମ

**ରେଢ଼ାଖୋଲ, ୧୭।୪/ଏନ୍‌ଏନ୍‌ଏସ୍:** ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୁଲ୍ୟରେ ଯୁଗ୍ମ କ୍ୟାମ୍ପସ୍‌ରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ କ୍ୟାରିଅର୍ କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନାକଟିଦେଉଳ କଲେଜର ଅଧ୍ୟକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ ଓ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହାନ୍ତ ଯୋଗଦେଇ କାର୍ଯ୍ୟନିର୍ବାହର ପନ୍ଥା, ବୃତ୍ତିଗତ ଜୀବନର କର୍ମ ପାଇଁ ପରାମର୍ଶର ଆବଶ୍ୟକତା ଓ ନିଯୁକ୍ତି ସୁବିଧା ଦିଗରେ ଓଡ଼ିଶା ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ସହିତ ଗ୍ରୀଷ୍ମ ଅବକାଶରେ ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ଆଇଏଏସ୍-ଓଏଏସ୍ ପରୀକ୍ଷା ପାଇଁ କୋଚିଂ ଓ କ୍ୟାରିଅର୍ କାଉନସେଲିଂ କରାଯିବା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ନାକଟିଦେଉଳର ଅତିରିକ୍ତ ତହସିଲଦାର୍ ଓଁ ପ୍ରକାଶ ବେହେରା ଯୋଗଦେଇ +୨ ଓ +୩ ପାଠ୍ୟକ୍ରମ ପରେ ଥିବା ବିଭିନ୍ନ କୋର୍ସ, ବୃତ୍ତିଗତ ସୁବିଧା, ତାଲିମ୍ ଓ ନିଯୁକ୍ତି ଭିତ୍ତିକ ପରୀକ୍ଷା ସମ୍ବନ୍ଧରେ ବିଶ୍ଳେଷଣ କରିଥିଲେ। ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ ପ୍ରାରମ୍ଭିକ ସୂଚନା ତଥା ଛାତ୍ରଛାତ୍ରୀଙ୍କ ପାଇଁ କ୍ୟାରିଅର୍ କାଉନ୍‌ସେଲିଂର ଉଦ୍ଦେଶ୍ୟ ବିଷୟରେ ସାମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ଶେଷଦେବ ବିଶ୍ୱାଳଙ୍କ ପରିଚାଳନାରେ ବିଭିନ୍ନ ପାଠ୍ୟକ୍ରମ ଓ ନିଯୁକ୍ତି ସୁବିଧା ଆଧାରିତ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।



# ବାର୍‌ହା ଆକ୍ରମଣରେ ଜଣେ ଗୁରୁତର

**ପାଟଣାଗଡ଼, ୧୭।୪/ଏନ୍‌ଏନ୍‌ଏସ୍:** ବାର୍‌ହା ଆକ୍ରମଣରେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ପାଟଣାଗଡ଼ ଥାନା ଅନ୍ତର୍ଗତ ତୁଳସୀଡୁଙ୍ଗ୍ରି ଗ୍ରାମର କୁନା ବର୍ଗେ ନିଜ କ୍ଷେତକୁ କାମ କରିବା ପାଇଁ ଯାଇଥିବାବେଳେ ହଠାତ୍ ଗୋଟିଏ ଜଙ୍ଗଲି ବାର୍‌ହା ଆକ୍ରମଣ କରିଥିଲା। ଆକ୍ରମଣ ପରେ ଗୁରୁତର ଅବସ୍ଥାରେ କୁନାକୁ ଉଦ୍ଧାର କରି ପ୍ରଥମେ ପାଟଣାଗଡ଼ ମେଡିକାଲ୍‌କୁ ଆଣି ଚିକିତ୍ସା କରାଯାଇଥିଲା। ପାଟଣାଗଡ଼ରେ ପ୍ରାଥମିକ ଚିକିତ୍ସା ପରେ କୁନା ବର୍ଗେଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି।

ଶାରୀରିକ ଉପବାସ ସହିତ ମନର ଉପବାସ ନହେଲେ ତାହା ହାନିକାରକ ହୋଇପାରେ।
- ଗାନ୍ଧୀ ବାଣୀ



## ଆମ ଗର୍ବ, ଆମ ଗୌରବ



**ଜଗଦୀଶ ସାହୁ**
**ଜନ୍ମ ତାରିଖ : ୧୯ ଜୁଲାଇ ୧୯୭୬**
**ଜନ୍ମସ୍ଥାନ/ସ୍ଥାୟୀ ଠିକଣା: ସଂଜପଡ଼ା, ହିନ୍ଦୋଳ, ଜି : ଢେଙ୍କାନାଳ**
**ମୋ: ୯୦୭୮୧୮୫୬୧୬**


ରାଜ୍ୟର ଜଣେ ଉଦୀୟମାନ ଶିଶୁସାହିତ୍ୟିକ। ଜଣେ ବ୍ୟଙ୍ଗକବି ରୂପେ ମଧ୍ୟ ଜଣାଶୁଣା। କବିତା ସଂକଳନ 'ଭକ୍ତ ବାନ୍ଧବ' ପ୍ରକାଶିତ। ଶିଶୁସାହିତ୍ୟ ରଚନା କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ଲାଭ କରିଛନ୍ତି ଶିଶୁସାହିତ୍ୟ ପ୍ରତିଭା ସମ୍ମାନ, ଅପରାହ୍ଣ କବିତା ସମ୍ମାନ, ମାଟି ଭାଷା ବ୍ୟଙ୍ଗକବି ସମ୍ମାନ ସମେତ ୧୦ରୁ ଊର୍ଦ୍ଧ୍ୱ ସମ୍ମାନ ଓ ପୁରସ୍କାର। ବିଭିନ୍ନ ସାହିତ୍ୟ ଓ ସାମାଜିକ ସଂଗଠନ ସହ ସଂପୃକ୍ତ ରହି ସମାଜ ସେବାରେ ନିଜକୁ ନିୟୋଜିତ ରଖିଛନ୍ତି।

**ଆମ ପ୍ରଶ୍ନ:** ବିଜ୍ଞାନ ବିଷୟ ବସ୍ତୁକୁ ନେଇ ଶିଶୁ କବିତା ରଚନା କଲେ ତାହାର ଲାଳିତ୍ୟ ନଷ୍ଟ ହେବାର ସମ୍ଭାବନା ଅଛି କି ?

**ଆପଣଙ୍କ ଉତ୍ତର:** ମୋ ମତରେ ଏଭଳି ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ଶିଶୁ କବିତା ସରଳ, ସୁନ୍ଦର, ମନୋରଞ୍ଜନଧର୍ମୀ ହେବା ଆବଶ୍ୟକ। ବିଜ୍ଞାନ ହେଉଛି ତଥ୍ୟ ବହୁଳ। ତେଣୁ ସେଥିରେ ଅନେକ କଠିନ ଓ ଯୁକ୍ତାକ୍ଷର ବିଶିଷ୍ଟ ଶବ୍ଦ ରହିବା ସ୍ୱାଭାବିକ। ସେଗୁଡ଼ିକର ଉପଯୋଗ ଦ୍ୱାରା କବିତାର ସ୍ୱର, ଛନ୍ଦ ଓ ଲାଳିତ୍ୟ ନଷ୍ଟ ହେବା ନିଶ୍ଚିତ। ଶିଶୁଟିଏ ସରଳ ତରଳ ଶବ୍ଦକୁ ଯେମିତି ଗ୍ରହଣ କରେ ଯୁକ୍ତାକ୍ଷର ସମ୍ବଳିତ ଶବ୍ଦକୁ ସେମିତି ଗ୍ରହଣ କରିପାରେ ନାହିଁ। ଅନ୍ୟ ପକ୍ଷରେ ଏ କଥା ମଧ୍ୟ ସତ ଯେ ଏବେ ପ୍ରତି କ୍ଷେତ୍ରରେ ବିଜ୍ଞାନର ଆବଶ୍ୟକତା ଅନୁଭବ ହେଉଛି। କିନ୍ତୁ ସେଗୁଡ଼ିକୁ କବିତା ବଦଳରେ ଗପ ଆକାରରେ ଲେଖା ଗଲେ ତାହା ଶିଶୁଙ୍କ ପାଇଁ ଅଧିକ ସୁଖପାଠ୍ୟ, ଗ୍ରହଣୀୟ ଓ ଶିକ୍ଷଣୀୟ ହୋଇପାରିବ।

### ଖରା କାଟିଲାଣି ଚାଇଁଚାଇଁ

ଖରା କାଟିଲାଣି ଚାଇଁଚାଇଁ
ମୁଣ୍ଡ ଦେହ କରେ ଝାଇଁଝାଇଁ
ବହେ ଘନଘନ ତତଲା ପବନ
ଶବଦ ଶୁଭଇ ସାଇଁସାଇଁ
ପଖାଳ ଭାତକୁ ଖୋଜୁଥାଏ ମନ
ଛଣା ଦରବକୁ ନାଇଁନାଇଁ।
ଝାଳ ବହିଯାଏ ଝରଝର
ଦେଲ ଲାଗେ ଓଦା ସରସର
ସକାଳୁ ରୋଷେଇବାସ ସାରିବାକୁ
ମାଆ ହେଉଥାନ୍ତି ତରତର
ଖରାରେ ବୁଲୁଛି ନାତିଟୋକା ଦେଖି
ଜେଜେମା ହୁଅନ୍ତି ଗରଗର।
ମାଟି ଫାଟି ଦିଶେ ଆଆଁ ଆଆଁ
ଦ୍ୱିପହର ଲାଗେ ଖାଆଁ ଖାଆଁ
ଖରାକୁ ନ ଡରି ଭୋକିଲା ଭିକାରୀ
ଭିକ ମାଗେ ବୁଲି ଗାଆଁ ଗାଆଁ
ଜେଜେମା କହିଲେ ଦହିବରା ଖାଅ
ଜେଜେ କହୁଛନ୍ତି ନାଆଁ ନାଆଁ।



ଗପ

## ଆ'ଲୋ କୋଇଲି ଗାଇଦେ ଗୀତ



ସଂଗ୍ରାମ କେଶରୀ ପୃଷ୍ଟି

ଆମ୍ବଗଛ ଡାଳରେ ବସି କୁହୁ କୁହୁ ତାନରେ ଗୀତ ବୋଲି ଚାଲିଥାଏ କୋଇଲି। ଆଃ ହା.. କି ମିଠା ସ୍ୱର! ଖୁସିରେ ଫାଟିପଡିଲା ମାମୁନି। ଏମିତି ମିଠା ଗୀତ ଆଗରୁ କେବେ ସେ ଶୁଣିନଥିଲା। ସେ ଆଉ ଡ଼େରି ନକରି ଧାଇଁଗଲା ବାପାଙ୍କ ପାଖକୁ।

- 'ବାପା! ବାପା! ଦେଖିବ ଆସ। ଆମ ଘର ଅଗଣାରେ ଆମ୍ବ ଗଛରେ କୋଇଲିଟିଏ କେତେ ସୁନ୍ଦର ଗୀତ ଗାଉଛି। ଚାଲନା, ତାକୁ ଧରି ଆଣିବା। ପଞ୍ଜୁରିରେ ରଖିବା। ନିଇତି ତା'ର ଗୀତ ଶୁଣିବା।' - କହିଲା ମାମୁନି।

ଝିଅ କଥାଶୁଣି ବାପା ହସିଦେଲେ। ମାମୁନିକୁ ଆଉଁସି ଦେଇ କହିଲେ -'ମା'ରେ, କୋଇଲିର ଗୀତ ଶୁଣି ତ ଖୁସି ହେଉଛୁ। ସେତିକି କ'ଣ ଯଥେଷ୍ଟ ନୁହେଁ ଯେ ତାକୁ ପଞ୍ଜୁରି ଭିତରେ ରଖିବା କଥା ଭାବୁଛୁ! ସେ ପରା ବଣର ପକ୍ଷୀ। ବଣ ଜଙ୍ଗଲ ତା' ଘର। ଖୋଲା ଆକାଶରେ ଉଡ଼ି ବୁଲି ସେ ଖୁସି ହୁଏ। ତାକୁ ବନ୍ଦୀ କରି ରଖିବାଟା କ'ଣ ଠିକ୍ ହେବ ?'

'ନାଇଁ ବାପା, ମୁଁ କିଛି ବି ଶୁଣିବିନି। ତୁମେ ଯେମିତି ହେଲେ କୋଇଲିଟିକୁ ଆଣି ମୋତେ ଦିଅ। ମୁଁ ତାକୁ ସୁଆଦିଆ ଖାଇବାକୁ ଦେଇ ପଞ୍ଜୁରିରେ ପୋଷା ମନାଇ ରଖିବି। ଦେଖୁନ, ଶୁଆ ତ ପୁଣି ପୋଷାମାନି ପଞ୍ଜୁରି ଭିତରେ ଅଛି। ରାମ ନାମ ଗାଉଛି। ତୁମେ କୋଇଲିକୁ ଆଣିଦିଅନା ବାପା।' - ଜିଦି ଲଗାଇଲା ମାମୁନି।

ଗେହ୍ଲା ଝିଅକୁ ଯେତେ ବୁଝାଇଲେ ବି ସେ ବୁଝିବାକୁ ନାରାଜ। ବାପା ବାଧ ହୋଇ ଶେଷରେ ଲୋକ ଲଗାଇ କୋଇଲିକୁ ଧରିଆଣିଲେ। ମାମୁନି ଖୁସିରେ ନୂଆ ପଞ୍ଜୁରିଟିଏ କିଣି ତା' ଭିତରେ କୋଇଲିଟିକୁ ପୂରାଇ ଦେଲା। ମିଠା ମିଠା ଫଳ ଖାଇବାକୁ ଦେଲା। ହେଲେ ସେ କିଛି ଖାଇଲା ନାହିଁ କି ଗୀତ ଗାଇଲା ନାହିଁ। ଚୁପ୍ ଚାପ୍ ଆଖିରୁ ଲୁହ ନିଗାଡ଼ି ବସିରହିଲା।



ତଥାପି ମାମୁନି ଆଶା ବାନ୍ଧି ବସିଥାଏ। ତା' କୋଇଲି ଗୀତ ଗାଇବ। ହେଲେ ଫଳ ହେଲା ଓଲଟା। ନଖାଇ ନପିଇ କୋଇଲିଟି ପଞ୍ଜୁରି ଭିତରେ ପଡ଼ି ରହିଲା। ତା' ଦଶା ଦେଖି ତାଙ୍କ ଅଗଣାରେ ଥିବା ଆମ୍ବ ଗଛକୁ ବି କୋଇଲି ଆସିଲେ ନାହିଁ। କୋଇଲିର ମିଠା ମିଠା ଗୀତ ଆଉ ଶୁଭିଲା ନାହିଁ। ଘର ଅଗଣାଟା ଖାଲି ଖାଲି ଲାଗିଲା। ଏହା ଦେଖି ମାମୁନି ମୁହଁ ଶୁଖେଇ ବସିରହିଲା।

**ବାପା ଏଥର କହିଲେ** -'ମାଆଲୋ, ଖୋଲା ଚଢ଼େଇକୁ ବାନ୍ଧି ରଖିଲେ ସେ କେଉଁ ଖୁସିରେ ଭଲା ଗୀତ ଗାଆନ୍ତା ଯେ!'

ମାମୁନି ଏଥର ବୁଝିଗଲା। ସତରେ ସେ ନିଜ ଖୁସି ପାଇଁ ସିନା ଖୋଲା ଆକାଶର ପକ୍ଷୀକୁ ବାନ୍ଧି ରଖିଥିଲା। ସେ ଆଉ ଡ଼େରିନକରି ପଞ୍ଜୁରିର କବାଟ ଖୋଲିଦେଲା। ଦେଖୁଦେଖୁ କୋଇଲିଟି ଫୁର୍ କିନା ଡେଣା ଝାଡ଼ି ଉଡ଼ିଗଲା। ଆଉ ଘର ଅଗଣାରେ ଥିବା ଆମ୍ବ ଗଛରେ ବସି କୁହୁ.. କୁହୁ.. ସ୍ୱରରେ ଗୀତ ଗାଇବାକୁ ଲାଗିଲା। ତା' ଦେଖାଦେଖି ସେଠାକୁ ଆଉ କିଛି କୋଇଲି ଆସିଲେ। ଗୀତ ବୋଲିଲେ। ଘର ଅଗଣାଟା ଖୁସିରେ ପୂରିଗଲା।

ଏଥର ମାମୁନିର ଖୁସି ଦେଖେ କିଏ! ସେ ଖୁସିରେ ନାଚି ଉଠିଲା। ଆଜି ତାକୁ କୋଇଲିର ଗୀତ ସବୁଠୁ ଅଧିକ ମିଠା ଲାଗୁଥିଲା।

**ପି ଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ**
**ରାଜ କିଶୋରନଗର, ଅନୁଗୋଳ- ୭୫୯୧୨୬**
**ମୋ: ୯୪୩୭୫୪୭୧୪୬**

ମିଛ ଲାଗିଲେ ବି ସତ

## ଭୂତ ଭୟରେ ଷ୍ଟେସନ ବନ୍ଦ




ଭୂତ ଭୟରେ କୌଣସି ରେଳ ଷ୍ଟେସନ ବନ୍ଦ ହୋଇଯିବା ଘଟଣା ଅସମ୍ଭବ ଲାଗୁଥିଲେ ବି ସତ। ବର୍ଷେ ନୁହେଁ କି ଦୁଇ ବର୍ଷ ନୁହେଁ, ପୂରା ୪୨ ବର୍ଷ। ଷ୍ଟେସନଟି ହେଉଛି ପଶ୍ଚିମ ବଙ୍ଗ ପୁରୁଲିଆ ଜିଲ୍ଲାର ବେଗୁନକୋଦର। ଏହି ଷ୍ଟେସନରେ ସନ୍ଧ୍ୟା ହେଲେ କୁଆଡ଼େ ଭୂତ ବାହାରୁ ଥିଲା ବୋଲି ସ୍ଥାନୀୟ ଲୋକ ଓ ରେଳ କର୍ମଚାରୀମାନେ କହୁଥିଲେ। କିନ୍ତୁ ୧୯୬୭ ମସିହାରେ ସେଠାକାର ଷ୍ଟେସନ ମାଷ୍ଟରଙ୍କର ରହସ୍ୟଜନକ ଅବସ୍ଥାରେ ମୃତ୍ୟୁ ଘଟିବା ପରେ ଷ୍ଟେସନଟିକୁ ପୂରା ବନ୍ଦ କରିଦିଆ ଯାଇଥିଲା। କୁହାଯାଇଥିଲା ଯେ ରେଳ ଲାଇନ୍‌ରେ ଜଣେ ଧଳା ଶାଢ଼ୀ ପିନ୍ଧା ମହିଳାଙ୍କୁ ଦେଖିବା ପରେ ସେ କୁଆଡ଼େ ଭୟରେ ପ୍ରାଣ ହରାଇଥିଲା। ମମତା ବାନାର୍ଜୀ ରେଳମନ୍ତ୍ରୀ ହେବାପରେ ତାଙ୍କ ଉଦ୍ୟମରେ ୨୦୦୯ ଅଗଷ୍ଟରେ ଷ୍ଟେସନ୍‌ଟି ପୁଣି ଖୋଲିଥିଲା। ତଥାପି ଏବେ ବି ସେଠାରେ ଭୂତ ଭୟ ଲାଗି ରହିଛି। ତେଣୁ ସନ୍ଧ୍ୟାପରେ ଷ୍ଟେସନଟି ପ୍ରାୟ ଜନଶୂନ୍ୟ ହୋଇପଡୁଛି।

ରେକର୍ଡ଼

## ଦ୍ରୁତଗାମୀ ଟ୍ରେନ



ଭାରତର ସବୁଠୁ ଦୂରଗାମୀ ଟ୍ରେନ୍ ହେଉଛି ବିବେକ ସୁପର ଫାଷ୍ଟ ଏକ୍ସପ୍ରେସ୍। ଏହା ଆସାମର ଡିବ୍ରୁଗଡ଼ରୁ ବାହାରି ତାମିଲନାଡ଼ୁର କନ୍ୟାକୁମାରୀ ପର୍ଯ୍ୟନ୍ତ ଯାଉଛି। ଟ୍ରେନ୍‌ଟି ପ୍ରାୟ ୪୨୦୦ କିଲୋମିଟର ଅତିକ୍ରମ କରୁଛି। ଟ୍ରେନ୍‌ଟିର ଯାତ୍ରା ସମୟ ୭୪ରୁ ୮୨ ଘଣ୍ଟା। ଏହା ସାଧାରଣତ ଘଣ୍ଟାକୁ ୬୦ରୁ୭୦ କିଲୋମିଟର ବେଗରେ ଗତି କରିଥାଏ। ଟ୍ରେନ୍‌ଟି ଆସାମରୁ ବାହାରି ମିଜୋରାମ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, କେରଳ ଅତିକ୍ରମ କରିବା ପରେ ତାମିଲନାଡୁରେ ପହଞ୍ଚିଥାଏ। ସ୍ୱାମୀ ବିବେକାନନ୍ଦଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉତ୍ସବ ପାଳନ ବେଳେ ୨୦୧୨ରେ ଏହି ଟ୍ରେନ୍‌ର ପ୍ରଚଳନ ଆରମ୍ଭ ହୋଇଥିଲା। ଏହାର ନମ୍ବର ହେଉଛି ୨୨୫୦୩/୨୨୫୦୪।



## ନିଦାଘ ଆସିଛି ବୋଲି



ଡ. ଶରତ କୁମାର ବିଶ୍ୱାଳ

ଖରାଦିନେ ନିଆଁଝୁଲ ଖସୁଥିଲା ବାଟରେ
ପିଲାମାନେ ଖେଳୁଥିଲେ ଗାଆଁ ଆମ୍ବ ତୋଟାରେ
ଆମ୍ବ ପାଚି ପଡ଼ଇ
ତଳେ ପଡ଼ି ଗଛ ମୂଳେ ପେଣ୍ଡୁପରି ଗଡ଼ଇ।
ବନା ଅଜା ଆସୁଥିଲେ ଗହୀରିଆ ପାଟରେ
ଖୋଜୁଥିଲେ ପାଣିମୁନ୍ଦେ ମିଳି ଯାଉ ବାଟରେ
ମିଳିଲାନି କେଉଁଠି
ଚାଲୁ ଚାଲୁ ଟେକା ବାଜି ଫାଟିଗଲା ଗୋଇଠି।
ନାଉରିଆ ଡଙ୍ଗାବାହି ପହଞ୍ଚିଲା ତଟରେ
ମୁଣ୍ଡରେ ଗାମୁଛା ଭିଡ଼ି ବସିଗଲା ଘାଟରେ
ବନା ଅଜା ଆସିଲେ
ନଈ ପାଣି ମୁନ୍ଦେପିଇ ଘାଟିଆକୁ ଡାକିଲେ।
ଘାଟପାରି ହୋଇ ଅଜା ପହଞ୍ଚିଲେ ହାଟରେ
ନାଲି ତରଭୁଜ ଖାଇ ଥଣ୍ଡା କଲେ ପେଟରେ
ହାଟ ବୁଲି ଦେଖିଲେ
ତଟକା ପରିବା କିଣି ମୁଣା ଖୋଲି ରଖିଲେ।
ଘୋ ଘୋ ଶବଦଟା ଶୁଭୁଥିଲା ହାଟରେ
ଜଗାସାହୁ ବିକୁଥିଲା ମିଠାବସି ଖଟରେ
ନାତି ପାଇଁ କିଣିଲେ
ଦୋକାନୀକୁ ଦେବା ପାଇଁ ଅଜା ଟଙ୍କା ଗଣିଲେ।

**ଋଷିପୁର, ସୁଜନପୁର, ଯାଜପୁର**
**ମୋ: ୯୪୩୭୬୯୨୫୪୫**



## କିଏ କାହା ପାଇଁ ସୁନ୍ଦର



ନନ୍ଦ କିଶୋର ସିଂହ

ଅଗଣା ସୁନ୍ଦର ଥିଲେ ତୁଳସୀର ଚଉଁରା
ବିଛଣା ସୁନ୍ଦର ଯଦି ଚଦରଟା ସୁତୁରା।
ଗାଡ଼ିଆ ସୁନ୍ଦର ଥିଲେ ତୁଠେ ଭଲ ପାହାଚ
ଦରିଆ ସୁନ୍ଦର ଯଦି ବୋଇତଟେ ଦେଖୁଚ।
ଆକାଶେ ସଞ୍ଜ ସକାଳେ ହସେ ନାଲି ସୁରୁଯ
ପଞ୍ଝୁକେ ଚଉଁରା ମୂଳେ ଶୋଭା ଆଣେ ମୁରୁଜ।
ଚଇତେ ଆମ୍ବ ଡାଳରେ ରାବ ଦେଲେ କୋଇଲି
ପାଚିଲା ଆମ୍ବ ଝୁଲଇ ପବନରେ ଦୋହଲି।
ସଞ୍ଜ ହେଲେ ଗୋରୁଗୋଠ ଆସେ ଧୂଳି ଉଡ଼େଇ
ପୂଜା ପଣ୍ଡା ଭାଗବତ ପଢ଼େ ମନ ଲଗେଇ।
ଆମେ ସବୁ କରିବାରେ ବିଭୁ ନାମ ଜଣାଣ
ଗଢ଼ିବା ଆମ ଦୁନିଆ ସବୁକାଳେ ମହାନ।

**କୋରେଇ, ଯାଜପୁର**
**ମୋ: ୯୮୬୧୪୩୫୨୯୯**

## ଝୁମୁରୀ ପାଇଁ କି ଚିନ୍ତା



ବିଶ୍ୱଜିତା ମହାନ୍ତି

ଖରା ତାତିରେ ଶୁଖିଲା ଘାସ,
ଟାଙ୍ଗରା ବିଲ-ବାଡ଼ି,
ଝୁମୁରୀ ଆଜି ଯାଇଛି ଦୂରେ
ଛୁଆକୁ ଘରେ ଛାଡ଼ି।
ଯାଇଛି ଗାଇ ଦୂର ଜାଗାକୁ
ଖୋଜି 'କଅଁଳ ଘାସ'
ଖାଇବା ଶିଖେ ତହୁଁ ବାଛୁରୀ
ରହିକି 'ମାଆ' ପାଶ।
ଡାକିଲେ ବାପା 'ଝୁମା'କୁ ନଇ
ପଠାରେ ହୋଇ ଠିଆ,
କେଉଁଠି ଥିଲା ହାଜର ଆସି
ମାରି ଗୋଟିଏ ଡିଆଁ।
କହିଲେ-ଆଲୋ ଝୁମୁରୀ ଧନ!
କେଉଁଠି ଥିଲୁ ଲୁଚି
ଛୁଆ କଅଣ ଖାଇବ କହ
କାହିଁରେ ନାହିଁ ରୁଚି!
ଆ' ଝୁମୁରୀ ଛୁଆକୁ ତୋ'ର
ପେଟ ଭରିକି ପିଆ,
ମାଆ କ୍ଷୀର ତା' ପାଇଁ ଅମୃତ
ଦମ୍ଭରେ ହେଉ ଠିଆ।
ଘାସ ନହେଲେ, ଦେବି ତୁମ୍ଭଙ୍କୁ
ଭାଙ୍ଗି ପତର-ଡାଳ
ଯିବୁନି ଚାଲି ସଡ଼କେ ଆଉ
ଭଲ ତ ନାହିଁ କାଳ।
ତୋ' ଲାଗି କ୍ଷୀର-ଦହି-ଛେନାରେ
ପୂରୁଛି ଆମ ଘର
ଟୁନା-ଟୁନିଙ୍କ ପାଇଁ କି ଲୋଡ଼ା
ଘିଅ-ଲବଣି-ଶର।
ବାଛୁରୀ ତୋ'ର କେଡ଼େ ସୁନ୍ଦର
କୁନି ପିଲାଟି ଆମ
ତାହାର ଲାଗି ଗୁହାଳ ସିନା
ଲାଗେ ସରଗ-ଧାମ।

**ସରଦେଇ ପୁର, ଗୋପୀନାଥପୁର**
**ଭୁବନେଶ୍ୱର-୨**
**ମୋ: ୮୪୮୦୯୯୮୦୯୧**

## ଗ୍ରୀଷମ



ବୃନ୍ଦାବନ କୁମ୍ଭାର

ଗ୍ରୀଷମ ପ୍ରବାହ ତାତି
ଖଇଫୁଟେ ଧରା ମେଳାଇ ପସରା
ମିଳେନି ଜୀବନେ ଶାନ୍ତି।
ଜଳଶୂନ୍ୟ ହୁଏ ପଥ
ଦହି ସରବତ ଲୋଡ଼ାହୁଏ ନିତ୍ୟ
ଥଣ୍ଡା ବରଫରେ ଜାତ।
ଗୋଡ଼ରେ ଚପଲ ପିନ୍ଧି
ହାତେ ପାଣି ବୋତଲ, ଦିଶେ ବିମଳ
ମୁଣ୍ଡରେ ପଗଡ଼ି ବାନ୍ଧି।
ଜରୁରୀ କାମରେ ଯିବା
ସଜାଗ ହୋଇକି ଯାତରା କରିଲେ
ବିପଦ ଏଡ଼ାଇ ଦେବା।
ଜନ ଜାଗରଣ ହୋଇ
ସ୍ଥାନେ ସ୍ଥାନେ ପୁଣି, ଦିଆ ହୁଏ ପାଣି
ତୃଷା ନିବାରଣ ପାଇଁ।
ପିଲାଠାରୁ ବୁଢ଼ା ଯେତେ
ସଚେତନ ହେଲେ, ସଦା ସୁଖମିଳେ
କାମ ଧେନୁ ହେବ ମର୍ତ୍ତେ।

**ଟିଟିଲାଗଡ଼, ବଲାଙ୍ଗୀର**
**ମୋ: ୯୬୬୮୮୬୮୭୦୬**

## ଜହ୍ନଦେଶ ଆମ ଅଳପ ଦୂର






କବିତା ମିଶ୍ର

ଜହ୍ନ ଦେଶ ଆମ ଅଳପ ଦୂର
ଚାଲ ଯିବା ସେଠି କରିବା ଘର।
ଦେଖିବା ପୃଥିବୀ ସେଠାରୁ ଆମେ
ହରିବା ଦୁଃଖକୁ ଲାଗିଣ କାମେ।
ପୃଥିବୀର ଶୋଭା ସେଠି ରଚିବା
ନୂତନ ସମାଜ ଆମେ ଗଢ଼ିବା।
ଜାଗାର ଅଭାବ ଦେବା ଦୂରେଇ
ଜହ୍ନମାମୁ ସଙ୍ଗେ ରହିବା ଯାଇ।
ଇଚ୍ଛା ଯେତେବେଳେ ଆସିବା ଫେରି
ମାଆର ଘରକୁ ଆନନ୍ଦ କରି।
ମାମୁଘର ମଜା କହି ମାଆକୁ
ହସାଇବା ଆମେ ମାଟି ମାଆକୁ।

**ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨**
**ମୋ: ୮୭୬୩୩୦୩୮୦୨**

## ତୁମ ପାଇଁ ବହି





### ମୋ ଆଶା

**ସଂପାଦକ: ସୁମନ୍ତ ମହାରଣା**
**ଠିକଣା: ପାଟପୁର, ନିମାପଡ଼ା, ଜି:ପୁରୀ**
**ମୂଲ୍ୟ: ୨୦ ଟଙ୍କା**

ଏହି ତ୍ରୈମାସିକ ଶିଶୁ ପତ୍ରିକାର ଗ୍ରୀଷ୍ମ ସଂଖ୍ୟା ପ୍ରକାଶ ପାଇଛି। ପିଲାଙ୍କ ମନକୁ ପାଇଲା ଭଳି ଅନେକ କବିତା ଓ ଗପ ଏଥିରେ ପ୍ରକାଶିତ ହୋଇଛି। ଏହାଛଡ଼ା ଚିତ୍ରରେ ପାର୍ଥକ୍ୟ, ଚିତ୍ରଧନ୍ଦା, ରଙ୍ଗଦିଅ, ହାତ ଅଙ୍କା ଛବି, ଆମ ପ୍ରତିଭା ଆଦି ବିଭାଗ ପତ୍ରିକାଟିର ମୁଖ୍ୟ ଆକର୍ଷଣ। ନିଶ୍ଚୟ ଏହା ପିଲାଙ୍କ ଦ୍ୱାରା ଆଦୃତ ହେବ।

## କୁନାକୁନିଙ୍କ ଚିତ୍ର






ସାଇ ନମ୍ରତା ମହାପାତ୍ର,
କ୍ଲାସ୍-୩,
ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର,
ନିମାପଡ଼ା, ପୁରୀ



ରାଜଲକ୍ଷ୍ମୀ ନାୟକ,
କ୍ଲାସ୍-୪,
ତିରିକଣା ପ୍ରାଥମିକ ବିଦ୍ୟାଳୟ,
କାକଟପୁର, ଜି: ପୁରୀ



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

ନିତିଦିନ NITIDIN

**ଆଜିର ମ୍ୟାଚ୍**

ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ଚେନ୍ନାଇ ସୁପର୍ କିଙ୍ଗ୍‌ସ
ସମୟ: ଅପରାହ୍ଣ ୩.୩୦, ସ୍ଥାନ: ହାଇଦ୍ରାବାଦ

ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ଦିଲ୍ଲୀ କ୍ୟାପିଟାଲ୍ସ
ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ବେଙ୍ଗାଲୁରୁ

### ଗିଲ୍‌ଙ୍କ ଅର୍ଦ୍ଧଶତକରେ ଗୁଜରାଟ ଟାଇଟନ୍ସର ଲଗାତାର ୩ୟ ବିଜୟ

# ସିଜନ୍‌ରେ କୋଲ୍‌କାତାର ୫ମ ପରାଜୟ

**ଅହମଦାବାଦ, ୧୭।୪/ଏଜେନ୍ସି:** ଗୁଜରାଟ ଟାଇଟନ୍ସ ଶୁକ୍ରବାର କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍)କୁ ୫ ୱିକେଟ୍‌ରେ ହରାଇ ଚଳିତ ଆଇପିଏଲ୍‌ରେ ଲଗାତାର ତୃତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ କୋଲ୍‌କାତା ପ୍ରଥମେ ୨୦ ଓଭର୍‌ରେ ୧୮୦ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଗୁଜରାଟ ୧୯.୪ ଓଭର୍‌ରେ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ଏହି ବିଜୟ ସହ ଟିମ୍ ୬ ପଏଣ୍ଟ ନେଇ ଟେବଲ୍‌ର ଚତୁର୍ଥ ସ୍ଥାନକୁ ଉଠିଛି। କୋଲ୍‌କାତା ସିଜନ୍‌ରେ ଲଗାତାର ୫ମ ମ୍ୟାଚ୍ ହାରି ବିଜୟ ଶୂନ୍ୟ ରହିଛି।

ଲକ୍ଷ୍ୟର ପିଛା କରୁଥିବା ଗୁଜରାଟ ଟାଇଟନ୍ସ ପକ୍ଷରୁ ସାଇ ସୁଦର୍ଶନ ଏବଂ କ୍ୟାପ୍‌ଟେନ୍ ଶୁଭମନ ଗିଲ୍ ଜବରଦସ୍ତ ଆରମ୍ଭ କରି ପ୍ରଥମ ୱିକେଟ୍ ପାଇଁ ୫୭ ରନ୍ ଯୋଡ଼ିଥିଲେ। ସୁଦର୍ଶନଙ୍କୁ ବ୍ୟକ୍ତିଗତ ୨୨ ରନ୍‌ରେ ଆଉଟ୍ କରି ସୁନିଲ ନାରାୟଣ୍ ଏଥିରେ ବ୍ରେକ୍ ଲଗାଇଥିଲେ। ପରେ ଜୋସ୍ ବଟ୍‌ଲର୍ ୨୫ ରନ୍ କରି ବରୁଣ ଚକ୍ରବର୍ତ୍ତୀଙ୍କ ଶିକାର ହୋଇଥିଲେ। ୱାଶିଂଟନ୍ ସୁନ୍ଦର ୧୩ ରନ୍ କରି ବରୁଣ ଚକ୍ରବର୍ତ୍ତୀଙ୍କ ବଲ୍‌ରେ କାର୍ତ୍ତିକ ତ୍ୟାଗୀଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ଇତିମଧ୍ୟରେ ୨୮ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ଗିଲ୍ ୫୦ ବଲ୍‌ରେ ୮ ଚୌକା ଓ ୪ ଛକା ସହାୟତାରେ ୮୬ ରନ୍ କରି ୧୭ତମ ଓଭର୍‌ର ଶେଷ ବଲ୍‌ରେ ବୈଭବ ଆରୋରାଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଏହାପରେ ଶେଷ ଓଭର୍‌ର ପ୍ରଥମ ବଲ୍‌ରେ ଗ୍ଲେନ୍ ଫିଲିପ୍ସ ୧୬ ବଲ୍‌ରେ ୧୯ ରନ୍ କରି ରମଣଦୀପ୍ ସିଂହଙ୍କ ଶିକାର ହୋଇଥିଲେ। ଚତୁର୍ଥ ବଲ୍‌ରେ ଶାହରୁଖ୍ ଖାନ୍ ଦୁଇ ରନ୍ ନେଇ ଟିମ୍‌କୁ ବିଜୟୀ କରାଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା କୋଲ୍‌କାତା ୨୩ ରନ୍‌ରେ ତିନିଟି ଶୀର୍ଷ ୱିକେଟ୍ ହରାଇଥିଲା। ପ୍ରଥମ ଓଭର୍‌ରେ ମହମ୍ମଦ ସିରାଜ୍ କ୍ୟାପ୍‌ଟେନ୍ ଆଜିଙ୍କ୍ୟ ରାହାଣେ (ଶୂନ୍ୟ)ଙ୍କୁ ଆଉଟ୍ କରିଥିଲେ। ଏହାପରେ ଫର୍ମରେ ଥିବା ଅଙ୍ଗକ୍ରିଷ ରଘୁବଂଶୀ ୮ ରନ୍‌ର କରି କାଗିସୋ ରବାଡ଼ାଙ୍କ ଶିକାର ହୋଇଥିଲେ। ଲୟରେ ଥିବା ଟିମ୍ ସେଫର୍ଟ (୧୯ ରନ୍) ମଧ୍ୟ ରବାଡ଼ାଙ୍କ ଶିକାର ହୋଇଥିଲେ। ଏହାପରେ କାମେରନ୍ ଗ୍ରୀନ୍ ଓ ରୋଭ୍‌ମ୍ୟାନ୍ ପାୱେଲ୍ ୪ର୍ଥ ୱିକେଟ୍ ପାଇଁ ୫୫ ରନ୍ ଯୋଡ଼ିଥିଲେ। ପାୱେଲ୍ ୨୭ ରନ୍ କରି ଅଶୋକ ଶର୍ମାଙ୍କ ବଲ୍‌ରେ ଆଉଟ୍ ହୋଇ ଫେରିଥିଲେ। ପାୱେଲ୍‌ଙ୍କ ଆଉଟ୍ ପରେ ଗ୍ରୀନ୍ ୪ ଚୌକା ଓ ୩ ଛକା ସହାୟତାରେ ୩୪ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହି ଅବସରରେ ସେ ଅନୁକୂଳ ରାୟଙ୍କ ସହ ୬୦ ରନ୍‌ର ପାର୍ଟନରଶିପ୍ କରିଥିଲେ। ଅନୁକୂଳ ୯ ରନ୍ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ଶିକାର ହୋଇଥିଲେ। ରିଙ୍କୁ ସିଂହ (୧ ରନ୍), ରମଣଦୀପ୍ ସିଂହ (୧୭ ରନ୍), ସୁନିଲ୍ ନାରାୟଣ (ଶୂନ୍ୟ) ଏବଂ କାର୍ତ୍ତିକ ତ୍ୟାଗୀ (୬ ରନ୍) ଶସ୍ତାରେ ଆଉଟ୍ ହୋଇଥିଲେ। ତେବେ ଗ୍ରୀନ୍ ଗୋଟିଏ ପଟେ ଟିକି ରହି ୫୫ ବଲ୍‌ରେ ୭ ଚୌକା ଓ ୪ ଛକା ସହାୟତାରେ ୭୯ ରନ୍ କରି ଶେଷ ବଲ୍‌ରେ ରଶିଦ୍ ଖାନ୍‌ଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଗୁଜରାଟ ପକ୍ଷରୁ ରବାଡ଼ା ୩ଟି ୱିକେଟ୍ ନେଇଥିବା ବେଳେ ସିରାଜ୍ ଓ ଅଶୋକ ଶର୍ମାଙ୍କୁ ୨-୨ ସଫଳତା ମିଳିଥିଲା।



**ଡଗ୍‌ଆଉଟ୍‌ରେ ଫୋନ୍ ବ୍ୟବହାର ମାମଲା**

## ଆର୍‌ଆର୍ ମ୍ୟାନେଜର୍‌ଙ୍କୁ ଏକ ଲକ୍ଷ ଜୋରିମାନା



**ନୂଆଦିଲ୍ଲୀ, ୧୭।୪/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍‌ର ୧୯ତମ ସିଜନ୍ ମଧ୍ୟରେ ଏକ ବଡ଼ ବିବାଦ ଦେଖାଦେଇଛି। ନିୟମ ଉଲ୍ଲଂଘନରେ ବିସିସିଆଇ କଠୋର କାର୍ଯ୍ୟାନୁଷ୍ଠା ଗ୍ରହଣ କରିଛି। ଫୋନ୍ ନେଇ ପିଏମ୍‌ଓଏକୁ ଯିବା ଏବଂ ଡଗ୍‌ଆଉଟ୍‌ରେ ବ୍ୟବହାର କରିବା ଅପରାଧରେ ବୋର୍ଡ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ମ୍ୟାନେଜର ରୋମି ଭିଣ୍ଡର୍‌ଙ୍କୁ ଏକ ଲକ୍ଷ ଟଙ୍କା ଜୋରିମାନା କରିବା ସହିତ କଡ଼ା ଚେତାବନୀ ମଧ୍ୟ ଦେଇଛି। ଏହି ମାମଲା ଗୁଆହାଟୀରେ ରାଜସ୍ଥାନ ରୟାଲ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବେଳେ ସାମ୍ନାକୁ ଆସିଛି। ମ୍ୟାଚ୍ ଚାଲିଥିବା ବେଳେ ରୋମି ଭିଣ୍ଡର୍ ଡଗ୍‌ଆଉଟ୍‌ରେ ଆଇପିଏଲ୍ ନିୟମ ବିପରୀତ ମୋବାଇଲ୍ ଫୋନ୍ ବ୍ୟବହାର କରୁଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ତାଙ୍କ ପାଖରେ ଆର୍‌ଆର୍ ଯୁବ ଓପନର୍ ବୈଭବ ସୂର୍ଯ୍ୟବଂଶୀ ବସିଥିଲେ। ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆ ମିଡିଆକୁ କହିଛନ୍ତି, ବୋର୍ଡର ଆଣ୍ଟି କରପ୍‌ସନ୍ ୟୁନିଟ୍ (ଏସିୟୁ) ଏହି ମାମଲାରେ ଭିଣ୍ଡର୍‌ଙ୍କ ଠାରୁ ସ୍ପଷ୍ଟୀକରଣ ମାଗିଥିଲା। ଭିଣ୍ଡର ନିଜ ପକ୍ଷ ରଖିଥିଲେ ମଧ୍ୟ ଏସିୟୁ ତାଙ୍କ ଜବାବରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହୋଇନାହିଁ। ଏହାପରେ ବିସିସିଆଇ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ଏକ ଲକ୍ଷ ଟଙ୍କା ଜୋରିମାନା କରିଛି ଏବଂ ଭବିଷ୍ୟତରେ ପୁଣିଥରେ ଏପରି ଭୁଲ ନକରିବା ପାଇଁ କଡ଼ା ଚେତାବନୀ ମଧ୍ୟ ଦେଇଛି।

## ଆଇପିଏଲ୍‌ରୁ ଟମ୍ ବାଣ୍ଟନ୍ ବାଦ୍



**ନୂଆଦିଲ୍ଲୀ, ୧୭।୪/ଏଜେନ୍ସି:** ଆଇପିଏଲ୍ ୨୦୨୬ ମଧ୍ୟରେ ଗୁଜରାଟ ଟାଇଟନ୍ସକୁ ଏକ ବଡ଼ ଝଟ୍‌କା ଲାଗିଛି। ଟିମ୍‌ର ବିସ୍ଫୋରକ ବ୍ୟାଟର୍ ଟମ୍ ବାଣ୍ଟନ୍ ଆଙ୍ଗୁଠି ଆଘାତ କାରଣରୁ ଗୋଟିଏ ବି ମ୍ୟାଚ୍ ନଖେଳି ପୂରା ଟୁର୍ଣ୍ଣାମେଣ୍ଟ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଗୁଜରାଟ ଅଜଣା ଖେଳାଳି ସାଉଥ୍ ଆଫ୍ରିକାର କୋନର୍ ଏଷ୍ଟରହୁଇଜନ୍‌ଙ୍କୁ ବଦଳ ଖେଳାଳି ଭାବେ ଟିମ୍‌ରେ ସାମିଲ କରିଛି। ଟିମ୍ ଏଷ୍ଟରହୁଇଜନ୍‌ଙ୍କୁ ୭୫ ଲକ୍ଷ ଟଙ୍କା ନିଜ ସହ ଯୋଡ଼ିଛି। ୨୪ ବର୍ଷୀୟ ଏହି ୱିକେଟ୍‌କିପର୍ ବ୍ୟାଟର୍ ଚଳିତ ବର୍ଷ ମାର୍ଚ୍ଚରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟି-୨୦ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ ଏବଂ ୫ ମ୍ୟାଚ୍‌ରେ ୫୦ ହାରାହାରିରେ ୨୦୦ ରନ୍ କରିଥିଲେ। ଏହା ବ୍ୟତୀତ ସେ ଏସ୍‌ଏ୨୦ ଲିଗ୍‌ରେ ୨୩ ମ୍ୟାଚ୍ ଖେଳି ୩୮୫ ରନ୍ କରିଛନ୍ତି। ଏସ୍‌ଏ୨୦ ଏବଂ ଆଇଟିଏଲ୍ ଟି-୨୦ ଲିଗ୍ ପରେ ଏବେ ସେ ଆଇପିଏଲ୍‌ରେ ପ୍ରଥମ ଥର ପାଇଁ ଖେଳିବେ।

## ବେଙ୍ଗାଲୁରୁରେ ଆଇପିଏଲ୍ ଟିକେଟ୍ କଳାବଜାର

**ବେଙ୍ଗାଲୁରୁ, ୧୭।୪/ଏଜେନ୍ସି:** ବେଙ୍ଗାଲୁରୁରେ ଆଇପିଏଲ୍ ଟିକେଟ୍ କଳାବଜାରକୁ ନେଇ ଏକ ବଡ଼ ଖୁଲାସା ହୋଇଛି। ପୁଲିସ୍ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଜଣେ କ୍ୟାଣ୍ଟିନ୍ କର୍ମଚାରୀକୁ ଗିରଫ କରି ତାଙ୍କଠାରୁ ପ୍ରାୟ ୧୦୦ ମ୍ୟାଚ୍ ଟିକେଟ୍ ଜବତ କରିଛି। ଅଭିଯୁକ୍ତ ଏହି ଟିକେଟ୍‌କୁ ବହୁଗୁଣା ଦାମ୍‌ରେ ବିକିବାକୁ ଉଦ୍ୟମ ଚଳାଇଥିଲା। ଅଭିଯୁକ୍ତ ଚନ୍ଦ୍ରଶେଖର ଷ୍ଟାଡିୟମ୍ ଭିତରେ ଥିବା ଶ୍ରୀ ଲକ୍ଷ୍ମୀ କ୍ୟାଣ୍ଟିନ୍‌ରେ କାମ କରୁଥିଲା। ପୁଲିସ୍ ଅନୁସାରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଏବଂ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ମ୍ୟାଚ୍‌ର ଟିକେଟ୍ ୧୫ରୁ ୧୯ ହଜାର ଟଙ୍କା ବିକ୍ରି ହେଉଥିଲା ବେଳେ ଏହାର ବାସ୍ତବିକ ଦାମ୍ ଏହାଠାରୁ ବହୁ କମ୍।

**ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ର କ୍ୟାଣ୍ଟିନ୍ କର୍ମଚାରୀ ଗିରଫ**


**୧୫ରୁ ୧୯ ହଜାର ଟଙ୍କାରେ ବିକୁଥିଲେ ଟିକେଟ୍**

ଚଢ଼ଉ ବେଳେ ପୁଲିସ୍ ତା'ଠାରୁ ପ୍ରାୟ ୧୦୦ ଟିକେଟ୍ ଜବତ କରିଥିଲା। ପଚରା ଉଚରା ବେଳେ ଗଣେଶ ପରୀକ୍ଷିତ ନାମକ ବ୍ୟକ୍ତି ଏହି ଟିକେଟ୍ ଉପଲବ୍ଧ କରାଇ ଉଚ୍ଚା ଦାମ୍‌ରେ ବିକିବାକୁ କହିଥିଲା ବୋଲି ଅଭିଯୁକ୍ତ କହିଛି। ତେବେ ଗଣେଶ ପରୀକ୍ଷିତ ଏବେ ଫେରାର୍ ଅଛି ଏବଂ ପୁଲିସ୍ ତା' ତଲାସ ଚଳାଇଛି। ମାମଲାର ଗମ୍ଭୀରତା ଦୃଷ୍ଟିରୁ ସେଣ୍ଟ୍ରାଲ୍ କ୍ରାଇମ୍ ବ୍ରାଞ୍ଚ୍ (ସିସିବି) କେତେକ ଘରୋଇ କମ୍ପାନୀର ପ୍ରବନ୍ଧ ନିର୍ଦ୍ଦେଶକଙ୍କ ବିରୋଧରେ ଏଫ୍‌ଆଇଆର୍ ମଧ୍ୟ ରୁଜୁ କରିଛି। ଟିକେଟ୍ କଳାବଜାରର ଏହି ନେଟ୍‌ୱର୍କ କେତେ ବଡ଼ ଏବଂ ଏଥିରେ କେଉଁ କେଉଁ ବ୍ୟକ୍ତି ସାମିଲ ଅଛନ୍ତି, ପୁଲିସ୍ ଏହାର ସନ୍ଧାନରେ ଲାଗିଛି।

ଏହି ମାମଲା ଏପରି ସମୟରେ ସାମ୍ନାକୁ ଆସିଛି, ଯେତେବେଳେ କର୍ଣ୍ଣାଟକରେ ଆଇପିଏଲ୍ ଟିକେଟ୍ ବିତରଣକୁ ନେଇ ପୂର୍ବରୁ ହିଁ ବିବାଦ ରହିଛି। ନିକଟରେ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ରାଜ୍ୟର ସମସ୍ତ ବିଧାୟକଙ୍କୁ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ମ୍ୟାଚ୍ ପାଇଁ ତିନିଟି ଲେଖାଏଁ କମ୍ପ୍ଲିମେଣ୍ଟାରୀ ଟିକେଟ୍ ଦେବାକୁ ଘୋଷଣା କରିଥିଲେ। ତେବେ ଏହାକୁ ନେଇ ଅନେକ ବିଧାୟକ ପ୍ରଶ୍ନ ମଧ୍ୟ ଉଠାଇଥିଲେ। ଏହି ପୂରା ବିବାଦ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ (କେଏସ୍‌ସିଏ)ର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛି। ଏବେ ଦେଖିବାକୁ ଅଛି ଯାଞ୍ଚରେ ଆଉ କେଉଁ କେଉଁ ନାମ ସାମ୍ନାକୁ ଆସୁଛି ଏବଂ ଆଇପିଏଲ୍ ଟିକେଟ୍ କଳାବଜାରକୁ ନେଇ କ'ଣ କାର୍ଯ୍ୟାନୁଷ୍ଠାନ ହେଉଛି।



## ମାଦ୍ରିଦ୍ ଓପନ୍‌ରୁ ଓହରିଲେ ଜୋକୋଭିଚ୍



**ନୂଆଦିଲ୍ଲୀ, ୧୭।୪/ଏଜେନ୍ସି:** ୨୪ ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ୍ ନୋଭାକ୍ ଜୋକୋଭିଚ୍ ଏପ୍ରିଲ୍ ୨୩ରୁ ଆରମ୍ଭ ହେବାକୁ ଥିବା ମାଦ୍ରିଦ୍ ଓପନ୍‌ରୁ ଆହତ କାରଣରୁ ନାମ ପ୍ରତ୍ୟାହାର କରିନେଇଛନ୍ତି। ଶୁକ୍ରବାର ଜୋକୋଭିଚ୍ ସୋସିଆଲ୍ ମିଡିଆ ପୋଷ୍ଟ ଜରିଆରେ ଏହି ସୂଚନା ଦେଇଛନ୍ତି। ୩୯ ବର୍ଷୀୟ ଜେକୋଭିଚ୍ ଗତ ଏକମାସ ଧରି କୋର୍ଟରୁ ଦୂରେଇ ରହିଛନ୍ତି। ଶେଷଥର ପାଇଁ ସେ ଇଣ୍ଡିଆନ୍ ୱେଲ୍ସରେ ଖେଳିଥିଲେ। ସେଠାରେ ତାଙ୍କୁ ଚତୁର୍ଥ ରାଉଣ୍ଡ୍‌ରେ ଜ୍ୟାକ୍ ଡ୍ରାପର୍‌ଙ୍କ ଠାରୁ ପରାଜିତ ହେବାକୁ ପଡ଼ିଥିଲା। ଚଳିତ ବର୍ଷ ଜୋକୋଭିଚ୍ କେବଳ ଦୁଇଟି ମ୍ୟାଚ୍ ଖେଳିଛନ୍ତି। ଅଷ୍ଟ୍ରେଲିଆ ଓପନ୍‌ରେ ସେ ଉପବିଜେତା ଥିବାବେଳେ ଇଣ୍ଡିଆନ୍ ୱେଲ୍ସରେ ତାଙ୍କୁ ୪ର୍ଥ ରାଉଣ୍ଡ୍‌ରୁ ବିଦାୟ ନେବାକୁ ପଡ଼ିଥିଲା। ଗତମାସରେ ସେ ଡାହାଣ କାନ୍ଧ ଆଘାତ ଯୋଗୁଁ ମିଆମୀ ଓପନ୍‌ରୁ ମଧ୍ୟ ଓହରିଯାଇଥିଲେ। ନିକଟରେ ଅନୁଷ୍ଠିତ ମଣ୍ଟେ କାର୍ଲୋ ମାଷ୍ଟର୍ସରେ ମଧ୍ୟ ସେ ଖେଳିନଥିଲେ। ଜୋକୋଭିଚ୍ ନିଜ କ୍ୟାରିୟର୍‌ରେ ତିନିଥର (୨୦୧୧, ୨୦୧୬ ଏବଂ ୨୦୧୯) ମାଦ୍ରିଦ୍ ଓପନ୍ ଜିତିଛନ୍ତି। ଟୁର୍ଣ୍ଣାମେଣ୍ଟ୍‌ରେ ତାଙ୍କ ରେକର୍ଡ ମଧ୍ୟ ଉନ୍ନତ। ସେଠାରେ ସେ ୩୦ ମ୍ୟାଚ୍ ଜିତିଥିବା ବେଳେ କେବଳ ୧୦ ହାରିଛନ୍ତି। ଏବେ ଜୋକୋଭିଚ୍ ପରବର୍ତ୍ତୀ ଟୁର୍ଣ୍ଣାମେଣ୍ଟ୍ ଇଟାଲିଆନ୍ ଓପନ୍ ଖେଳିବାକୁ ସୂଚୀବଦ୍ଧ ହୋଇଛନ୍ତି। ତେବେ ମେ' ୮ରୁ ଆରମ୍ଭ ହେଉଥିବା ଟୁର୍ଣ୍ଣାମେଣ୍ଟ୍‌ରେ ଅଂଶଗ୍ରହଣ ତାଙ୍କ ଫିଟ୍‌ନେସ୍ ଉପରେ ନିର୍ଭର କରୁଛି।

### ଦେଶ ବିଦେଶ

**ଆମେରିକାର କଟକଣାକୁ ଅଣଦେଖା**

## ରୁଷୀୟ ତୈଳ ଓ ଏଲ୍‌ପିଜି ଆମଦାନୀ ଜାରି ରଖିବ ଭାରତ

**ନୂଆଦିଲ୍ଲୀ, ୧୭।୪/ଏଜେନ୍ସି:** ଆମେରିକାକୁ ଶକ୍ତ ଜବାବ ଦେଇଛି ଭାରତ। ଆମେରିକା ପକ୍ଷରୁ ପ୍ରଦତ୍ତ ୩୦ ଦିନିଆ କଟକଣା କୋହଳ ଅବଧି ଗତ ଏପ୍ରିଲ ୧୧, ୨୦୨୬ରେ ଶେଷ ହୋଇଛି। ଏହାସତ୍ତ୍ୱେ ଭାରତ ରୁଷ୍ ଠାରୁ ଅଶୋଧିତ ତୈଳ ଓ ଏଲ୍‌ପିଜି ଆମଦାନୀ ଜାରି ରଖିବ ବୋଲି ଶୁକ୍ରବାର ସ୍ପଷ୍ଟ କରିଛି। ଭାରତ ସରକାର ଏହାକୁ ଏକ ସାର୍ବଭୌମ ନିଷ୍ପତ୍ତି ବୋଲି ଦର୍ଶାଇବା ସହ ଶକ୍ତି ଆମଦାନୀ କ୍ଷେତ୍ରରେ କୌଣସି ବିଦେଶୀ କଟକଣା ଉପରେ ନିର୍ଭର କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଯଦିଓ ଆମେରିକା ଇରାନ୍ ଓ ରୁଷ୍ ବିରୋଧରେ କଠୋର ଆର୍ଥିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦେଇଛି, ତଥାପି ଭାରତୀୟ ବିଶୋଧନାଗାରଗୁଡ଼ିକ କଟକଣା ମୁକ୍ତ ସଂସ୍ଥା ଓ ପରିବହନ ମାଧ୍ୟମରେ ରୁଷ୍‌ରୁ ଇନ୍ଧନ କ୍ରୟ ଜାରି ରଖିବାକୁ ଯୋଜନା କରିଛନ୍ତି। ମୋଦୀ ସରକାରଙ୍କ ଠାରୁ ନିର୍ଭର ଆଶ୍ୱସନା ପାଇବା ପରେ ଭାରତୀୟ ପେଟ୍ରୋଲିୟମ୍ କମ୍ପାନୀଗୁଡ଼ିକ ଏବେ ରୁଷ୍‌ରୁ ତୈଳ ଏବଂ ଗ୍ୟାସ୍ ଆମଦାନୀ କରିବାକୁ ଅଣ୍ଟା ଭିଡିଛନ୍ତି।

ରିପୋର୍ଟ ଅନୁଯାୟୀ, ଭାରତର ତେଲ ଆମଦାନୀ କୌଣସି ଦେଶର ପ୍ରତିବନ୍ଧକ ଦ୍ୱାରା ନିର୍ଦ୍ଧାରିତ ହୁଏ ନାହିଁ। ଭାରତୀୟ ରିଫାଇନାରୀଗୁଡ଼ିକ ପୂର୍ବଭଳି ରୁଷିଆରୁ ତେଲ କିଣିବା ଜାରି ରଖିବେ। ରୁଷିଆର ରାଜନୈତିକ ପ୍ରତିନିଧି ଡେନିସ୍ ଅଲିପୋଭ୍ କହିଛନ୍ତି ଯେ, ବିଶ୍ୱରେ ଯେତେ ବଡ଼ ପରିବର୍ତ୍ତନ ଆସିଲେ ବି ରୁଷିଆ ଭାରତକୁ ଅସୀମିତ ତେଲ ଯୋଗାଇବାକୁ ପ୍ରସ୍ତୁତ। ଆମେରିକାର ଅର୍ଥ ବିଭାଗ ଏକ୍ସ'ରେ କଠୋର ଆର୍ଥିକ କାର୍ଯ୍ୟାନୁଷ୍ଠାନର ଧମକ ଦେଇଥିଲେ ମଧ୍ୟ ରୁଷ୍ ନୀରବତା ଅବଲମ୍ବନ କରିଆସିଛି। ଅନ୍ୟପକ୍ଷେ ବିଶ୍ୱ ରାଜନୀତିରେ ଭାରତ ନିଜର ମତ ସ୍ପଷ୍ଟ କରିସାରିଛି। ପଶ୍ଚିମ ଦେଶଗୁଡ଼ିକର ଚାପ ଆଗରେ ନଇଁବା ପରିବର୍ତ୍ତେ ଭାରତ ନିଜର ୧୪୦ କୋଟି ଜନତାଙ୍କ ସ୍ୱାର୍ଥ ଏବଂ ଶକ୍ତି ସୁରକ୍ଷାକୁ ପ୍ରାଥମିକତା ଦେଇଛି। ଏହି ପଦକ୍ଷେପ ଆଗାମୀ ଦିନରେ ଭାରତ-ଆମେରିକା ସମ୍ପର୍କରେ କେଉଁ ମୋଡ଼ ଆଣୁଛି, ତାହା ଦେଖିବାକୁ ବାକି ରହିଲା।

ସମ୍ପ୍ରତି ଭାରତ ରୁଷ୍ ପାଇଁ ଜୀବାଶ୍ମ ଜାଳେଣିର ଦ୍ୱିତୀୟ ବୃହତ୍ତମ କ୍ରେତା ପାଲଟିଛି। ଭାରତ ନିଜ ଚାହିଦାର ପ୍ରାୟ ୩୫% ଶକ୍ତି ସାମଗ୍ରୀ ରୁଷ୍‌ରୁ ଆମଦାନୀ କରୁଛି। କେବଳ ମାର୍ଚ୍ଚ ମାସରେ ପ୍ରାୟ ୫.୮ ବିଲିୟନ ୟୁରୋ ମୂଲ୍ୟର ହାଇଡ୍ରୋକାର୍ବନ ଆମଦାନୀ କରିଛି, ଭାରତ ରୁଷ୍ ଠାରୁ। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଓ ପେଟ୍ରୋଲିୟମ ସଚିବ ନୀରଜ ମିତ୍ତଲଙ୍କ ଅନୁଯାୟୀ, ଦେଶର ଶକ୍ତି ସୁରକ୍ଷା ପାଇଁ ଭାରତ ବର୍ତ୍ତମାନ ୪୧ଟି ଦେଶରୁ ଅଶୋଧିତ ତୈଳ ଓ ୧୬ଟି ଦେଶରୁ ଏଲ୍‌ପିଜି ସଂଗ୍ରହ କରୁଛି। ପଶ୍ଚିମ ଏସିଆରେ ସଂଘର୍ଷ ଜାରି ରହିଥିବାରୁ ଭାରତ ନିଜର ଉତ୍ସଗୁଡ଼ିକୁ ବିବିଧ କରିଛି, ଯେଉଁଥିରେ ଆମେରିକା, ଅଷ୍ଟ୍ରେଲିଆ ଓ ରୁଷ୍ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ବ୍ୟାପାରିକ ସ୍ୱାର୍ଥ ଓ ଶକ୍ତି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତ କୌଣସି ନିର୍ଦ୍ଦିଷ୍ଟ ବ୍ଲକର ଚାପରେ ନରହି ନିଜର ଆମଦାନୀ ରଣନୀତି ଜାରି ରଖିବ ବୋଲି ସଙ୍କେତ ଦେଇଛି। ଭାରତର ଏପ୍ରକାର ସ୍ପଷ୍ଟୀକରଣକୁ ନେଇ ଆମେରିକା ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିନାହିଁ।




## ଇଣ୍ଡୋନେସିଆରେ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ, ୮ ମୃତ



**ଜାକର୍ତ୍ତା, ୧୭।୪/ଏଜେନ୍ସି:** ଇଣ୍ଡୋନେସିଆର ପଶ୍ଚିମ କାଲିମଣ୍ଟାନ ପ୍ରଦେଶରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ଆଠ ଜଣଙ୍କର ମୃତ୍ୟୁ ହୋଇଛି। ଉଦ୍ଧାରକାରୀ ଦଳ ଘଞ୍ଚ ଜଙ୍ଗଲରୁ ମୃତଦେହ ଏବଂ ଭଗ୍ନାବଶେଷ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ରିପୋର୍ଟ ଅନୁସାରେ ଇଣ୍ଡୋନେସିଆର ବୋର୍ଣ୍ଣିଓ ଦ୍ୱୀପରେ ଏକ ଭୟଙ୍କର ହେଲିକପ୍ଟର ଦୁର୍ଘଟଣା ଘଟିଛି। ଇଣ୍ଡୋନେସିଆର ଉଦ୍ଧାରକାରୀ ସଂସ୍ଥାର ମୁଖ୍ୟ କହିଛନ୍ତି ଯେ ଗୁରୁବାର ସକାଳେ ମେଲାୱିର ଏକ ବୃକ୍ଷରୋପଣ ଅଞ୍ଚଳରୁ ଏୟାର୍ ବସ୍ ଏଚ୍ ୧୩୦ ହେଲିକପ୍ଟର ଉଡ଼ାଣ ଆରମ୍ଭ କରିବାର ପାଞ୍ଚ ମିନିଟ ପରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଯେଉଁଠାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା ତାହା ଏକ ଘନ ଜଙ୍ଗଲ ଅଞ୍ଚଳରେ ଅବସ୍ଥିତ ଯାହା ଦୁର୍ଗମ, ପାହାଡିଆ ଭୂଖଣ୍ଡ ଦ୍ୱାରା ବର୍ଣ୍ଣିତ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ଉଦ୍ଧାରକାରୀ ସଂସ୍ଥାର ଜଣେ ମୁଖପାତ୍ର ନିଶ୍ଚିତ କରିଛନ୍ତି ଯେ ଦୁର୍ଘଟଣାରେ ହେଲିକପ୍ଟରରେ ଥିବା ୬ ଯାତ୍ରୀ ଏବଂ ଦୁଇ ଜଣ କ୍ରୁ ସଦସ୍ୟଙ୍କ ଜୀବନହାନି ହୋଇଛି। ଦୁର୍ଘଟଣା ଅଞ୍ଚଳଟି ଇଣ୍ଡୋନେସିଆର ଏକ ପାମ ତେଲ କମ୍ପାନୀ 'ସିତ୍ରା ମାହକୋଟା'ର ମାଲିକାନା ଅଧୀନରେ ଥିବା ବେଳେ ହେଲିକପ୍ଟରଟି 'ମାଥ୍ୟୁ ଏୟାର ନୁସାନ୍ତାରା' ନାମକ କମ୍ପାନୀ ନିର୍ମିତ। ଦୁର୍ଘଟଣା ପଛର ପ୍ରକୃତ କାରଣ ଜଣାପଡ଼ିନଥିଲେ ହେଁ, ଯାନ୍ତ୍ରିକ ତ୍ରୁଟି କିମ୍ବା ଖରାପ ପାଗ କାରଣରୁ ଦୁର୍ଘଟଣା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି।

## ହରିବଂଶ ୩ୟ ଥର ରାଜ୍ୟସଭା ଉପାଧ୍ୟକ୍ଷ



**ନୂଆଦିଲ୍ଲୀ, ୧୭।୪/ଏଜେନ୍ସି:** ରାଜ୍ୟସଭାର ଉପାଧ୍ୟକ୍ଷ ଭାବେ ପୁଣିଥରେ ଦାୟିତ୍ୱ ଗ୍ରହଣ କରିଛନ୍ତି ହରିବଂଶ ନାରାୟଣ ସିଂହ। ଏହାକୁ ମିଶାଇ କ୍ରମାଗତଃ ତୃତୀୟ ଥର ପାଇଁ ସେ ରାଜ୍ୟସଭାର ଉପାଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଛନ୍ତି। ଏହା ପୂର୍ବରୁ ହରିବଂଶ ଜେଡିୟୁ କୋଟାରେ ଦୁଇଟି କାର୍ଯ୍ୟକାଳ ପାଇଁ ରାଜ୍ୟସଭାକୁ ପ୍ରବେଶ କରିଥିଲେ ଏବଂ ଉପାଧ୍ୟକ୍ଷ ଭୂମିକା ନିର୍ବାହ କରିବାର ସୁଯୋଗ ପାଇଥିଲେ। ନିକଟରେ ତାଙ୍କ କାର୍ଯ୍ୟକାଳ (୯ ଏପ୍ରିଲ୍‌ରେ) ଶେଷ ହୋଇଥିବା ବେଳେ ତାଙ୍କୁ ପୁନର୍ବାର ରାଜ୍ୟସଭାକୁ ମନୋନୀତ କରାଯାଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ହରିବଂଶଙ୍କୁ ରାଜ୍ୟସଭାକୁ ମନୋନୀତ କରିଥିବା ବେଳେ ଶୁକ୍ରବାର ତାଙ୍କୁ ଏହି ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପ୍ରକାଶ, ରାଜ୍ୟସଭା ଉପାଧ୍ୟକ୍ଷ ଭାବେ ତାଙ୍କ ପ୍ରାର୍ଥୀତ୍ୱକୁ କ୍ଷମତାସୀନ ଏନ୍‌ଡିଏ ସରକାର ସମେତ ବିରୋଧୀ ଦଳଗୁଡ଼ିକ ମଧ୍ୟ ସମର୍ଥନ କରିଥିଲେ। ଫଳରେ ସେ ନିର୍ବିରୋଧରେ ରାଜ୍ୟସଭା ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ପ୍ରକାଶ, ଲୋକସଭାରେ ଉପବାଚସ୍ପତି ପଦ ୭ବର୍ଷ ହେଲା ଖାଲି ପଡିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରୁ ଆରମ୍ଭ କରି ବିଜେପି ତଥା ଏନ୍‌ଡିଏର ସମସ୍ତ ସାଂସଦ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେଙ୍କ ସମେତ ସମସ୍ତ ବିରୋଧୀ ଦଳର ସାଂସଦମାନେ ହରିବଂଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତେବେ ରାଜ୍ୟସଭା ପାଇଁ ମଧ୍ୟ ଏହା ଏକ ଐତିହାସିକ ଘଟଣା ସାଜିଛି। କାରଣ ପ୍ରଥମ ଥର ପାଇଁ ଜଣେ ମନୋନୀତ ସାଂସଦଙ୍କୁ ଗୃହର ଉପାଧ୍ୟକ୍ଷ ପଦର ଦାୟିତ୍ୱ ଦିଆଯାଇଛି।

**ରାହୁଲଙ୍କ ବିରୋଧରେ ବ୍ରିଟିଶ୍ ନାଗରିକତ୍ୱ ହାସଲ କରିଥିବା ଅଭିଯୋଗ**

## ଏଫ୍‌ଆଇଆର୍ ରୁଜୁ କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ

**ଲକ୍ଷ୍ନୌ, ୧୭।୪/ଏଜେନ୍ସି:** ଆହ୍ଲାବାଦ୍ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ ଶୁକ୍ରବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଏଫ୍‌ଆଇଆର ପଞ୍ଜିକରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି କହିଛନ୍ତି ଯେ ଏଫ୍‌ଆଇଆର ପଞ୍ଜିକୃତ ହେବା ଉଚିତ୍ ଏବଂ ମାମଲାର ତଦନ୍ତ ଭାର ସିବିଆଇକୁ ସ୍ଥାନାନ୍ତର କରାଯିବା ଉଚିତ୍। ପ୍ରକାଶ, କର୍ଣ୍ଣାଟକ ବିଜେପି କର୍ମୀ ଏସ୍. ଭିଗ୍ନେଶ ଶିଶିର, ରାହୁଲ୍‌ଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି ଯେ, ରାହୁଲ୍‌ଙ୍କ ପାଖରେ ଭାରତ ସହ ବ୍ରିଟିଶ ନାଗରିକତା (ଦ୍ୱୈତ ନାଗରିକତା) ମଧ୍ୟ ରହିଛି। ଏହା ଉପରେ ଶୁଣାଣି କରି କୋର୍ଟ ଆଜି ଏପ୍ରକାର ରାୟ ଶୁଣାଇଛନ୍ତି। ଏହାରି ମଧ୍ୟରେ ଏସ୍ ଭିଗ୍ନେଶ ଶିଶର, କୋର୍ଟ ସମ୍ମୁଖରେ ଦସ୍ତାବିଜ ଏବଂ ପ୍ରମାଣ ଉପସ୍ଥାପନ କରିଥିଲେ ଯାହା ସୂଚିତ କରୁଛି ଯେ ରାହୁଲ ଗାନ୍ଧୀ ୟୁକେରେ ଜଣେ ଭୋଟର ଥିଲେ ଏବଂ ସେଠାରେ ନିର୍ବାଚନରେ ତାଙ୍କର ଅଂଶଗ୍ରହଣ ରେକର୍ଡ ରହିଛି। ଆବେଦନକାରୀ ନିଜ ଆବେଦନରେ ଦାବି କରିଛନ୍ତି ଯେ, 'ରାହୁଲ ଗାନ୍ଧୀଙ୍କ ନାଗରିକତା ସମ୍ବନ୍ଧୀୟ ଅଭିଯୋଗ ଉପରେ ଶୀଘ୍ର ନିଷ୍ପତ୍ତି ନେବାକୁ କୋର୍ଟ ଗୃହ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବା ଉଚିତ୍।' ଏତଦ୍‌ବ୍ୟତୀତ ଆବେଦନରେ ରାହୁଲ ଗାନ୍ଧୀଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଅଯୋଗ୍ୟ ଘୋଷଣା କରିବାକୁ ମଧ୍ୟ ଦାବି କରାଯାଇଛି। ତେବେ ଏହି ମାମଲାରେ ଆହ୍ଲାବାଦ୍ ହାଇକୋର୍ଟ, ମନ୍ତ୍ରଣାଳୟର ବିଦେଶୀ ବିଭାଗକୁ ମାମଲା ସହିତ ଜଡିତ ସମସ୍ତ ପ୍ରାସଙ୍ଗିକ ଦସ୍ତାବିଜ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେବା ପରେ ମନ୍ତ୍ରଣାଳୟ ହାଇକୋର୍ଟରେ ମାମଲା ସହିତ ଜଡିତ ସମସ୍ତ ଫାଇଲ୍ ଉପସ୍ଥାପନ କରିଥିଲା। ଅନେକ ଗମ୍ଭୀର ଧାରା ଅନୁଯାୟୀ ମାମଲା ଦାୟର କରିବାକୁ ଚାହୁଁଥିବା ଆବେଦନରେ ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତା (ବିଏନ୍‌ଏସ୍)-୨୦୨୩, ସରକାରୀ ଗୁପ୍ତ ଆଇନ-୧୯୨୩, ପାସପୋର୍ଟ ଆଇନ-୧୯୬୭ ଏବଂ ବିଦେଶୀ ଆଇନ-୧୯୪୬ ର ଉଲ୍ଲଂଘନ ଅଭିଯୋଗ କରାଯାଇଛି। ଆବେଦନକାରୀ କହିଛନ୍ତି ଯେ ଏହି ମାମଲାରେ ଜାତୀୟ ସୁରକ୍ଷା ଏବଂ ନାଗରିକତା ସହିତ ଜଡିତ ଏକ ଗମ୍ଭୀର ପ୍ରସଙ୍ଗ ଜଡିତ। ଏହାପୂର୍ବରୁ ମଧ୍ୟ ଜୟ ଭଗବାନ ଗୋୟଲ ନାମକ ଜଣେ ବ୍ୟକ୍ତି ୨୦୧୯ରେ ରାହୁଲ୍‌ଙ୍କ ବିରୋଧରେ ସମାନ ଅଭିଯୋଗ ଆଣିଥିଲେ ଏବଂ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ କୋର୍ଟଙ୍କ ଏକ ବ୍ରିଟିଶ କମ୍ପାନୀର ୨୦୦୫-୦୬ ବାର୍ଷିକ ବିବୃତ୍ତିକୁ ଉଦ୍ଧୃତ କରିଥିଲେ, ଯେଉଁଥିରେ ରାହୁଲ ଗାନ୍ଧୀଙ୍କୁ ଜଣେ ବ୍ରିଟିଶ ନାଗରିକ ଭାବରେ ଦର୍ଶାଯାଇଥିଲା। ଏହାସତ୍ତ୍ୱେ ସୁପ୍ରିମକୋର୍ଟ ଏହାକୁ ଖାରଜ କରିଦେଇଥିଲେ।

## ଜୀଅନ୍ତା ଜଳିଗଲେ ୬ ଯାତ୍ରୀ

**ବେଙ୍ଗାଲୁରୁ, ୧୭।୪/ଏଜେନ୍ସି:** କର୍ଣ୍ଣାଟକର ୟାଦ୍‌ଗିର ଜିଲ୍ଲାରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୬ ଜଣ ପ୍ରାଣ ହରାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ଏକ କାର୍ ଏବଂ ଏକ ଘରୋଇ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ହେବା ମାତ୍ରେ ହିଁ କାର୍‌ଟିରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଦୌଡିଯାଇ କାର୍ ମଧ୍ୟରୁ ଆହତଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ କେବଳ ୨ଜଣଙ୍କୁ ହିଁ ଉଦ୍ଧାର କରିପାରିଥିଲେ। ନିଆଁର ମାତ୍ରା ତୀବ୍ର ହେବାରୁ କାର୍‌ରେ ଥିବା ବାକି ୬ଜଣଙ୍କୁ ସେମାନେ ବାହାର କରିପାରିନଥିଲେ। ଫଳରେ ସେମାନେ ସେହି କାର୍ ସହ ହିଁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଉଦ୍ଧାର ପାଇଥିବା ଆହତ ଦ୍ୱୟଙ୍କୁ ସ୍ଥାନୀୟ ଲୋକେ ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ପୁଲିସ ସୂଚନାନୁଯାୟୀ, ଘଟଣାଟି ସୁରପୁର ପୁଲିସ ଷ୍ଟେସନ ଅଧୀନସ୍ଥ ସୁରପୁର ତାଲୁକର ଦେବପୁର ନିକଟରେ ଘଟିଛି। ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି ଯେ କାର୍‌ଟି ୟାଦଗିରରୁ ରାଇଚୁର ଅଭିମୁଖେ ଯାତ୍ରା କରୁଥିବା ସମୟରେ ବେଙ୍ଗାଲୁରୁରୁ କଲାବୁରାଗି ଅଭିମୁଖେ ଯାତ୍ରା କରୁଥିବା ଏକ ଘରୋଇ ବସ୍ ସହିତ ଧକ୍କା ହୋଇଥିଲା। ଧକ୍କାର ପ୍ରଭାବ ଏତେ ତୀବ୍ର ଥିଲା ଯେ କାର ଏବଂ ବସ୍ ଉଭୟରେ ତୁରନ୍ତ ନିଆଁ ଲାଗିଯାଇଥିଲା। ଦୁର୍ଘଟଣାର ସଠିକ୍ କାରଣ ଜଣାପଡିନାହିଁ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra